R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୩୪
ତିଥି: ଚତୁର୍ଥୀ
୧୧ ସେପ୍ଟେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 334
11 Sept 2025,Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଫ୍ରାନ୍ସ ସ୍ଥିତି ଅସମ୍ଭାଳ



ପ୍ୟାରିସ, ୧୦।୯ : ନେପାଳ ହିଂସାଭଳି ଏବେ ୟୁରୋପୀୟ ଦେଶ ଫ୍ରାନ୍ସରେ ସମାନ ସ୍ଥିତି ଦେଖାଯାଇଛି। ଦେଶବ୍ୟାପୀ ଆନ୍ଦୋଳନ ସ୍ଥିତିକୁ ଅସମ୍ଭାଳ କରିଛି । ବୁଧବାର ବିକ୍ଷୋଭକାରୀ ଓ ପୁଲିସ୍ ମଧ୍ୟରେ ଦେଖିବାକୁ ମିଳିଛି ସଂଘର୍ଷ । ଆନ୍ଦୋଳନକାରୀ ରାସ୍ତା ରୋକ କରିଥିବା

## ରାସ୍ତାରେ ବିକ୍ଷୋଭକାରୀ

ବେଳେ ରାଜଧାନୀ ପ୍ୟାରିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରିଛନ୍ତି। ରାଷ୍ଟ୍ରପତି ଇମାନୁ୍ୟଏଲ ମାକ୍ରନ ଓ ତାଙ୍କ ସରକାର ବିରୋଧରେ ବଢୁଥିବା ଜନଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି ।

ପୋଡ଼ାଜଳା ଓ ଭଙ୍ଗାରୁଜା ଯୋଗୁ ପୁଲିସ୍ ୨୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିସାରିଲାଣି । ତଥାପି ହଜାର ହଜାର ଲୋକ ବ୍ଲକ ଏଭ୍ରିଥିଙ୍ଗ ବ୍ୟାନର ତଳେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି । ଆଭ୍ୟନ୍ତରୀଣ ମନ୍ତ୍ରୀ ବ୍ରୁନୋ ରେଟାଇଲ୍ଲେଙ୍କ କହିବା କଥା ବିକ୍ଷୋଭକାରୀ (୯ ପୃଷ୍ଠାରେ)

# ନରମିଲେ ଟ୍ରମ୍ପ, ମୋଦୀଙ୍କୁ ଅପେକ୍ଷା



ୱାଶିଂଟନ/ନୂଆଦିଲ୍ଲୀ, ୧୦।୯ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବ୍ୟବସାୟିକ ସମସ୍ୟାର ସମାଧାନ ପାଇଁ ଆଲୋଚନା ପୁଣି ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଛନ୍ତି ଯେ ମୁଁ ଖୁସି ଯେ ଭାରତ ଏବଂ ଆମେରିକା ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଜାରି ରଖିଛନ୍ତି। ମୁଁ ଆଗାମୀ ସପ୍ତାହଗୁଡ଼ିକରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥାବାର୍ତ୍ତା କରିବାକୁ ଅପେକ୍ଷା କରିଛି । ଟ୍ରମ୍ପ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଏହି ଆଲୋଚନା ଉଭୟ ଦେଶ ପାଇଁ ସଫଳ ଫଳାଫଳ ଆଣିବ। ଆମେରିକା ନିକଟରେ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗୁ କରିବାର କିଛି ସପ୍ତାହ ପରେ ତାଙ୍କର ଘୋଷଣା ଆସିଛି । (୯ ପୃଷ୍ଠାରେ)

## ସମ୍ପର୍କର ଦୃଢତା ଦୋହରାଇଲେ ମୋଦୀ

ନୂଆଦିଲ୍ଲୀ, ୧୦।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଭାରତ-ଆମେରିକା ସମ୍ପର୍କର ଦୃଢତାକୁ ପୁଣି ଦୋହରାଇବା ସହ ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ, ଉଭୟ ରାଷ୍ଟ୍ର ନିଜ ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବାକୁ ଏକାଠି କାମ କରିବେ । ଆମେରିକା ରାଷ୍ଟ୍ରପତିଙ୍କର ଏକ୍ସରେ ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି । ଭାରତ ଏବଂ ଆମେରିକା ଘନିଷ୍ଠ ବନ୍ଧୁ (୯ ପୃଷ୍ଠରେ)

# ସୁଶୀଳା ନେପାଳର ଅନ୍ତରୀଣ ନେତ୍ରୀ



କାଠମାଣ୍ଡୁ, ୧୦।୯ : ନେପାଳରେ ଲାଗି ରହିଥିବା ସମସ୍ୟା ମଧ୍ୟରେ ଜେନ୍ ଜେଡ୍ ଆନ୍ଦୋଳନକାରୀମାନେ ଏକ ଭର୍ଚୁଆଲ୍ ବୈଠକ ଡାକିଥିଲେ । ଏହି ଅନଲାଇନ୍ ବୈଠକରେ ପ୍ରାୟ ୫୦୦୦ରୁ ଅଧିକ ଯୁବକ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୋଟ୍ ଗଲା ପୂର୍ବ ନ୍ୟାୟାଧୀଷ ସୁଶୀଳା କାର୍କୀଙ୍କ ଆଡ଼କୁ। ସର୍ବସମ୍ମତିକ୍ରମେ ସେ ହିଁ ଏବେ ଦେଶର ଦାୟିତ୍ୱ ତୁଲାଇବେ । ନେପାଳର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା ଦେଶର ଅନ୍ତରୀଣ ସରକାର ବନିଛନ୍ତି। ଆୟୋଜିତ ଅନଲାଇନ୍ ଆଲୋଚନା ମୁଖ୍ୟତଃ ଶୀର୍ଷ ପଦବୀ ପାଇଁ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ଉପରେ କେନ୍ଦ୍ରିତ ହୋଇଥିଲା। କାଠମାଣ୍ଡୁ ମେୟର ବାଲେନ ଶାହଙ୍କୁ ପ୍ରାରମ୍ଭରେ ପ୍ରିୟ ଭାବରେ ଦେଖାଯାଉଥିଲେ ମଧ୍ୟ, ଅଂଶଗ୍ରହଣକାରୀମାନେ କହିଛନ୍ତି ଯେ ସେ ତାଙ୍କ ସହିତ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କଲେ ମଧ୍ୟ ସେ ଉତ୍ତର ଦେଇ ନଥିଲେ । ଫଳରେ ବାଧ ହୋଇ ସେମାନେ ସୁଶୀଳାଙ୍କୁ ବାଛିଥିଲେ। ନେପାଳୀ ଗଣମାଧ୍ୟମରେ ଜେନ୍ ଜେଡ୍ ପ୍ରତିନିଧୀଙ୍କ ପକ୍ଷରୁ କୁହାଯାଇଛି ଯେ ବାଲେନ ଶାହ ଆମର ଫୋନ୍ ନଉଠାଇବାରୁ ଆଲୋଚନା ଅନ୍ୟ ଦିଗକୁ ସ୍ଥାନାନ୍ତରିତ ହେଲା ।ସର୍ବାଧିକ ସମର୍ଥନ ସୁଶୀଳା କାର୍କୀଙ୍କୁ ମିଳିଛି । ସୂଚନା ରହିଛି ଯେ ପୂର୍ବରୁ କାର୍କୀଙ୍କୁ ଏହି ପ୍ରସ୍ତାବ ଦିଆଯାଇଥିଲା ଏବଂ ସେ ସମର୍ଥନ ସ୍ୱରୂପ ଅତି କମରେ ୧୦୦୦ ଜଣଙ୍କ ଲିଖିତ ଦସ୍ତଖତ ମାଗିଥିଲେ ।

# ଖୋଲିଲା କାଠମାଣ୍ଡୁ ବିମାନବନ୍ଦର

କାଠମାଣ୍ଡୁ, ୧୦।୯ : ନେପାଳ ହିଂସା ଥମିଛି । ଏବେ କାଠମାଣ୍ଡୁ ବିମାନବନ୍ଦର ପୁନର୍ବାର ଖୋଲିଛି ବୋଲି ନେପାଳର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ହିଂସା ରୋକିବା ପାଇଁ ନେପାଳ ସେନା ଦେଶବ୍ୟାପୀ କଟକଣା ଲାଗୁ କରିବା ପରେ ବୁଧବାର କର୍ତ୍ତୃପକ୍ଷ ଏକ ବୈଠକ ଡାକିଥିଲେ । ଏହି ବୈଠକରେ ବିମାନବନ୍ଦରକୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଯାହାଫଳରେ ପ୍ରତିକୂଳ ପରିସ୍ଥିତି ହେତୁ ସ୍ଥଗିତ ଥିବା ବିମାନ ଉଡ଼ାଣଗୁଡ଼ିକୁ ଏବେ ପ୍ରତ୍ୟାହାର କରାଯିବ । ଏଥିରେ ଯାତ୍ରୀମାନଙ୍କୁ ଉଡ଼ାଣ ସୂଚନା ପାଇଁ ସେମାନଙ୍କ ସମ୍ପୃକ୍ତ ବିମାନ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏହାସହିତ ଯାତ୍ରା କରିବା ସମୟରେ ବିମାନ ଟିକେଟ୍ ଏବଂ ପରିଚୟ ପତ୍ର ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି ।

ନେପାଳ ହିଂସା ହେତୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତକାଲି କାଠମାଣ୍ଡୁ ବିମାନ ବନ୍ଦରକୁ ପୂରାପୂରି ବନ୍ଦ କରି ଦିଆଯାଇଥିଲା । ଖାଲି ସେତିକି ନୁହେଁ ଏୟାର ଇଣ୍ଡିଆ ତାର ସମସ୍ତ ବିମାନ ନେପାଳକୁ ଉଡାଣ ବାତିଲ କରିଥିଲା । ନେପାଳରେ ହିଂସା ଏବଂ ଆନ୍ଦୋଳନ ଭୟଙ୍କର ରୂପ ନେଉଥିବାରୁ ଦିଲ୍ଲୀ-କାଠମାଣ୍ଡୁ ବିମାନ ଉଡାଣକୁ ବାତିଲ କରିଥିଲା ଏୟାର ଇଣ୍ଡିଆ । ଇଣ୍ଡିଗୋ ମଧ୍ୟ ଦିଲ୍ଲୀରୁ କାଠମାଣ୍ଡୁ ଯାଉଥିବା ସମସ୍ତ ବିମାନକୁ କାଲି ଗୋଟାଏ ଦିନ ପାଇଁ ବନ୍ଦ୍ କରିଥିଲା ।

## କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ଅନୁମୋଦନ

# ୮୦୦ ଏକରରେ ନୂଆ ସହର



ଭୁବନେଶ୍ୱର, ୧୦।୯ (ସବ୍ୟୁ) : ରାଜ୍ୟ କ୍ୟାବିନେଟ୍‌ର ୨୬ତମ ବୈଠକରେ ୫ ବିଭାଗର ୫ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଗୃହ ଓ ନଗର ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବାଣିଜ୍ୟ ଓ

- ମାଷ୍ଟରପ୍ଲାନ୍, ଭିତ୍ତିଭୂମି ବିକାଶ କରିବ ଏସ୍‌ଜେଆଇ
- ୧୫ ବର୍ଷରେ ବିଡିଏ ଖର୍ଚ୍ଚ କରିବ ୮୧୭୯ କୋଟି
- ୧୧୮ କୋଟିରେ କିଣା ହେବ ଆଉ ୪୨୮ ଆମ୍ବୁଲାନ୍ସ

ପରିବହନ ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ଗୋଟିଏ ଲେଖାଏଁ ପ୍ରସ୍ତାବ ଆସିଥିବାବେଳେ ଏହାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି ।

ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଥିଲେ । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗରୁ ଆସୁଥିବା ପ୍ରସ୍ତାବ ଅନୁଯାୟୀ ଭୁବନେଶ୍ୱର ଉନ୍ନୟନ ଯୋଜନା ଅଞ୍ଚଳ (ବିଡିପିଏ) ମଧ୍ୟରେ ଏକ ଆଧୁନିକ ଓ ସମାବେଶୀ ସହର କେନ୍ଦ୍ର ସୃଷ୍ଟି ପାଇଁ ନୂଆ ସହର ଉନ୍ନୟନ ବା ନିୟୁ ସିଟି ଯୋଜନାକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପ ଗୋଠପାଟଣା, ମଳିପଡା ଓ ଦାଶପୁର ଅଞ୍ଚଳରେ ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ । ଏହା ରାଜ୍ୟର ଦୀର୍ଘକାଳିନ ବିକାଶ ଯୋଜନା 'ବିକଶିତ ଓଡ଼ିଶା ୨୦୩୬' ସହ ଜଡିତ ଏକ ବହୁ ଅର୍ଥନୀତି ବୃଦ୍ଧି ଅଞ୍ଚଳ ଭାବେ ତିଆରି ହେବ । (୯ ପୃଷ୍ଠାରେ)

## କ୍ୟାବିନେଟ୍ ନିଷ୍ପତ୍ତି ସଂକଳନ ଜାରି

ଭୁବନେଶ୍ୱର, ୧୦।୯ (ସବ୍ୟୁ): ରାଜ୍ୟରେ ବିଜେପି ସରକାର ନିଜର ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ୧୪୯ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସଂକଳନ ଜାରି କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ସଂକଳନକୁ ଉନ୍ମୋଚିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି(ବୁଧବାର) ଲୋକସେବା ଭବନରେ ଆୟୋଜିତ ୨୬ତମ କ୍ୟାବିନେଟ୍ ବୈଠକରେ ପୂର୍ବର ୨୫ଟି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ମୁଖ୍ୟ ନିଷ୍ପତ୍ତିଗୁଡ଼ିକର ଏକ ସଂକଳନ ପ୍ରକାଶ କରିଛନ୍ତି । ଏହି ସଂକଳନରେ ୩୪ଟି ବିଭାଗର ୧୪୯ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିବରଣୀ ସାମିଲ ରହିଛି । ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକର ମୁଖ୍ୟ ନିଷ୍ପତ୍ତିଗୁଡ଼ିକ ରହିଛି । ଏହି ପଦକ୍ଷେପ ଓଡ଼ିଶା ସରକାରଙ୍କ ପାରଦର୍ଶୀ ଶାସନର ଏକ ଉଦାହରଣ ଭାବେ ଦେଖାଯାଉଛି ।

## ବିଧାନସଭା ଅଧିବେଶନରେ ସଚିବଙ୍କୁ ବିଦେଶ ମନା

ଭୁବନେଶ୍ୱର, ୧୦।୯ (ସବ୍ୟୁ) : ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଚଳିତମାସ ୧୮ ତାରିଖରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ବିଭାଗୀୟ ସଚିବଙ୍କ ପାଇଁ ଜାରି ହୋଇଛି ନିର୍ଦ୍ଦେଶନାମା। ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ସମସ୍ତ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ସଜାଗ ରହିବାକୁ କହିଲେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ବିଧାନସଭାରେ ଉଠାଯାଇଥିବା ସମସ୍ତ ପ୍ରସଙ୍ଗର ଉତ୍ତର ସଠିକ୍ ଭାବେ ରଖିବେ ବିଭାଗୀୟ ସଚିବ। ବିଧାନସଭା (୯ ପୃଷ୍ଠାରେ)

### ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା

# ଘରକୁ ଘର ବୁଲି ହେବ ସର୍ଭେ

ଭୁବନେଶ୍ୱର, ୧୦।୯ (ସବ୍ୟୁ) : ସୁଭଦ୍ରା ଯୋଜନାରେ ତୃତୀୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଘରକୁ ଘର ବୁଲି ସର୍ଭେ ହେବ । ଅଧିକାରୀମାନେ ଆଗାମୀ ୧୫ ଦିନ ଭିତରେ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ତଦନ୍ତ ରିପୋର୍ଟ ଦେବେ । ଏଥିପାଇଁ ଦୁଇ ଦିନ ଭିତରେ ଅଭିଯୋଗ ପୋର୍ଟାଲ ଖୋଲିବ । ବାଦ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ଲୋକସେବା ଭବନରେ ବୁଧବାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧକ୍ଷତାରେ ସୁଭଦ୍ରା ସମ୍ପର୍କୀତ ସମୀକ୍ଷା ବୈଠକ ହୋଇଛି । ସୁଭଦ୍ରା ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ । ଅନେକ ଯୋଗ୍ୟ ହିତାଧିକାରୀ ମହିଳା ସୁଭଦ୍ରା ତାଙ୍କ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନେ କାହିଁକି ବଞ୍ଚିତ ହେଲେ? ରାସନ କାର୍ଡ ଅଛି କି ନାହିଁ? କେୱାସି ଅପଡେଟ୍ ହୋଇଛି କି ନାହିଁ? ଏଭଳି ଅନେକ ପ୍ରସଙ୍ଗରେ ତର୍ଜମା କରାଯିବ । ଆଜି ଏନେଇ ବୈଠକରେ ସବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି । ବୈଠକ ପରେ ଶ୍ରୀମତୀ ପରିଡ଼ା କହିଥିଲେ, (୯ ପୃଷ୍ଠାରେ)

## ଆଜି ୫ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ

ପୁରୀ,୧୦।୯: ଗୁରୁବାର ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ମହାପାତ୍ର ସେବକମାନେ ଶ୍ରୀବିଗ୍ରହ ଶୃଙ୍ଗାର କରିବେ । ଦ୍ୱିତୀୟ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହେବ । ଏଥିପାଇଁ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି । ଗୁରୁବାର ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ନ ପ୍ରାୟ ୫ଟାରୁ ବନକଲାଗି ନୀତି ଆରମ୍ଭ ହେବ। (୯ ପୃଷ୍ଠାରେ)

### ୪ କୋଟି ଅନ୍‌ଲାଇନ୍ ଠକେଇ

# ଅଭିଯୁକ୍ତକୁ ଗିରଫ କଲା ପ.ବଙ୍ଗ ପୋଲିସ



ଭୁବନେଶ୍ୱର, ୧୦।୯ (ସବ୍ୟୁ) : ୪କୋଟି ଅନ୍‌ଲାଇନ୍ ଠକେଇ କରିଥିବା ଅଭିଯୁକ୍ତକୁ ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହରିହର ମହାପାତ୍ରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ପଶ୍ଚିମବଙ୍ଗ ନିଆଯାଇଛି ।

ସେୟାର ମାର୍କେଟ ଓ ଟ୍ରେଡିଂ ନାରେ ପଶ୍ଚିମବଙ୍ଗର ଶତାଧିକ ଲୋକଙ୍କୁ ବରମୁଣ୍ଡାର ହରିହର ଅନ୍‌ଲାଇନରେ ଠକେଇ କରିଥିବା ଅଭିଯୋଗ ହୋଇଥିଲା । ପଶ୍ଚିମବଙ୍ଗରେ ଅଭିଯୋଗ ହେବା ପରେ ପୋଲିସ ଛାନ୍‌ଭିନ୍ କରି ଅଭିଯୁକ୍ତ ହରିହରକୁ ଭୁବନେଶ୍ୱର ବରମୁଣ୍ଡାରେ ଠାବ କରିବା ପରେ ଖଣ୍ଡଗିରି ପୋଲିସ ସହାୟତାରେ ବୁଧବାର ତାକୁ ଗିରଫ କରାଯାଇଥିଲା ।

କୋଲ୍‌କାତା ମାଲ୍‌ଦା ଟାଉନ ପ୍ରଗତି ମୈଦାନ ଥାନାରେ ଠକେଇ ସମ୍ପର୍କରେ ଅଭିଯୋଗ ହୋଇଛି । ଅଭିଯୁକ୍ତ ହରିହର ଅଧିକ ଲାଭବାନ ହେବାକୁ ପ୍ରତିଶ୍ରୁତି ଦେଇ ସେୟାର ମାର୍କେଟ ଓ ଟ୍ରେଡିଂ ନାରେ ତାଙ୍କୁ ପ୍ରଭାବିତ କରିଥିଲା । ଟଙ୍କା ଖଟାଇଲେ ଅଧିକ ଲାଭବାନ ହେବା ଆଶାରେ ଟଙ୍କା ନିବେଶ କରିଥିଲେ। କୌଣସି ସେୟାର ମାର୍କେଟ କିମ୍ବା ଟ୍ରେଡିଂରେ ହରିହର ସେମାନଙ୍କ ଟଙ୍କାକୁ ବିନିଯୋଗ ନକରାଇ ନିଜେ ଆତ୍ମସାତ କରିଥିଲା ।

ପ୍ରତିଶ୍ରୁତି ଅନୁଯାୟୀ ବିନିଯୋଗ କରିଥିବା ଲୋକମାନେ ଟଙ୍କା ଫେରି ନପାଇବାରୁ ପ୍ରଗତି ମୈଦାନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ପୋଲିସ ଛାନ୍‌ଭିନ୍ କରିବା ପରେ ହରିହରକୁ ଭୁବନେଶ୍ୱରରୁ ଧରିବାରେ ସମର୍ଥ ହୋଇଛି । ହରିହରକୁ ଜେରା କରିବା ପରେ ୪କୋଟି କିମ୍ବା ଅଧିକ ଠକେଇ କରିଛି ତାହା ଜଣାପଡ଼ିବ ବୋଲି ଭୁବନେଶ୍ୱର ଆସିଥିବା ପ୍ରଗତି ମୈଦାନ ଥାନାର ଜଣେ ଅଫିସର କହିଛନ୍ତି ।

# ବଣ୍ଡାଘାଟିରେ ରାଜ୍ୟପାଳ



ମାଲକାନଗିରି, ୧୦।୯ (ସବ୍ୟୁ): କୋରାପୁଟ ଠାରୁ ସ୍ୱତନ୍ତ୍ର କାର ଯୋଗେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତର ବଣ୍ଡାଘାଟିକୁ ଗସ୍ତ କରିଛନ୍ତି । ରାଜ୍ୟପାଳ ଡ. କମ୍ଭମପାଟି କୋରାପୁଟରୁ ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପଲ୍ଲୀ ଠାରେ ପହଞ୍ଚିବା ପରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି,ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସପି ବିନୋଦ ପାଟିଲ, ଡିଏଫଓ ସାଇ କିରନ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବନ ବିଭାଗ ଡାକ ବଙ୍ଗଳାକୁ ପାଛୋଟି ନେଇଥିଲେ । ପରେ ରାଜ୍ୟପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ଗସ୍ତ କରିଥିଲେ। ଘାଟିରେ ପହଞ୍ଚିବା ପରେ ବଣ୍ଡା ପୁରୁଷ ଓ ମହିଳାମାନେ ରାଜ୍ୟପାଳଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇ ଫୁଲ ମାଳ ଦେଇ ପବିତ୍ର ସୀତାକୁଣ୍ଡ ଓ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।

ରାଜ୍ୟପାଳ ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ଏହାର ବିକାଶ କିପରି କରାଯିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ବଣ୍ଡା ଉନ୍ନୟନ ସଂସ୍ଥା ପରିଦର୍ଶନ କରି ଆଦିମ ବଣ୍ଡା ଜନଜାତିଙ୍କ ପାଇଁ ସଂସ୍ଥା ଦ୍ୱାରା କିପରି ବିକାଶ ହୋଇଛି ସେ ସମ୍ପର୍କରେ ପଚାରି (୯ ପୃଷ୍ଠାରେ)



### ଆଜି ଜନ୍ମଦିନ

## ଭୂଦାନ ଯଜ୍ଞର ସନ୍ଥ ବିନୋବା ବାଭେ

ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନଘଟିଛି । ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବଞ୍ଚିତ ହୋଇନାହିଁ । ଏଠାରେ ଅନେକ ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି । ବିନୋବା ବାଭେ ଥିଲେ ସେହିପରି ଜଣେ ସନ୍ଥ ଯିଏ ୧୮୯୫ ମସିହା ସେପ୍ଟେମ୍ବର ୧୧ରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ତିନି ବର୍ଷରେ ସେ ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ । ଆଠ ବର୍ଷରେ ବାଲ୍ୟଶିକ୍ଷା ସାରି ସେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଯାଇଥିଲା । ଜନ୍ମ ସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମଦାବାଦ ଯାଇ ମାଟ୍ରିକ ପାସ୍ କରିଥିଲେ । ଭାରତୀୟ ଶିକ୍ଷାର ମୂଳଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଯାଇଥିଲେ । ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନୀଙ୍କ ଗୃହରେ ରହି ବାର ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ତିନିମାସରେ ସାରିଥିଲେ । କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା । ଭାରତ ଛାଡ଼ ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ତିନିବର୍ଷ ଜେଲ ଦଣ୍ଡ ଭୋଗିଥିଲେ । ଜେଲରୁ ମୁକ୍ତ ହେବା ପରେ ସେ ସତ୍ୟାଗ୍ରହ, ସାରସ୍ୱତ, ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତାଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସେ ସମଗ୍ର ଭାରତବର୍ଷ ପଦ ଯାତ୍ରା କରିଥିଲେ, ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା । ନିଃସ୍ୱ କୃଷକଙ୍କୁ କିଛି ଚାଷ ଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କରିଥିଲେ । କେବଳ ଜମି ନୁହେଁ ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ଗ୍ରାମ ଦାନ କରି ଇତିହାସ ରଚିଥିଲେ । ସାମ୍ୟବାଦର ବୈପ୍ଳବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ଆଦିର ସଫଳତା ବଦଳାଇ ଦେଇଥିଲା । ଏହି ମହାନ ନୀତିନିଷ୍ଠ ସନ୍ଥଙ୍କର ୧୯୮୨ ମସିହା ନଭେମ୍ବର ୧୫ରେ ପରଲୋକ ହୋଇଯାଇଥିଲା । ୧୯୮୩ରେ ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା ।

ଡାକ୍ତର ଦିଲ୍ଲୀପ କୁମାର ମହାରଣା
ମୋ : ୮୨୮୦୯୬୩୨୮୩

## ସୋସିଆଲ କୋଟ୍ସ



“ମୋତେ ସବୁବେଳେ ଲାଇଫ୍‌ରେ ହାଉସ୍ ୱାଇଫ୍ ଦରକାର ଥିଲା । ତେଣୁ ଶିବାଙ୍ଗି ମୋ ପାଇଁ ତାଙ୍କ କ୍ୟାରିୟର ଛାଡିଦେଇଥିଲେ ।

ଶକ୍ତି କପୁର, ଅଭିନେତା



“ଯେତେବେଳେ ହ୍ରିତିକ୍ ପ୍ରଥମ ଫିଲ୍ମ ‘କହୋ ନା ପ୍ୟାର୍‌ହେ’ର ପ୍ରଥମ ସଟ୍ ଦେଇଥିଲେ । ଏହାକୁ ଦେଖି ମୁଁ ଚକିତ ହୋଇଯାଇଥିଲି । ସେ ଖୁବ ଭଲ ଅଭିନୟ କରିଥିଲେ ।

ରାକେଶ ରୋଶନ୍, ଫିଲ୍ମ ମେକର



“ଯଦି ସମୟରେ ପ୍ରତ୍ୟୁଷା ହସ୍ପିଟାଲରେ ପହଞ୍ଚି ଯାଇଥାଆନ୍ତେ, ତାହେଲେ ବଞ୍ଚିଯାଇଥାନ୍ତେ । ହସ୍ପିଟାଲ ଯିବା ଯାଏ ସେ ବଞ୍ଚିଥିଲେ । ଆଜି ବି ସେ ମନେପଡନ୍ତି ।

ରାହୁଲ ରାଜ ସିଂ, ଅଭିନେତା

### ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

## ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର

(କାଲି ପରି ଲାଗୁଛି, ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କେତେଜଣଙ୍କୁ ଗୋଟିଏ ଷଡ଼ଯନ୍ତ୍ର ମାମଲାରେ ଜଡ଼ିତ କରି କଟକ ଜେଲ୍‌କୁ ଅଣାଯାଇଥାଏ । ସେଇ ମାମଲାରେ ପ୍ରଧାନ ଆସାମୀ ଥିଲେ ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ (ବର୍ତ୍ତମାନ ସେ ହିମାଚଳ ପ୍ରଦେଶର ରାଜ୍ୟପାଳ) । ପରେ ସୁରେନ୍ଦ୍ର ବାବୁ ଜଣେ ପ୍ରଖ୍ୟାତ ବ୍ୟବସ୍ଥାପକ ଭାବରେ ସୁନାମ ଅର୍ଜନ କରିଥିଲେ । ମାତ୍ର ବୟାଳିଶ ଆନ୍ଦୋଳନରେ ଜଣେ ଟାଣୁଆ ବିପ୍ଳବୀ ବୋଲି ତାଙ୍କୁ ସମସ୍ତେ ଜାଣିଥିଲେ । କୋରାପୁଟରେ ଜଣେ ଗୋରା ଫରେଷ୍ଟ ଅଫିସରଙ୍କୁ ଉତ୍ତ୍ୟକ୍ତ ଜନତା ମାରି ପକାଇଥିଲେ । ଇଂରେଜ ସରକାରଙ୍କ ମୁଣ୍ଡକୁ



ପିତ୍ତ ଚଢ଼ି ଯାଇଥାଏ । ଲକ୍ଷ୍ମଣ ନାଏକଙ୍କ ବିରୋଧରେ ମିଛ ମୋକଦ୍ଦମା ସଜାଇବା ସଙ୍ଗେ ସଙ୍ଗେ କର୍ମଚାରୀମାନେ ଇଂରେଜ ଶାସକଙ୍କୁ ଖୁସି କରିବା ସକାଶେ ଆପ୍ରାଣ ଚେଷ୍ଟା ଚଳାଇଥା’ନ୍ତି । ଏ ପ୍ରକାର ଷଡ଼ଯନ୍ତ୍ର ମାମଲା ସେହି ଚେଷ୍ଟାର ଫଳ ବୋଲି ମୋର ମନେହୁଏ । ‘ବୟାଳିଶ ଆନ୍ଦୋଳନର ସ୍ମୃତି’ ଗୋପ ସେବା ସମାଜର ତ୍ରୈମାସିକ ମୁଖପତ୍ର, ବକୁଳବନ । ସମ୍ପାଦକ ଅଧ୍ୟାପକ ପ୍ରମୋଦ କୁମାର ନାୟକ, ଅଗଷ୍ଟ-ଅକ୍ଟୋବର ସଂଖ୍ୟା ୧୯୯୨ରୁ ଉଦ୍ଧୃତ ଓ ପରେ ସ୍ୱର୍ଗୀୟ ମହାପାତ୍ରଙ୍କ ଅପ୍ରକାଶିତ ଆତ୍ମଚରିତ ‘ଯେତିକି ମନେପଡ଼େ’ରେ ସ୍ଥାନିତ । ସ୍ୱର୍ଗୀୟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ର ଜୁନ୍ ୧୫ ତାରିଖ (୧୯୧୫)ରେ ଭଦ୍ରକରେ ଭୂମିଷ୍ଠ ହୋଇଥିଲେ, କାନ୍ତକବି ଲକ୍ଷ୍ମୀକାନ୍ତ ଓ ଲବଙ୍ଗଲତାଙ୍କ କୋଳ ମଣ୍ଡନ କରି । ତାଙ୍କ ରଚିତ ହରିଜନ ଗୀତ (କବିତା) ପୁସ୍ତକ ସବୁ ଆଦୃତ । ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ଭଦ୍ରକ ସହରରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

### ଇତିହାସ

୧୮୯୩- ଚିକାଗୋରେ ଓଜସ୍ୱିନୀ ଭାଷଣ ଦେଇ ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ ସ୍ୱାମୀ ବିବେକାନନ୍ଦ ।

୧୯୦୬- ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ ମହାତ୍ମା ଗାନ୍ଧି ।

୧୯୧୧- ତତ୍କାଳୀନ ଜନପ୍ରିୟ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜନ୍ମ ।

୧୯୪୧- ଆମେରିକା ରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନର ନିର୍ମାଣ ଆରମ୍ଭ ।

୧୯୬୧- ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନ ।


୧୯୬୮- ଫ୍ରାନ୍ସ ଏୟାରଲାଇନ୍ସର ବିମାନ-୧୬୧୧ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୯ ଯାତ୍ରୀ ଓ ୬ ବିମାନ କର୍ମଚାରୀଙ୍କ ମୃତ୍ୟୁ ।

୧୯୮୨- ଦକ୍ଷିଣ ଭାରତୀୟ ସିନେ ଅଭିନେତ୍ରୀ ଶ୍ରେୟା ଶରନଙ୍କ ଜନ୍ମ ।

୧୯୮୪- ମୁସ୍‌ଲିମ୍ ଲିଗ୍‌ର ଅଧ୍ୟକ୍ଷ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନିଧନ ।

୧୯୮୭- ମଧ୍ୟପ୍ରଦେଶର ଷଷ୍ଠ ମୁଖ୍ୟମନ୍ତ୍ରୀ ନରେଶ ଚନ୍ଦ୍ର ସିଂହଙ୍କ ପରଲୋକ ।

## ଓଜନ ବଢ଼ାଇଲେ ମିଳିବ ବୋନସ



ସାଧାରତଃ ସମସ୍ତେ ପତଳା ରହିବା ପାଇଁ ଚାହିଁ ଥାଆନ୍ତି । ଏଥିପାଇଁ କିଏ ଜିମ୍ ଯାଉଥିବାବେଳେ କିଏ ଘରେ ରହି ବ୍ୟାୟାମ କରିଥାଏ । ସବୁବେଳେ ଲୋକମାନେ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଏକ ପ୍ରେରଣା ଖୋଜି ଥାଆନ୍ତି, ଯାହା ସେମାନଙ୍କୁ ଫିଟ୍ ରହିବାକୁ ପ୍ରବର୍ତ୍ତାଇବ । ତେବେ ନିକଟରେ ଚୀନର ଏକ କମ୍ପାନୀରେ ଦେଖିବାକୁ ମିଳିଛି ଅଜବ ପ୍ରକାରର ପ୍ରୋତ୍ସାହନ । ଏଠିକାର ନିୟମ ଅନୁସାରେ ଯେଉଁ କର୍ମଚାରୀଙ୍କୁ ଓଜନ କମାଇବା ପାଇଁ ବୋନସ ପ୍ରଦାନ କରାଯାଉଛି । ଇନ୍‌ଷ୍ଟା ୩୬୦ କମ୍ପାନୀ ପକ୍ଷରୁ ଅଫିସରେ ଏକ ‘ମିଲିଅନ୍ ୟୁଆନ ୱେଟ୍ ଲସ ଚାଲେଞ୍ଜ’ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି । ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ସେମାନେ ତାଙ୍କର ଓଜନ କମାଇଲେ ତାଙ୍କୁ ବୋନସ ପ୍ରଦାନ କରାଯିବ । ପ୍ରତି ୦.୫ କେଜିର ଓଜନ କମାଇବାକୁ ୫୦୦ ୟୁଆନ ବା ୬,୧୦୦ ଟଙ୍କା ପ୍ରଦାନ କରାଯିବ । ତେବେ ଏହି କାର୍ଯ୍ୟକ୍ରମରେ ଭାଗନେଇ ଜଣେ କର୍ମଚାରୀ ୯୦ ଦିନରେ ୨୦ କେଜି କମାଇଛନ୍ତି । ସେ ଏହି ବାବଦକୁ କମ୍ପାନୀ ପାଖରୁ ୨.୪୭ ଲକ୍ଷ ଟଙ୍କା ବୋନସ ପାଇଛନ୍ତି । ୨୦୨୨ ପରଠାରୁ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଲଞ୍ଚ କରାଯାଉଛି, ଯାହା କର୍ମଚାରୀଙ୍କ ଭିତରେ ଫିଟନେସର ସଚେତନତା ବାଣ୍ଟୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ତେବେ ଯିଏ ଏହି କାର୍ଯ୍ୟକ୍ରମରେ ଭାଗନେବା ସମୟରେ ଓଜନ ବଢାଇବ ତାକୁ ଜରିମାନା ଦେବାକୁ ହେବ ବୋଲି ନିୟମ ରହିଛି । ଏହି କାର୍ଯ୍ୟକ୍ରମକୁ ବିଶେଷଭାବେ ମେଦବହୁଳତାକୁ କମାଇବାକୁ ଲଞ୍ଚ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି ।



## କିସ୍‌ମିସ୍ ପାଣି ଖୁବ ଉପକାରୀ

ଅନେକ ସମୟରେ ସମସ୍ତେ ପରାମର୍ଶ ଦେଇଥାଆନ୍ତି ସକାଳୁ ଖାଲି ପେଟରେ କିସମିସ ବତୁରା ପାଣିକୁ ପିଇବାକୁ । ଏହା ଆମ ଶରୀର ପାଇଁ ଖୁବ ଲାଭଦାୟକ ହୋଇଥାଏ । ସକାଳୁ ଖାଲି ପେଟରେ କିସମିସ ଭିଜା ପାଣି ପିଇଲେ ଆମର ଏନର୍ଜି ବୁଷ୍ଟ ହେବା ସହିତ ହଜମ ଶକ୍ତି ବଢିଥାଏ । ଏହାସହ ଆମର ରୋଗପ୍ରତିରୋଧକ ଶକ୍ତି ବଢିଥାଏ । ଭାରତୀୟ ଜୀବନଶୈଳୀ ପାଇଁ ଏହା ଖୁବ ଉପକାରୀ ହୋଇଥାଏ । ଏଥିରେ ଥିବା ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଆମର ମେଟାବଲିଜିମ୍‌କୁ ଶକ୍ତ କରିବା ସହିତ ପଟାସିଅମ ଆମର ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏହା ଆମର ହୃତପିଣ୍ଡ ପାଇଁ ମଧ୍ୟ ଲାଭ ଦାୟକ ହୋଇଥାଏ । ଏହା ଫଟିଗୋ, ଆନେମିଆ ସମସ୍ୟା ପାଇଁ ଉପକାରୀ ହୋଇଥାଏ । ତେଣୁ ପ୍ରତିଦିନ ଖାଲିପେଟରେ କିସମିସ ଭିଜା ପାଣି ପିଅନ୍ତୁ ଖୁବ ଲାଭ ମିଳିବ ।

## ଫୌଜୀ ଲୁକ୍‌ରେ ସଲମାନ



ସଲମାନ ଖାନ୍ ନିକଟରେ ନିଜର ଅପକମିଂ ଫିଲ୍ମ ବ୍ୟାଟଲ ଅଫ ଗଲବାନକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ଫିଲ୍ମର ଲୁକକୁ ନେଇ ଅନେକ ଚର୍ଚ୍ଚା ଲାଗିରହିଥିଲା । ଫ୍ୟାନମାନେ ଏହି ଫିଲ୍ମରେ ସଲମାନଙ୍କ ଲୁକ ଦେଖିବାକୁ ଖୁବ ଉତ୍ସାହିତ ଥିଲେ । ତେବେ ସମସ୍ତଙ୍କର ପ୍ରତୀକ୍ଷାର ଅନ୍ତ ଘଟିଛି, ନିକଟରେ ସୋସିଆଲ ମିଡିଆରେ ସଲମାନଙ୍କର ଲୁକ ରିଭିଲ ହୋଇଛି । ଏଥିରେ ସଲମାନଙ୍କୁ ସେନାର ବର୍ଦିରେ ଦେଖିବାକୁ ମିଳିଛି । ଯାହା ସଲମାନଙ୍କର ଏକ ଦମଦାର ଆକସନ୍ ଭୂମିକା ଆଡକୁ ଇଙ୍ଗିତ କରୁଛି । ଫିଲ୍ମଟି ୨୦୨୦ରେ ଗଲବାନ ଘାଟିରେ ଭାରତ ଓ ଚୀନ ମଧ୍ୟରେ ହୋଇଥିବା ଭୟଙ୍କର ମାରପିଟ୍‌କୁ ନେଇ ନିର୍ମାଣ କରାଯାଇଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଅପୂର୍ବ ଲଖିଆ ତୁଲାଉଥିବାବେଳେ ତାଙ୍କ ବିପକ୍ଷରେ ଚିତ୍ରଙ୍ଗଦା ସିଂ ନଜର ଆସିଛନ୍ତି । ଏହାସହ ଫିଲ୍ମରେ ଅନେକ ନୂଆ ଚରିତ୍ର ମଧ୍ୟ ଦେଖିବାକୁ ମିଳିବେ ।

ଫିଲ୍ମର ଲୁକକୁ ସୋସିଆଲ ମିଡିଆରେ ଖୁବ ପସନ୍ଦ କରାଯାଉଥିବା ନଜରକୁ ଆସିଛି । ଦର୍ଶକ ଖୁବ ଉତ୍ସାହର ସହିତ ଫିଲ୍ମ ଦେଖିବାକୁ ଅପେକ୍ଷା କରିଥିବା କମେଣ୍ଟ ମାଧ୍ୟମରେ ମତ ଦେଇଛନ୍ତି ।



ନିକଟରେ ସରିଛି ଗଣେଶ ଚତୁର୍ଥୀ ଯେଉଁଥିରେ ଭାରତର ବିଭିନ୍ନ ସ୍ଥାନରେ ଗଣେଶଙ୍କୁ ପୂଜା ଅର୍ଚ୍ଚନା କରାଯାଇଛି । ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ପ୍ରକାରର ଗଜାନନଙ୍କ ମୂର୍ତ୍ତି ସହିତ ପେଣ୍ଡାଲ ଶୋଭା ପାଇଥିଲା । ବିଭିନ୍ନ ସ୍ଥାନରେ ସୁଉଚ୍ଚ ମୂର୍ତ୍ତିସହିତ ତୋରଣ ଶୋଭା ପାଇଥିଲା । ତେବେ ଏହାରି ଭିତରେ ଏକ ଗଣେଶ ପୂଜା ଡେକୋରେସନ ସମସ୍ତଙ୍କୁ ମନମୋହିଥିଲା । ଜଣେ ଅଟୋ ରିକ୍ସା ଡ୍ରାଇଭର ନିଜ ଅଟୋକୁ ଚଳନ୍ତା ଗଣେଶ ପେଣ୍ଡାଲରେ ପରିବର୍ତ୍ତନ କରିଥିଲେ, ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା । ସେ କିଛିଦିନ ନିଜ ରୋଜଗାରକୁ ବନ୍ଦ କରି ମୁମ୍ବାଇର ରାସ୍ତାରେ ଏହି ଚଳନ୍ତା ଗଣେଶ ପେଣ୍ଡାଲ ଧରି ବୁଲିଥିଲେ । ସେ ଖୁବ ସୁନ୍ଦରଭାବେ ନିଜ ଅଟୋକୁ ପେଣ୍ଡାଲର ରୂପ ଦେଇଥିଲେ । ଏଥିରେ ଲାଇଟ, ଫଳ, ଫୁଲ ସବୁ ଦେଇ ସଜାଇଥିଲେ । ଜଣେ କଣ୍ଟେଣ୍ଟ କ୍ରିଏଟର ତାଙ୍କ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଖୁବ ଭାଇରାଲ ହୋଇଥିଲା । ଲୋକମାନେ ତାଙ୍କର ଏଭଳି ଭକ୍ତିକୁ ଖୁବ ପ୍ରଶଂସା କରିଥିଲେ ।

## ଚଳନ୍ତା ଗଣେଶ ପେଣ୍ଡାଲ

# ରାଜଧାନୀ କଲେଜରେ ତୁମୁଳକାଣ୍ଡ, ଦୁଇ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନ ନହେଉଣୁ ଓଡ଼ିଶାର ବିଭିନ୍ନ କଲେଜରେ ଉଷ୍ମତା ପରିଲକ୍ଷିତ ହେଲାଣି । ଭଦ୍ରକ କଲେଜ ପରେ ବୁଧବାର ରାଜଧାନୀ କଲେଜରେ ତୁମୁଳକାଣ୍ଡ ଘଟିଛି । କଲେଜ ପରିସର ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା । ନିର୍ଦ୍ଦିଷ୍ଟ ଏକ ଦଳର ସମର୍ଥନରେ ଆସିଥିବା ୨୦ରୁ ଉର୍ଦ୍ଧ୍ୱର୍ ଅଣଛାତ୍ରଙ୍କ ଆକ୍ରମଣରେ ଦୁଇଜଣ ଛାତ୍ର ଗୁରୁତର ହୋଇଛନ୍ତି । ଏହି ଦୁଇଜଣ ରକ୍ତାକ୍ତ ହୋଇଥିବା ବେଳେ ଅନ୍ୟ କେତେକ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି ।

ଛାତ୍ର ସଂସଦ ପାଇଁ ଆଶାୟୀ ପ୍ରାର୍ଥୀମାନଙ୍କ ପକ୍ଷରୁ ପୁସିଂକାର୍ଡ ବଣ୍ଟାଯିବା ସହ ପୋଷ୍ଟର ଲାଗିଲାଣି । ଏହା କେବଳ ରାଜଧାନୀ କଲେଜ ନୁହେଁ ବିଭିନ୍ନ କଲେଜ ପରିଲକ୍ଷିତ ହେଉଛି । ରାଜଧାନୀ କଲେଜରେ ଲାଗିଥିବା ଗୋଟିଏ ଗୋଷ୍ଠୀର ପୋଷ୍ଟରକୁ ଅନ୍ୟ ଏକ ଗୋଷ୍ଠୀ ଚିରି ଦେଇଥିବା ଅଭିଯୋଗରେ ମଙ୍ଗଳବାର ତୁମୁଳକାଣ୍ଡ ଘଟିଲା । ଏପରିକି ୪୦ ମିନିଟ୍‌ରୁ ଉର୍ଦ୍ଧ୍ୱର୍ ସମୟ କଲେଜ ପରିସରରେ ଗୋଡାଗୋଡି ହୋଇ ମାର୍‌ପିଟ୍ ହେଲେ । ଅଣଛାତ୍ର ଭୟଙ୍କର ଆକ୍ରମଣ କରିବାରୁ ଦୁଇଜଣ ରକ୍ତାକ୍ତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ୫ଟା ବାଜିଯିବାରୁ କଲେଜରେ ସବୁ କ୍ଲାସ୍ ଶେଷ ହୋଇଯାଇଥିଲା । ଯାହା ଫଳରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । କଲେଜ କର୍ତ୍ତୃପକ୍ଷ ଏହି ଘଟଣାକୁ ଦୃଷ୍ଟିରେ ରଖି ପୋଲିସ ସହାୟତା ଲୋଡ଼ିଛନ୍ତି । ଆସନ୍ତାକାଲି କଲେଜ ପରିସରରେ ପୋଲିସ ମୁତୟନ ହୋଇପାରନ୍ତି ।

# ଟିପି ଡିସ୍‌କମ୍ ଆଣିଛନ୍ତି ଗ୍ରାହକ କୈନ୍ଦ୍ରୀକ ଶକ୍ତି

ଭୁବନେଶ୍ୱର(ସବ୍ୟୁ): ଦ୍ରୁତ ଗତିରେ ରୂପାନ୍ତରିତ ହୋଇଥିବା ଓଡିଶାରେ ବିଦ୍ୟୁତ୍ ଆଉ କେବଳ ଏକ ଉପଯୋଗିତା ନୁହେଁ,ଏହା ହେଉଛି ଏକ ସେବା ଅନୁଭୂତି । ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମ୍ ଯଥା ଟିପିସିଓଡିଏଲ,ଟିପିଏସଓଡିଏଲ, ଟିପିଏନଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲର ନେତୃତ୍ୱ ଅଧୀନରେ ରାଜ୍ୟରେ ବିଲିଂଠାରୁ ବହୁ ଆଗକୁ ବଢ଼ି ଗ୍ରାହକ ସେବା କ୍ଷେତ୍ରରେ ଏକ ବିପ୍ଳବ ଦେଖିବାକୁ ମିଳିଛି ଯାହା ସେବା ହାସଲ କରିବା, ସହାନୁଭୂତି ଓ ନବସୃଜନ ପାଇଁ ଗଭୀର ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହେଉଛି ।ଓଡିଶାରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଏହି ଡିସକମଗୁଡିକ ଭାରତର ସବୁଠାରୁ ବ୍ୟାପକ ଏବଂ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ କରିଛନ୍ତି । ମୋବାଇଲ୍ ଆପ୍ ଏବଂ ହ୍ୱାଟସ୍‌ଆପ୍ ବିଲିଂରୁ ଆରମ୍ଭ କରି ଗ୍ରାମାଂଚଳ ସେବା ଶିବିର ଏବଂ ସ୍ଥାନୀୟ ସେବା କେନ୍ଦ୍ର ପର୍ଯ୍ୟନ୍ତ ଟାଟା ପାଓ୍ୱାର ଓଡିଶାରେ ବିଦ୍ୟୁତ୍ ସେବା ପ୍ରଦାନ, ବିଦ୍ୟୁତ୍ ସେବା ଅନୁଭୂତିକୁ ପୁନଃବ୍ୟାଖ୍ୟା କରିଛି । ଗ୍ରାହକମାନେ ଅନଲାଇନ୍ କିମ୍ବା ଏକ ମିସ୍ କଲ୍ ସେବା ମାଧ୍ୟମରେ ନୂତନ ସଂଯୋଗ ପାଇଁ ମଧ୍ୟ ଆବେଦନକରିପାରିବେ ଯାହାଦ୍ୱାରା କାଗଜପତ୍ର ଏବଂ ଅଫିସ୍ ପରିଦର୍ଶନ ଏବେ ଅତୀତ ହୋଇଛି । ହ୍ୱାଟସ୍‌ଆପ୍, ଇମେଲ୍,ଚବିଶ ଘଣ୍ଟିଆ କଲ ସେଣ୍ଟର ଏବଂ ଓଡିଶାର ମୋ ବିଦ୍ୟୁତ୍ ପୋର୍ଟାଲ୍ ମାଧ୍ୟମରେ ସେବା ଉପଲବ୍ଧ ହେଉଥିବାରୁ ବିଦ୍ୟୁତ୍ ପରିଚାଳନା ପୂର୍ବାପେକ୍ଷା ଅଧିକ ସହଜ ହୋଇପାରିଛି ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ସେମି କଣ୍ଡକ୍ଟର କ୍ଷେତ୍ରରେ ଥିବା ସମ୍ଭାବନାର ସୁଯୋଗ ନେବା ସଂପର୍କରେ ଆଲୋକପାତ

ଭୁବନେଶ୍ୱର,(ସବ୍ୟୁ) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ଆଗାମୀ ସେପେଫମ୍ବର ୧୮ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଏଥି ପାଇଁ ଉପସ୍ଥାପିତ ହେବାକୁ ଥିବା ବିଭିନ୍ନ ବିଭାଗର ବିଲ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ସମୟରେ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ସଂପୃକ୍ତ ବିଭାଗମାନେ ସ୍ଥିତି ଅନୁଧ୍ୟାନ କରିବା, ୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟ ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲି ଥିବା ଗ୍ରୁପ-ସି ପଦବୀ ପୂରଣ ଆଦି ସଂପର୍କରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା । ସେମି କଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାର ସୁଯୋଗ ନେବା, ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନକୁ ବୃଦ୍ଧି କରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ ସୂର୍ଯ୍ୟଘର ମୁଫତ ବିଜଳି ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ । ସେହିପରି ଓଡ଼ିଶାର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର କିପରି ଜାତୀୟ ଓ ବିଶ୍ୱ ସ୍ତରରେ ଗୁରୁତ୍ୱ ବଢ଼ିବ, ଏଏସଏମଇ ଉତ୍ପାଦ ପାଇଁ ବଜାର ସୃଷ୍ଟି, ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗ ସହିତ ଆବଶ୍ୟକ ସମନ୍ୱୟ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି, ପ୍ରୋତ୍ସାହନ, ରିଆତି ସୁବିଧା, ଭିତ୍ତିଭୂମି, ଗବେଷଣା ଓ ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ ।

ଆହୁରି ମଧ୍ୟ ଜନ ବିଶ୍ୱାସ ବିଲ୍ କାର୍ଯ୍ୟକାରିତାରେ ଶିଳ୍ପ ବିଭାଗ ସଂପର୍କିତ ଇଜ ଅଫ ଡୁଇଙ୍ଗ ବିଜନେସକୁ ସୁନିଶ୍ଚିତ କରିବା ସଂପର୍କରେ ଆଲୋକପାତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ବିଏମ୍‌ସିର ୩୪ତମ ସାଧାରଣ ବୈଠକ

# ଇଡ୍‌କୋବାସୀଙ୍କଠୁ ଆଦାୟ ହେବ ହୋଲ୍ଡିଂ ଟ୍ୟାକ୍ସ

- ୨୦ ସୁଦ୍ଧା ରାସ୍ତା, ବିଦ୍ୟୁତ ମରାମତି କାମ ଶେଷ କର
- ବସ୍ତିରେ ବାସ କରୁଥିବା ଲୋକେ ଦେବେ ୟୁଜର୍ସ ଫି'

ଭୁବନେଶ୍ୱର(ସବ୍ୟୁ): ବିଏମସି ଅନ୍ତର୍ଗତ ଇଡକୋ ଅଞ୍ଚଳରେ ସ୍ଥାନୀୟ ଲୋକ ଓ ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ଲୋକେ ବିଏମ୍‌ସିକୁ ହୋଲ୍ଡିଂ ଟ୍ୟାକ୍ସ ଦେବେ । ଏହି ଅର୍ଥରେ ସେହି ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ କରିବ ବିଏମ୍‌ସି । ସେହିପରି ବସ୍ତି ଅଞ୍ଚଳରେ ବସବାସ କରୁଥିବା ଲୋକେ ମଧ୍ୟ ୟୁଜର୍ସ ଫି' ଦେବେ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୪ ତମ ସାଧାରଣ ପରିଷଦ ବୈଠକ ଏହି ନିଷ୍ପତ୍ତି ହୋଇଛି ।

ଚଳିତ ପାର୍ବଣ ଋତୁ ପାଇଁ ବିଏମସି ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ତୁରନ୍ତ ମରାମତି କରିବାକୁ କୁହାଯାଇଛି । ଆସନ୍ତା ୨୦ ତାରିଖ ମଧ୍ୟରେ ରାସ୍ତା ମରାମତି କାମ ସାରିବାକୁ ଇଞ୍ଜିନିୟରିଂ ଉପବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ବିଏମ୍‌ସି ନୁହେଁ, ଆର୍‌ଆଣ୍ଡବି, ପୂର୍ତ୍ତ , ଇଡକୋ ଆଦି ସଂଯୁକ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଯୁଦ୍ଧରକାଳୀନ ଭିତ୍ତିରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ବିଦ୍ୟୁତ ଜନିତ ସମସ୍ୟା ସହିତ ଆଲୋକ ମରାମତି କାମ ମଧ୍ୟ ତୁରନ୍ତ ସାରିବାକୁ କୁହାଯାଇଛି । ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ରାସ୍ତାର ମାପ କରାଯିବ । ପ୍ରକୃତରେ ବିଏମ୍‌ସିର କେତେ ? କିଲୋମିଟର ରାସ୍ତା, ଆରଆଣ୍ଡବିର କେତେ? ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଇଡକୋର କେତେ କିଲୋମିଟର ରାସ୍ତା ରହିଛି ତାର ବାସ୍ତବ ଚିତ୍ର ଲୋକଲୋଚନକୁ ଆସିବ ।

ଆଗାମୀ ଦିନରେ ଘରକୁ ଘର ବୁଲି ବର୍ଜ୍ୟ ସଂଗ୍ରହ କରୁଥିବା ଗାଡିଗୁଡିକ ସଂପୃକ୍ତ ଏଜେନ୍ସିମାନେ ଦେବ । କେବଳ ଗାଡି ନୁହେଁ, ତାର ତେଲ, ଡ୍ରାଇଭର ଓ ହେଲଫର, ରକ୍ଷଣାବେକ୍ଷଣ ଖର୍ଚ୍ଚ ଇତ୍ୟାଦି ବର୍ଜ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଏଜେନ୍ସିମାନେ ଭରଣା କରିବା ନେଇ ଆଲୋଚନା ହୋଇଛ । ଶୃଙ୍ଖଳା ବର୍ଜ୍ୟ ପରିଚାଳନା ପାଇଁ ୩ଟି ପ୍ରଶାସନିକ ମଣ୍ଡଳରେ ୬ଟି ଡବ୍ଲ୍ୟୁଟିଏସ୍ ବା ବର୍ଜ୍ୟ ପରିବହନ ଷ୍ଟେସନ ପ୍ରତିଷ୍ଠା ହେବ । ଏଠାରେ ବର୍ଜ୍ୟଗୁଡିକୁ କମ୍ପ୍ରେସ କରାଯାଇ ସିଧାସଳଖ ଟିଟିଏସ୍ କିମ୍ବା ସିମେଣ୍ଟ କାରଖାନାକୁ ଯିବ । ଏହାଦ୍ୱାରା ଏମ୍‌ସିସି ଏବଂ ଟିଟିଏସରୁ ବହୁ ପରିମାଣର ବର୍ଜ୍ୟ ହ୍ରାସ କରାଯାଇପାରିବ । ବିଏମ୍‌ସି ଅଞ୍ଚଳରେ ବ୍ୟବସାୟ କରୁଥିବା ଅନୁଷ୍ଠାନ ବା ପ୍ରତିଷ୍ଠାନଗୁଡିକୁ ୪ରେ ୬ ଫୁଟ ବିଶିଷ୍ଟ ବୋର୍ଡ ଲଗାଇପାରିବେ । ମାତ୍ର ତାଠାରୁ ଅଧିକ ବା ବଡ ବୋର୍ଡ ଲଗାଇଲେ ସେମାନଙ୍କୁ ଟିକସ ଦେବାକୁ ପଡିବ ।

ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ ।

# ୨୨ ଗ୍ରାମ ବ୍ରାଉନ ସୁଗର ଜବତ, ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ସଦରଥାନା ପୁଲିସ ରାଇରଙ୍ଗ ଅଲିସର ମୋରୋମ ମୁଣ୍ଡିଆ ନିକଟରୁ ବଣିଆଟାଙ୍ଗୀ ଗ୍ରାମର ସୁଦୀପ୍ତ ସାମନ୍ତରାୟ (୩୫) ଓ ପ୍ରତାପ ଭଞ୍ଜ (୪୦) ପ୍ରମୁଖ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛିସେମାନଙ୍କ ଠାରୁ ୨୨.୩୦ଗ୍ରାମ ବ୍ରାଉନସୁଗର ସମେତ ୨ଟି ମୋବାଇଲ ଫୋନ୍, ଏକ ସ୍କୁଟି ଓ ନଗଦ ୭୫୦ଟଙ୍କାକୁ ଜବତ କରିଛି ପୁଲିସ। ସୁଦୀପ୍ତ ତାର ସହଯୋଗୀ ପ୍ରତାପ ସହ ଅଲିସର ମୋରୋମ ମୁଣ୍ଡିଆ ନିକଟରେ ଆଜି ବେପାର କରୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତି ଓ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା।ଏହି ଟିମ୍ ଏସ୍‌ଆଇ ଜୟନ୍ତ କୁମାର ଭଇଙ୍କ ନେତୃତ୍ୱରେ ଉକ୍ତ ମୋରୋମ ମୁଣ୍ଡିଆ ନିକଟରେ ଚଢଉ କରିଥିଲେ। ଚଢଉବେଳେ ପୁଲିସସେମାନଙ୍କୁ କାବୁ କରି ତାଙ୍କ ଠାରୁ ବ୍ରାଉନସୁଗର, ନଗଦ ଟଙ୍କା, ମୋବାଇଲ ଓ ସ୍କୁଟିକୁ ଜବତ କରିଛି। ଏନେଇ ୨୬୭/୨୫ରେ ଏକ ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

# ଦୁଇ ଅପହରଣକାରୀଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଦୁଇ ଅପହରଣକାରୀଙ୍କୁ ଅତିରିକ୍ତ ସେସନ ଜଜ୍-୩ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି । ଦୁଇ ଅପହର୍ତ୍ତା ହେଲେ ରଘୁନାଥ ମହାରଣା ଓ କାଳୁଚରଣ ମହାରଣା । ୨୦୧୫ ମସିହାରେ ଏୟାରଫିଲ୍ଡ ଥାନାରୁ ସେ ଗିରଫ ହୋଇଥିଲେ । ଆଜୀବନ ଜେଲ୍ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ୧ବର୍ଷ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୁହାଯାଇଛି ।

୨୦୧୫ ମସିହା ଜୁନ୍ ୧ ତାରିଖ ସନ୍ଧ୍ୟାବେଳେ ଅଭିଯୋଗକାରୀ ବୈରାଗୀ ବାରିକଙ୍କ ସାନପୁଅ ରବୀନ୍ଦ୍ର କୁମାର ବାରିକ କୌଣସି ଏକ କାମରେ ପୋଖରିପୁଟ ଅଞ୍ଚଳକୁ ଯାଇଥିଲେ । ପୋଖରିପୁଟ ପେଟ୍ରୋଲ ପମ୍ପ ନିକଟସ୍ଥ କାର୍‌ଗିଲ୍ ରାସ୍ତାରୁ ତାଙ୍କୁ ଦୁଇ ଅଭିଯୁକ୍ତ ରଘୁନାଥ ଓ କାଳୁ ଏବଂ ତାଙ୍କ ସହଯୋଗୀମାନେ ଅପହରଣ କରିନେଇଥିଲେ । ଅଭିଯୁକ୍ତମାନେ ତାଙ୍କୁ ମୁକ୍ତଜାମିନ ରଖିବା ସହ ୧୦ଲକ୍ଷ ଟଙ୍କା ଦାବି କରିଥିଲେ । ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ନିକଟରୁ ଟଙ୍କା ଦାବି କରିବା ଲାଗି ତିନୋଟି ମୋବାଇଲ ଫୋନ୍ ବ୍ୟବହାର କରିଥିଲେ । ଏହି ଅପହରଣ ଘଟଣାକୁ ଅପହୃତଙ୍କ ଜଣେ ବନ୍ଧୁ ଦେଖି ନେଇଥିଲେ ।

ଅପହରଣ ଘଟଣାକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନାରେ ଏହି ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତଙ୍କୁ ପୋଲିସ ସେହିବର୍ଷ ଜୁନ୍ ୬ ତାରିଖରେ ଗିରଫ କରିଥିଲା ବେଳେ ତାଙ୍କ ହେପାଜତରୁ ଅପହୃତ ରବୀନ୍ଦ୍ର କୁମାର ବାରିକଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍, ବାଇକ୍ ଓ ଅପହରଣରେ ବ୍ୟବହୃତ କାର୍ ଜବତ କରିଥିଲେ । ଅଦାଲତ ଏହି ମାମଲାରେ ସାକ୍ଷ୍ୟପ୍ରମାଣ ଓ ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ସହ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ରାୟ ପ୍ରକାଶ ତାରିଖରେ ଦୁଇ ଅଭିଯୁକ୍ତ ବାରମ୍ବାର ହାଜର ନହେବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି ହୋଇଥିଲା । ସେହି ଗିରଫ ପରଓ୍ୱାନା ବଳରେ ଚଳିତମାସ ୮ ତାରିଖ ଦିନ ରାତିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ହାଜର କରାଯିବା ପରେ ଦୁହିଁଙ୍କ ବିରୋଧରେ ଅଦାଲତ ଦଣ୍ଡବିଧାନ କାର୍ଯ୍ୟକାରୀ କରାଇଛନ୍ତି ।

## ବେଆଇନ ଖଣି ଉତ୍ତୋଳନ ମାମଲା

# ସମସ୍ତ ମାମଲାର ଏକତ୍ର ଶୁଣାଣି ପାଇଁ ନିର୍ଦ୍ଦେଶ

କଟକ, ( ସବ୍ୟୁ ): ବେଆଇନ ଖଣି ଉତ୍ତୋଳନ ନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଅକ୍ଟୋବର ୯ରେ ମାମଲାର ଶୁଣାଣି ହେବ। ସେହିଦିନ ଏହି ମାମଲା ସହ ଜଡ଼ିତ ଅନ୍ୟ ସମସ୍ତ ମାମଲାର ଏକତ୍ର ଶୁଣାଣି ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ନୂଆଦିଲ୍ଲୀର ଇନ୍‌ଫ୍ରାଷ୍ଟ୍ରକଚର ୱାଚଡଗ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।ଆବେଦନକାରୀ ସଂସ୍ଥା ପକ୍ଷରୁ ପିଟିସନ୍‌ରେ ଦର୍ଶାଯାଇଛି ଯେ, ଅର୍‌ଭେରମ୍ ପାଓ୍ୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ଏବଂ ଅମୁଲଗାମ୍ ଷ୍ଟିଲ୍ ପାଇଭେଟ୍ ଲିମିଟେଡ୍‌କୁ କେନ୍ଦୁଝରର ବଡ଼ବିଲ୍ ଅଞ୍ଚଳରେ ବେଆଇନ ଭାବେ ଖଣି ଟେକି ଦିଆଯାଇଛି । ଏହାଦ୍‌ବାରା ରାଜ୍ୟ ସରକାରଙ୍କୁ ବିପୁଳ ରାଜ୍ୟ କ୍ଷତି ପହଞ୍ଚିଛି । ଏହି ସଂସ୍ଥା ବିରୋଧରେ ପୂର୍ବରୁ ସେମାନେ ସିବିଆଇ, କେନ୍ଦ୍ର ଖଣି ମନ୍ତ୍ରାଳୟ ଆଦିରେ ଅଭିଯୋଗ ମଧ୍ୟ କରିଛନ୍ତି । ହାଇକୋର୍ଟରେ ମଧ୍ୟରେ ପୂର୍ବରୁ ଦୁଇଟି ମାମଲା ରୁଜୁ ହୋଇଛି । କିନ୍ତୁ ଏହି ସଂସ୍ଥାଙ୍କ ବିରୋଧରେ କୌଣସି କର୍ଯ୍ୟାନୁଷ୍ଠାନ ଗହଣ କରାଯାଇ ନାହିଁ । ତେଣୁ ଏମାନଙ୍କ ଖଣିଲିଜ୍‌କୁ ବାତିଲ୍ କରାଯିବା ସହ ବେଆଇନ ଭାବେ ଉତ୍ତୋଳନ ପାଇଁ ସେମାନଙ୍କ ଉପରେ ଜରିମାନା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି ।

DSPL-247



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

Tele MANAS 14416

ଆପଣଙ୍କ ସେବାରେ
ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା
୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

ଉପଲବ୍ଧ ପରାମର୍ଶ ସେବା

- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ ।

OIPR: 10003/13/0263/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ୨୫ ରୁ ସାହିତ୍ୟ ଏକାଡେମୀର 'ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ 'ଉନ୍ମେଷ'

## ଯୋଗ ଦେବେ ଦେଶ ବିଦେଶରୁ ୧୦୦ ଭାଷାର ୫୫୦ ଲେଖକ

ଭୁବନେଶ୍ୱର, (ସବ୍ୟୁ) : ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ ଉନ୍ମେଷର ତୃତୀୟ ସଂସ୍କରଣ ଏଥର ୨୫ ରୁ ୨୮ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବିହାରର ପାଟନାସ୍ଥିତ ସମ୍ରାଟ ଅଶୋକ କନଭେନସନ ସେଣ୍ଟରରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଏବଂ ସାହିତ୍ୟ ଏକାଡେମୀ ଦ୍ୱାରା ବିହାର ସରକାରଙ୍କ ସହଯୋଗରେ ମିଳିତ ଭାବରେ ଆୟୋଜିତ ହେଉଛି। ଆଜି ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରାଳୟର ସଚିବ ବିବେକ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସେ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ବିଜ୍ଞାନ ଭବନରେ ସେପ୍ଟେମ୍ବର ୧୧-୧୩ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଆଲୋଚନାଚକ୍ର ବିଷୟରେ ମଧ୍ୟ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତି ମନ୍ତ୍ରାଳୟର ଅତିରିକ୍ତ ସଚିବ ଅମିତା



ପ୍ରସାଦ ସରାଭାଇ, ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ସଦସ୍ୟ ସଚିବ ଡକ୍ଟର ସଚ୍ଚିଦାନନ୍ଦ ଜୋଶୀ ଏବଂ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ମଧ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

'ଉନ୍ମେଷ' ଅଂଶଗ୍ରହଣକାରୀ ସାହିତ୍ୟିକଙ୍କ ସଂଖ୍ୟା ଦୃଷ୍ଟିରୁ ଏସିଆର ସର୍ବବୃହତ ସାହିତ୍ୟ ମହୋତ୍ସବ। ଚଳିତ ବର୍ଷ ଭାରତ ଏବଂ ବିଦେଶର ପ୍ରାୟ ୫୫୦ ଜଣ ପ୍ରଖ୍ୟାତ ଲେଖକ, କବି, ବିଦ୍ୱାନ, ଅନୁବାଦକ, ପ୍ରକାଶକ ଏବଂ ବିଭିନ୍ନ କ୍ଷେତ୍ରର ଜଣାଶୁଣା ବ୍ୟକ୍ତିତ୍ୱଙ୍କୁ ନେଇ ପ୍ରାୟ ୯୦ଟି ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ଭାଷାର ପ୍ରତିନିଧିତ୍ୱ କରିବେ। ୧୨ଟି ଅନ୍ୟ ଦେଶର ଲେଖକ ମଧ୍ୟ ଏହି ଉତ୍ସବରେ ଯୋଗ ଦେବେ। ବିହାରର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ, ଅମୋଲ ପାଲେକର, ଜାଭେଦ ଅଖତର, ଗିରିଶ କାସରବଲ୍ଲୀ, ଶ୍ରୀମତୀ ସୋନାଲ ମାନସିଂହ ଏବଂ ଭାରତରେ ନିଯୁକ୍ତ କେତେକ ଦେଶର ରାଷ୍ଟ୍ରଦୂତଙ୍କ ସମେତ ବହୁ ପ୍ରସିଦ୍ଧ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ।

ମହୋତ୍ସବରେ କବିତା ଏବଂ କାହାଣୀ ପାଠ ବ୍ୟତୀତ ସାହିତ୍ୟ ଏବଂ ଅନ୍ୟାନ୍ୟ କଳାର ସହଭାଗୀ ଜଗତ, ଉତ୍ତର-ଆଧୁନିକ ଭାରତୀୟ ସାହିତ୍ୟ ଏବଂ ସିନେମା, ସାମାଜିକ ଗଣମାଧ୍ୟମ ଏବଂ ସାହିତ୍ୟ, ଆଦିବାସୀ ସମ୍ପ୍ରଦାୟର ପ୍ରବାସ ଏବଂ ପରିଚୟ ସଙ୍କଟ, ବିଦେଶୀ ଭାଷାରେ ଭାରତୀୟ ସାହିତ୍ୟର ପ୍ରଚାର, ବିହାରର ସାହିତ୍ୟିକ ଐତିହ୍ୟ, ଜାତୀୟ ଶିକ୍ଷା ନୀତିରେ ସାହିତ୍ୟର ଭୂମିକା, ଭାରତୀୟ ନାଟକରେ ବିସ୍ଥାପନ ଆଦି ବିଷୟରେ ଆଲୋଚନା କରାଯିବ।

# ଏସସିବି ହସ୍ପିଟାଲକୁ ପାୱାର ଗ୍ରୀଡ଼ ଦେଲା ସିଟି ସ୍କାନ ଓ ଅଲଟ୍ରାସାଉଣ୍ଡ ମେସିନ

କଟକ, (ସବ୍ୟୁ): ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍, ଓଡ଼ିଶା ପ୍ରୋଜେକ୍ଟସ୍, ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌କୁ ଗୋଟିଏ ୬୪-ସ୍ଲାଇସ୍ ସିଟି ସ୍କାନ ମେସିନ୍ ଏବଂ ୨ଟି ଉଚ୍ଚମାନର ରଙ୍ଗୀନ ଡପଲର୍ ଅଲ୍ଟ୍ରାସାଉଣ୍ଡ ସିଷ୍ଟମ୍ ପ୍ରଦାନ କରିଛି । ଏହି ସବୁ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଗୁଡିକର ମୂଲ୍ୟ ୮.୩୬ କୋଟି ଟଙ୍କା। ବୁଧବାର ଏସ ସି ବି ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପାୱାର ଗ୍ରୀଡ଼ ପକ୍ଷରୁ ଏସସିବି କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଭାବରେ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଏସସିବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର (ଡକ୍ଟର) ଲୁସି ଦାସ, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର (ଡକ୍ଟର) ଗୌତମ ଶତପଥୀ, ପ୍ରଫେସର ଏବଂ ଏଚଓଡି (ରେଡିଓଲୋଜି) ଡକ୍ଟର ପୂଜା ମିଶ୍ର, ଆକାଉଣ୍ଟସ ଅଧିକାରୀ ମାନସ କୁମାର ପାତ୍ର, ପାୱାରଗ୍ରୀଡ୍ ମୁଖ୍ୟ ମହାପ୍ରବନ୍ଧକ (ପ୍ରଭାରୀ) ଓଡ଼ିଶା ପ୍ରୋଜେକ୍ଟ ଅଶୋକ କୁମାର ନାୟକ, ମୁଖ୍ୟ ମହାପ୍ରବନ୍ଧକ ଓଡ଼ିଶା ପ୍ରୋଜେକ୍ଟ ଜି. ଏସ୍. ଆର. ରାଓ, ସାଧାରଣ ପରିଚାଳକ (ମାନବ ସମ୍ବଳ) ଅଜିତ ପରିଡା, ପାୱାରଗ୍ରୀଡ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଏସସିବିର ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ।ଏସସିବି ମେଡିକାଲ କଲେଜ ହସ୍ପିଟାଲରେ ଦୈନିକ ୮୦୦୦ରୁ ଅଧିକ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥାଏ। ଏହି ଉନ୍ନତ ମେସିନ ଗୁଡିକ ରୋଗ ନିର୍ଣ୍ଣୟ ସୁବିଧା ଗୁଡ଼ିକ ସହ ଯୋଡି ହେବା ସହିତ, ହସ୍ପିଟାଲ ଅଧିକ ସଠିକ୍ ଏବଂ ସମୟୋଚିତ ଚିକିତ୍ସା ପ୍ରଦାନ କରିପାରିବ, ଯାହା ଦ୍‌ବାରା ପ୍ରତିଦିନ ହଜାର ହଜାର ରୋଗୀ ଉପକୃତ ହେବେ । ଏହି ପଦକ୍ଷେପ ପାୱାରଗ୍ରୀଡ଼ର ସାମାଜିକ ଦାୟିତ୍ୱ ନିର୍ବାହ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ରାଜ୍ୟବାସୀଙ୍କ ଜୀବନର ମାନ ଉନ୍ନତ କରିବା ପାଇଁ ନିରନ୍ତର ପ୍ରୟାସକୁ ଦର୍ଶାଏ ବୋଲି କୁହାଯାଇଛି।

## ବେଦାନ୍ତ ଆଲୁମିନିୟମ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ

# ଲଖନପୁରରେ ୬୫୦ ରୁ ଅଧିକ ଶିକ୍ଷକ ଉପକୃତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଜାପାଲିର ମହିମା ଡିଗ୍ରୀ କଲେଜରେ ବ୍ଲକ ଶିକ୍ଷା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ବ୍ଲକ ସ୍ତରୀୟ ଦିନିକିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ତୃଣମୂଳ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନର ଦକ୍ଷତା ବୃଦ୍ଧି ଏବଂ ମୌଳିକ ସ୍ତରରେ ଶିକ୍ଷାଗତ ଉତ୍କର୍ଷତା ବୃଦ୍ଧି କରିବା, ଯାହା ଲକ୍ଷନପୁର ବ୍ଲକର ୬୫୦ ରୁ ଅଧିକ ପ୍ରାଥମିକ ଶିକ୍ଷକଙ୍କୁ ଏକାଠି କରିଥିଲା। ଏହି କାର୍ଯ୍ୟକ୍ରମରେ ପାଠ୍ୟ ଖସଡା, ଶ୍ରେଣୀଗୃହ ପରିଚାଳନା, ଶିକ୍ଷାଦାନ-ତାଲିମ ସାମଗ୍ରୀ ପ୍ରସ୍ତୁତ, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି, ପ୍ରାଥମିକ ଚିକିତ୍ସା ଏବଂ ଶ୍ରେଣୀଗୃହରେ ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର ଉପରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ତାଲିମ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓସେପା ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ସାହୁ, ଡିଏଚ୍ଏସ୍ଇ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

ଏହି ପଦକ୍ଷେପ ଉପରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଶିକ୍ଷକମାନେ ହେଉଛନ୍ତି ଶିକ୍ଷାର ମେରୁଦଣ୍ଡ, ଏବଂ ସେମାନଙ୍କୁ ସଶକ୍ତ କରିବା ହେଉଛି ଭବିଷ୍ୟତ ପାଇଁ ପ୍ରସ୍ତୁତ ଛାତ୍ରମାନଙ୍କୁ ପୋଷଣ କରିବାର ଚାବିକାଠି । ଯୁବ ମସ୍ତିଷ୍କକୁ



ଆକର୍ଷଣୀୟ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ପାଇଁ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବାରେ ଏହିପରି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରି ଆମେ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରୁଛୁ ଏବଂ ଆମ ସମ୍ପ୍ରଦାୟରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରୁଛୁ। ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ କହିଛନ୍ତି, "ବେଦାନ୍ତ ଆଲୁମିନିୟମର ଏହି ପଦକ୍ଷେପ ଗ୍ରାମୀଣ ଓଡ଼ିଶାରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ। ସମାବେଶୀ ଏବଂ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ଏଭଳି ସହଯୋଗ ଗୁରୁତ୍ୱପୂର୍ଣ୍ଣ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ । ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠୀ ଯୋଗଦାନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରିଛି ଯେ ଏଭଳି କାର୍ଯ୍ୟକ୍ରମ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତିକୁ ଆଗକୁ ନେଇଯିବ।

# ଇଚ୍ଛା ମୃତ୍ୟୁକୁ ନେଇ ସରକାର ଆଣିଲେନି ଗାଇଡ୍‌ଲାଇନ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ, (ସବ୍ୟୁ): 'ଇଚ୍ଛା ମୃତ୍ୟୁ'କୁ ନେଇ ସର୍ବୋଚ୍ଚ ଅଦାଲତଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି । ଉକ୍ତ ନିର୍ଦ୍ଦେଶନାମା ଆଧାରରେ ପ୍ରତ୍ୟେକ ରାଜ୍ୟ ସରକାର ଏକ ଗାଇଡଲାଇନ୍ ଜାରି କରିବା କଥା । ଇତିମଧ୍ୟରେ କର୍ଣ୍ଣାଟକ ସରକାର ଗାଇଡଲାଇନ ଜାରି କରି ସାରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ଏଦିଗରେ କୌଣସି ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିନଥିବାରୁ ହାଇକୋର୍ଟ ବୁଧବାର ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆଇନଜୀବୀ ତଥା ସଂସ୍କାରବାଦୀ କହ୍ନେୟାଲାଲ ଶର୍ମାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।ଆବେଦନକାରୀ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି, ଅନେକ ସମୟରେ ବହୁ ରୋଗର ଆରୋଗ୍ୟ କ୍ଷେତ୍ରରେ ମେଡିକାଲ ବିଜ୍ଞାନ ବିଫଳ ହୋଇଯାଏ । ଡାକ୍ତରମାନେ ମଧ୍ଯ ନିରାଶ ହୋଇଯାଆନ୍ତି । ସବୁ ଆଶା ଭଗବାନଙ୍କ ଉପରେ ଛାଡ଼ି ଦିଆଯାଏ । ଏଭଳି କ୍ଷେତ୍ରରେ ଦୁରାରୋଗରେ ଆକ୍ରାନ୍ତ ତଥା ଯନ୍ତ୍ରଣାରେ ଛଟପଟ ହେଉଥିବା ସମ୍ପୃକ୍ତ ରୋଗୀଙ୍କ ପାଇଁ କେବଳ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡେ । ଏହି ବ୍ୟକ୍ତିମାନେ ସେତେଦିନ ପଡ଼ିରହନ୍ତି ସେମାନଙ୍କ ଯନ୍ତ୍ରଣା ଦିନକୁଦିନ ସେତିକି ବଢ଼ିଚାଲେ । ଏହି ଭଳି ଲୋକଙ୍କ ପାଇଁ 'ଇଚ୍ଛା ମୃତ୍ୟୁ'ର ଆବଶ୍ୟକ ପଡ଼େ । ଏନେଇ ସୁପ୍ରିମକୋର୍ଟରେ ଏକ ଏସଏଲପି ରୁଜୁ ହୋଇଥିଲା । ସୁପ୍ରିମ୍‌କୋର୍ଟ ଏଭଳି ଇଚ୍ଛା ମୃତ୍ୟୁକୁ ଆଇନଗତ ବୈଧ ବୋଲି ଦର୍ଶାଇବା ସହ ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଏହି ମର୍ମରେ ଏକ ଗାଇଡଲାଇନ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗାଇଡ୍‌ଲାଇନ୍‌କୁ ପ୍ରତ୍ୟେକ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ ଲାଗି ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ଗାଇଡ୍‌ଲାଇନ୍ ଜାରି କରିବା କଥା । କର୍ଣ୍ଣାଟକ ରାଜ୍ୟ ସରକାର ଗାଇଡଲାଇନ୍ ଜାରି କରିଥିଲାବେଳେ ଓଡ଼ିଶା ସରକାର ଆଜି ପର୍ଯ୍ୟନ୍ତ କୌଣସି ଗାଇଡ୍‌ଲାଇନ୍ ଜାରି କରିନାହାନ୍ତି । ତେଣୁ ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲ ପରିଚାଳନା କରୁଛନ୍ତି ।

# ନେକ୍ସସ ଏସପ୍ଲାନେଡ୍ ମଲ୍ ଭୁବନେଶ୍ୱରର ନୂତନ ପଦକ୍ଷେପ

ଭୁବନେଶ୍ୱର(ସବ୍ୟୁ) : ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ, ଅଭିନବ ଅଭିଜ୍ଞତା ଏବଂ କମ୍ୟୁନିଟି-ଫର୍ଷ୍ଟ ପଦକ୍ଷେପର ଶକ୍ତିଶାଳୀ ମିଶ୍ରଣ ରେ ଓଡ଼ିଶାର ଆଧୁନିକ ରିଟେଲ୍‌କୁ ନୂଆ ରୂପ ଦେବାରେ ଲାଗିଛି ସହରର ସବୁଠାରୁ ପ୍ରିୟ ସପିଂ ଓ ଜୀବନଶୈଳୀ ପର୍ଯ୍ୟଟନସ୍ଥଳୀ ନେକ୍ସସ୍ ଏସପ୍ଲାନେଡ୍ ମଲ୍ । ୨୦୧୮ରେ ଆରମ୍ଭ ହେବା ପରଠାରୁ ନେକ୍ସସ ଏସପ୍ଲାନେଡ୍ ମଲ୍ ଭୁବନେଶ୍ୱରର ଖୁଚୁରା ଚିତ୍ରକୁ ବଦଳାଇ ଦେଇଛି । ଏହା ପ୍ରଥମ ଥର ପାଇଁ ସିନେପୋଲିସ ମଲଟିପ୍ଲେକ୍ସ ଭଳି ମନୋରଞ୍ଜନ ଆଙ୍କର ଏବଂ ଷ୍ଟାରବକ୍ସ, ଚିଲିଜ୍, କେଏଫସି ଏବଂ ଡୋମିନୋଙ୍କ ଅଭିନୀତ ଏକ ବିଶ୍ୱସ୍ତରୀୟ ଫୁଡ୍ କୋର୍ଟ ସହିତ ମାର୍କସ ଆଣ୍ଡ ସ୍ପେନ୍ସର, ଲାଇଫଷ୍ଟାଇଲ ଏବଂ ଆଇଆଇସି ଭଳି ପ୍ରିମିୟମ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡ ପ୍ରଚଳନ କରିଥିଲା । ନେକ୍ସସ୍ ସିଲେକଟ ମଲ୍ ର ଅଧ୍ୟକ୍ଷ (ଅପରେସନ୍) ଜୟେନ ନାୟକ କହିଛନ୍ତି, ନେକ୍ସସ୍ ଏସପ୍ଲାନେଡ୍ ମଲ୍ କେବଳ ଏକ ସପିଂ ଡେଷ୍ଟିନେସନ୍ ନୁହେଁ, ଏହା ଭୁବନେଶ୍ୱରର ଆକାଂକ୍ଷା ଓ ଅଭିବୃଦ୍ଧିର ପ୍ରତୀକ । ବର୍ଷ ବର୍ଷ ଧରି, ଆମେ ଆହ୍ୱାନ ଏବଂ ଉତ୍ସବ ମାଧ୍ୟମରେ ସମୁଦାୟ ସହିତ ଭାଗିଦାରୀ କରିଛୁ, ଏବଂ ବିଶ୍ୱସ୍ତରୀୟ ଖୁଚୁରା ଏବଂ ଇମର୍ସିଭ୍ ଅନୁଭୂତିକୁ କ୍ରମାଗତ ଭାବରେ ଉପସ୍ଥାପନ କରୁଛୁ । ଆମର ନୂଆ ବ୍ରାଣ୍ଡ୍ ସଂଯୋଗ, ନେକ୍ସସ୍ ଓନ୍ ଆପ୍ ସହିତ ଆମେ ଓଡ଼ିଶାର ଖୁଚୁରା ଅଭିଜ୍ଞତାକୁ ପରବର୍ତ୍ତୀ ସ୍ତରକୁ ନେବାକୁ ଉତ୍ସାହିତ ।

# ଆଇଡିଏସ୍ ପକ୍ଷରୁ "ଅନନ୍ତ ମୁସ୍କାନ' ପ୍ରକଳ୍ପ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ପକ୍ଷରୁ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ସହଭାଗିତାରେ ଭାରତରେ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କର ମୁଖ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ "ଅନନ୍ତ ମୁସ୍କାନ' ଗବେଷଣା ପ୍ରକଳ୍ପକୁ ନେଇ ଏଠାରେ ମଙ୍ଗଳବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ବିଭିନ୍ନ ପ୍ରତିଷ୍ଠିତ ଏବଂ ସରକାରୀସ୍ତରୀୟ ବ୍ୟକ୍ତି ଉପସ୍ଥିତ ରହିଥିବା ବେଳେ ଓଡ଼ିଶାରେ ସ୍କୁଲ ପିଲାଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ "ଅନନ୍ତ' ଏବଂ "ମୁସ୍କାନ୍' ମାସ୍କଟର ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ଏଲିମେଂଟାରୀ ଏଜୁକେସନ୍ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ଖୋର୍ଦ୍ଧାର ଚିଫ୍ ଡିଷ୍ଟ୍ରିକ୍ଟ ମେଡିକାଲ୍ ଅଫିସର ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ, ଜନସ୍ୱାସ୍ଥ୍ୟ ବିଭାଗର ସହ-ନିର୍ଦ୍ଦେଶକ ଡକ୍ଟର ରଞ୍ଜନ ମିତ୍ର, ଜନସ୍ୱାସ୍ଥ୍ୟ (ଲେପ୍ରସି) ବିଭାଗର ସହ-ନିର୍ଦ୍ଦେଶକ ଡକ୍ଟର ଇନ୍ଦିରା ରଥ ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ର ମ୍ୟାନେଜର, କନ୍‌ସଲ୍‌ଟାଂଟ, ନନ୍-କମ୍ୟୁନିକେବୁଲ ଡିଜିଜେସ୍



ଏବଂ ଡିଷ୍ଟ୍ରିକ୍ଟ ଏପିଡେମିଓଲୋଜିଷ୍ଟ ଡକ୍ଟର ଗିରିଜା ଶଙ୍କର ଉପସ୍ଥିତ ଥିଲେ । ଏଥି ସହିତ ଖୋର୍ଦ୍ଧା, ଜଟଣୀ ଏବଂ ବାଲିଅନ୍ତା ବ୍ଲକର ମେଡିକାଲ୍ ଅଫିସର, ଡେଂଟିଷ୍ଟ ଏବଂ ବ୍ଲକ ଏଜୁକେସନ୍ ଅଫିସରମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ପ୍ରକଳ୍ପର ସଫଳ ଏକବର୍ଷ ପୂର୍ତ୍ତୀ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଏହି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା ।ଶ୍ରୀ ତରାଇ ନିଜ ବକ୍ତବ୍ୟରେ "ଅନନ୍ତ ମୁସ୍କାନ' କାର୍ଯ୍ୟକ୍ରମ ସମ୍ପର୍କରେ ସରକାରୀ ସ୍କୁଲ ମାନଙ୍କରେ ମାସିକ ଅଭିଭାବକ, ଶିକ୍ଷକ ମିଟିଙ୍ଗରେ ଅଭିଭାବକମାନଙ୍କୁ ଏହି ସ୍ୱାସ୍ଥ୍ୟ ସମ୍ପର୍କିତ ଅଭ୍ୟାସ ପିଲାମାନଙ୍କୁ ଘରେ କରାଇବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । "ଅନନ୍ତ ମୁସ୍କାନ୍' ପ୍ରକଳ୍ପ ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାର ୫ଟି ବ୍ଲକ୍‌ରେ ଆରମ୍ଭ କରାଯାଇଥିବା ବେଳେ ନିୟମିତ ଭାବେ ଏହାର ଯାଂଚ ଓ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଉଛି ।

# ଚିଲିକା ବିଲ୍ ପ୍ରଣୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଓଇଏସ୍‌ର ଚିଠି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଗୌରବ, ପ୍ରାକୃତିକ ସୌନ୍ଦର୍ଯ୍ୟର ଅପାର ଗନ୍ତାଘର ଏବଂ ବିବିଧ ଜଳଚର ଓ ପକ୍ଷୀ ସମ୍ଭାରକୁ ସମର୍ଥନ କରୁଥିବା ଜୈବବିବିଧତାର ଏକ ଅନନ୍ୟ ଭଣ୍ଡାର, ଚିଲିକା ହ୍ରଦର ପରିବେଶଗତ ଅବନତିଜନିତ ପରିସ୍ଥିତି ପ୍ରତି ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏକ ଚିଠି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛି। ଭାରତର ଏହି ପ୍ରଥମ ରାମସାର୍ ସ୍ଥଳୀ, ଆନ୍ତର୍ଜାତୀୟ ଗୁରୁତ୍ୱବହନକାରୀ ଆର୍ଦ୍ରଭୂମି ଏବଂ ଏସିଆର ସର୍ବବୃହତ୍ ଲବଣାକ୍ତ ହ୍ରଦ ବର୍ତ୍ତମାନ ଅନେକ ଅସ୍ତିତ୍ୱଗତ ବିପଦର ସମ୍ମୁଖୀନ ହେଉଛି ଔ ଏହାର ଜଳୀୟ ପରିସଂସ୍ଥା ଓ ଜୈବବିବିଧତା ବିବିଧ କ୍ଷତିକାରକ ପ୍ରଭାବର ସମ୍ମୁଖୀନ ହେବା ସହ ନକାରାତ୍ମକ ମାନବୀୟ କାର୍ଯ୍ୟରେ ଚାପଗ୍ରସ୍ତ ହେଉଛନ୍ତି। ପୁନଶ୍ଚ, ହ୍ରଦ ଏହାର ମତ୍ସ୍ୟ ସମ୍ପଦର ଅତ୍ୟଧିକ ଶୋଷଣର ଶିକାର ହେଉଛି ଏବଂ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ୍‌ର କଠୋର କାର୍ଯ୍ୟକାରିତାର ଅନୁପସ୍ଥିତିରେ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ କ୍ରମାଗତ ଦ୍ୱନ୍ଦ୍ୱ ଉପୁଜୁଛି। ହ୍ରଦଜଳ ମଧ୍ୟରେ ମତ୍ସ୍ୟଜୀବୀଙ୍କ ପାରମ୍ପରିକ ମତ୍ସ୍ୟ ଅମଳ ପରିବର୍ତ୍ତେ ବର୍ଷ ବର୍ଷ ଧରି ଘେରି ନିର୍ମାଣ କରି ପ୍ରଭାବଶାଳୀ ବାହାର ଲୋକଙ୍କ ଦ୍ୱାରା ଜବରଦଖଲ ମାଧ୍ୟମରେ ବେଆଇନ ଚିଙ୍ଗୁଡ଼ି ଚାଷ କରାଯାଉଛି, ଯାହା ସମସ୍ୟାକୁ ଆହୁରି ଜଟିଳ କରୁଛି ଏବଂ ସଂଘର୍ଷକୁ ତୀବ୍ର କରୁଛି। ସଂରକ୍ଷଣବାଦୀ ଏବଂ ମତ୍ସ୍ୟଜୀବୀଙ୍କ ଦୀର୍ଘକାଳୀନ ଦାବି ଏବଂ ୧୯୯୩ ମସିହାର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେଇ, ଓଡ଼ିଶା ସରକାର ତାଙ୍କ ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବିତ 'ଚିଲିକାରେ ମାଛ ଧରା ଏବଂ ମତ୍ସ୍ୟସମ୍ପଦ ନିୟନ୍ତ୍ରଣ, ଓଡ଼ିଶା' ବିଲ୍, ୨୦୧୭କୁ ଅନୁମୋଦନ କରିଥିଲେ। ମୁଖ୍ୟ ଲକ୍ଷ୍ୟ ଥିଲା ହ୍ରଦରେ ବେଆଇନ ଚିଙ୍ଗୁଡ଼ି ଚାଷକୁ ରୋକିବା ଏବଂ ଚିଲିକା ବିକାଶ ପ୍ରାଧିକରଣ (ସିଡ଼ିଏ)କୁ ମାଛ ଧରିବା ଲିଜ୍ କ୍ଷମତା ପ୍ରଦାନ କରିବା। ଏହା ମଧ୍ୟ ଏକ ଉତ୍ତମ ପରିବେଶୀୟ ପରିଚାଳନାକୁ ପୁନଃସ୍ଥାପିତ କରିବ, ଯାହା ହ୍ରଦର ପରିସଂସ୍ଥାର ସ୍ୱାସ୍ଥ୍ୟକୁ ପୁନଃସ୍ଥାପିତ କରିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ଓଡ଼ିଶା ପରିବେଶ ସମିତି ଏକ ଚିଠି ମାଧ୍ୟମରେ ଏହି ବହୁ ପ୍ରତୀକ୍ଷିତ ପଦକ୍ଷେପ ଗ୍ରହଣ ନିମନ୍ତେ ତତ୍କାଳୀନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲା ଏବଂ ରାଜ୍ୟ ବିଧାନସଭାରେ ଏହାକୁ ତ୍ୱରିତ୍ ପାରିତ କରି ବିଲ୍ ପ୍ରଣୟନ କରିବା ନିମନ୍ତେ ଅନୁରୋଧ କରିଥିଲା। ପରବର୍ତ୍ତୀ ସମୟରେ, ଏହି ବିଷୟଟି ମଧ୍ୟ ବିଧାନସଭାରେ କିଛି ଥର ଆଲୋଚନା ପରିସରକୁ ଆସିଛି। ମାତ୍ର ସମ୍ପୂର୍ଣ୍ଣ ନିରାଶାର ବିଷୟ ହେଲା ଯେ, ବିଲ୍‌ଟିକୁ ପରବର୍ତ୍ତୀ ସମୟରେ ଶୀତଳ ଭଣ୍ଡାରକୁ ଠେଲି ଦିଆଯାଇଛି, ଯାହା ଏପର୍ଯ୍ୟନ୍ତ ଆଲୋକ ଦେଖିବା ସମ୍ଭବପର ହୋଇନାହିଁ।

।ଉପରୋକ୍ତ ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପ୍ରକୃତି ସଂରକ୍ଷଣ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଆଗ୍ରହକୁ ବିଚାର କରି, ଓଇଏସ୍ ତାଙ୍କୁ ଗଭୀର ଭାବେ ଅନୁରୋଧ କରିଛି ଯେ ଆଗାମୀ ଓଡ଼ିଶା ବିଧାନସଭା ଅଧିବେଶନରେ ପ୍ରଲମ୍ବିତ ସମୟ ଧରି ପ୍ରତୀକ୍ଷିତ ଥିବା ଚିଲିକା ବିଲ୍‌ର ପ୍ରଣୟନ ପାଇଁ ମାର୍ଗଦର୍ଶନ କରନ୍ତୁ। ଏହା କେବଳ ହ୍ରଦ ପରିସଂସ୍ଥା ଏବଂ ମତ୍ସ୍ୟଜୀବୀମାନଙ୍କୁ ଆଶ୍ୱସ୍ତି ଦେବ ନାହିଁ, ବରଂ ଆମ ରାଜ୍ୟର ଏହି ମୂଲ୍ୟବାନ ଆର୍ଦ୍ରଭୂମି ସମ୍ପଦର ସୁରକ୍ଷା ନିମନ୍ତେ ଆମର ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରିବ। ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ପୁନର୍ଜୀବିତ କରାଯିବା ସହିତ ମାନ୍ୟବର ଅଦାଲତମାନଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ରାୟକୁ ଦୃଷ୍ଟିରେ ରଖି ଆଇନ୍ ପ୍ରଣୟନ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ପତ୍ରରେ ଓଇଏସ୍ କର୍ତ୍ତୃପକ୍ଷ ଉଲ୍ଲେଖ କରିଛନ୍ତି। ଚିଲିକା ହ୍ରଦର ସୁରକ୍ଷା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ସକାରାତ୍ମକ ପଦକ୍ଷେପରେ କୌଣସି ପ୍ରକାର ଯୋଗଦାନ ରଖିପାରିଲେ ଓଇଏସ୍ ସମ୍ମାନିତ ଅନୁଭବ କରିବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

## ବୋମା ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବୋମା ଜବତ କରିଛି। ଗିରଫ ଦୁଇଜଣ ହେଲେ ଦିବ୍ୟଜ୍ୟୋତି ତରାଇ (୨୨) ଓ ବିଶ୍ୱବିଜୟ ସିଂ (୨୪) ।ଅଭିଯୋଗକାରୀ ଦେବୀପ୍ରସାଦ ଜେନା ଭକ୍ତବନ୍ଧୁ ନଗର ତାଳବଣିଆ ଲେନ୍ ୧ ରେ ରୁହନ୍ତି। କୌଣସି ଏକ କାମରେ ସେ ବାହାରକୁ ଯାଇ ଫେରିବା ପରେ ନିଜ କାରକୁ ଘର ନିକଟରେ ରଖିବା ସମୟରେ ଗିରଫ ଦୁଇ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ହଠାତ୍ ସେଠାରେ ପହଞ୍ଚି ତାଙ୍କ ଉପରକୁ ତିନୋଟି ବୋମା ମାଡ କରିଥିଲେ। ନିକ୍ଷେପ କରିଥିବା ବୋମାଗୁଡିକ ମଧ୍ୟରୁ ଗୋଟିଏ ବୋମା ଘଟଣାସ୍ଥଳରେ ଫୁଟିବାରୁ ଅଭିଯୁକ୍ତକାରୀଙ୍କ କାର କ୍ଷତିଗ୍ରସ୍ତ ହୋଇଥିଲା। ଜଣେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ମାରାଣାସ୍ତ୍ର ସାହାର୍ଯ୍ୟରେ ମରଣାନ୍ତକ ଆକ୍ରମଣ କରିବାକୁ ପ୍ରୟାସ କରିଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି।

## ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୩ରୁ

ଭୁବନେଶ୍ୱର, (ସବ୍ୟୁ) : ଆମାଜନ.ଇନ ପକ୍ଷରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ୍ ସେପେଟମ୍ବର ୨୩, ୨୦୨୫ ରେ ଆରମ୍ଭ ହେବା ସମ୍ପର୍କରେ ଘୋଷଣା କରାଯାଇଛି । ପ୍ରାଇମ୍ ସଦସ୍ୟମାନେ ସପିଂ ଉତ୍ସବରେ ୨୪ ଘଂଟା ସ୍ୱତନ୍ତ୍ର ପ୍ରାରମ୍ଭିକ ପ୍ରବେଶ ପାଇବେ । ଗ୍ରାହକମାନେ ରୋମାଂଚକର ଡିଲ୍, ୧ ଲକ୍ଷରୁ ଅଧିକ ଉତ୍ପାଦର ଏକ ବିଶାଳ ଚୟନ ଉପରେ ବର୍ଷର ସର୍ବନିମ୍ନ ମୂଲ୍ୟ ଏବଂ ସାମସଙ୍ଗ, ଆପଲ୍, ଇଂଟେଲ୍, ଏଚପି, ଆସସ୍, ଟାଇଟନ୍, ଏଚପି, ଲିବାସ, ଲୋରିଆଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡରୁ ନୂତନ ଶୁଭାରମ୍ଭ ଲାଭ କରିପାରିବେ । ସ୍ମାର୍ଟଫୋନ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଇଲେକେଟ୍ରାନିକ୍ସ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ, ଘରୋଇ ରୋଷେଇ ଘର ଏବଂ ବାହାର ଜିନିଷ ଉପରେ ୮୦% ପର୍ଯ୍ୟନ୍ତ ରିହାତି ଦୈନନ୍ଦିନ ଆବଶ୍ୟକତା ଉପରେ ୭୦% ପର୍ଯ୍ୟନ୍ତ ରିହାତି ଟିଭି ଏବଂ ଘରୋଇ ଉପକରଣ ଉପରେ ୬୫% ରିହାତି ଆମାଜନ୍ ଫ୍ରେସ, ଆଲେକ୍ସା ସହିତ ଇକୋ, ଫାୟାର ଟିଭି ଏବଂ କିଣ୍ଡିଲ୍ ଏବଂ ଆହୁରି ଅନେକ କିଛି ଉପରେ ୫୦% ରିହାତି ପାଇପାରିବେ। ଭାରତର ସମସ୍ତ କୋଣରୁ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟରୁ ଅନନ୍ୟ ଅଫର ସମେତ ୧୭ ଲକ୍ଷରୁ ଅଧିକ ବିକ୍ରେତା ହଜାର ହଜାର ଡିଲ୍ ଏବଂ ନୂତନ ଉତ୍ପାଦ ପ୍ରଦାନ କରୁଛନ୍ତି । ସେହିଭଳି

ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଏବଂ ଇଏମଆଇ କାରବାର ଉପରେ ୧୦% ତୁରନ୍ତ ରିହାତି, ଅଗ୍ରଣୀ ବ୍ୟାଙ୍କଗୁଡ଼ିକରୁ ଆକର୍ଷଣୀୟ ଅଫର୍ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ଅତିରିକ୍ତ କ୍ୟାସବ୍ୟାକ୍ ସହିତ, ଏହି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି ।

# ପ୍ରାଥମିକ ସ୍ତରରୁ ଆବଶ୍ୟକ ଦକ୍ଷତା ଭିତ୍ତିକ ଶିକ୍ଷା

ଭୁବନେଶ୍ୱର, (ସବ୍ୟୁ) : ମମତା,ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ନିୟୁ ହରିଜନ ପକ୍ଷରୁ ସିୱାଇଏସଡିର ପ୍ରେକ୍ଷାଳୟରେ "ସମାଜ ପରିବର୍ତ୍ତନରେ ଶିକ୍ଷାର ଭୂମିକା ଓ ଜାତୀୟ ଶିକ୍ଷାନୀତିରେ ଏହାର ଦୃଷ୍ଟିକୋଣ" ଉପରେ ଏକ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳାରେ ସିୱାଇଏସଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ ଓ ପ୍ରଫେସର ମଧୁମିତା ଦାସ ଅଧ୍ୟକ୍ଷତା କରିଥିଲେ । ସେହିପରି ଅତିଥିମାନଙ୍କ ପରିଚୟ ଡକ୍ଟର ତରୁଲତା ଦ୍ୱିବେଦୀ, ଯୁଗ୍ମ ସଚିବ ମମତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଉଦଘାଟନୀ ସମ୍ଭାଷଣରେ ଶ୍ରୀମତୀ ବିଜୟା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଯେଉଁଥିରେ ଶିକ୍ଷା ବର୍ତ୍ତମାନ ସମାଜର ଯୁବକଙ୍କ ସଠିକ ମାର୍ଗରେ ନେବା ସହିତ ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ସ୍ତରରୁ ଧନ୍ଦାମୂଳକ ଶିକ୍ଷା, ମୂଲ୍ୟବୋଧ ଭିତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଅଧ୍ୟକ୍ଷା କହିଥିଲେ ଯେ ଗୋଟିଏ ସୁନ୍ଦର ପରିବାରରୁ ହିଁ ଶିକ୍ଷାର ଭିତ୍ତିଭୂମି ପଡିଥାଏ । ଗୋଟିଏ ଶିଶୁ ପାଇଁ ତା ପରିବାର ହିଁ ପ୍ରଥମ ବିଦ୍ୟାଳୟ । ସେହିପରି ନିଜ ବିଦ୍ୟାଳୟରେ କିପରି ଖେଳ, କାହାଣୀ ମଧ୍ୟରେ ପିଲାଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରାଯାଉଛି ଏହି ସମ୍ପର୍କରେ ସେ କହିଥିଲେ ।ସେହିପରି ମଦର୍ସ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ପଲ୍ଲୀ ପଟ୍ଟନାୟକ ଶିକ୍ଷା ପ୍ରଦାନରେ ଯୁବ ସମାଜର ଭୂମିକା ଉପରେ



ଗୁରୁତ୍ୱ ଦେଇଥିଲେ ।

ମୁଖ୍ୟ ଅତିଥି ରୂପେ ଯୁଗଳ କିଶୋର ମହାପାତ୍ର ପୂର୍ବତନ ମୁଖ୍ୟ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର ଭାରତ ଓ ଚାଇନା ଦେଶର ଶିକ୍ଷା ପଦ୍ଧତିର ମୂଲ୍ୟାଙ୍କନ କରିବା ସହିତ କୋଠାରୀ କମିଶନ ର ଭୂମିକା ଅଶୀ ଦଶକରେ କଳାପଟା ଅଭିଯାନ ଆଦି ଉପରେ ଗୁରୁତ୍ୱ ଦେବା ସହିତ ବର୍ତ୍ତମାନ ସମୟରେ ଘରୋଇ ଟିଉସନ୍ ପଦ୍ଧତି ଓ ପ୍ରାଇଭେଟ ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଓ ଘୋର ଶିକ୍ଷା ସଂକଟକୁ ନେଇ ଚିନ୍ତା ପ୍ରକାଶ କରିଥିଲେ । କାର୍ଯ୍ୟଶାଳାର ବିଷୟ ଉପରେ ପ୍ରଫେସର ମଧୁମିତା ଦାସ ସୂଚନା ପ୍ରଦାନ କରିଥିଲେ ।

ପ୍ୟାନେଲ ଆଲୋଚନାରେ ପ୍ରଫେସର ଜୟନ୍ତୀ ଜଗଦେବ ମୂଲ୍ୟବୋଧ ଶିକ୍ଷା ଏବଂ ନୀତିଶାସ୍ତ୍ରର ଗୁରୁତ୍ୱ ଦେଇଥିବା ବେଳେ ଡକ୍ଟର ଜ୍ୟୋତ୍ସ୍ନା ମହାପାତ୍ର - ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ,ଡକ୍ଟର ଆରତୀ ବିଶ୍ୱାଳ ସମାଜରେ ଶିକ୍ଷକଙ୍କ ଭୂମିକା ସେହିପରି ଜାତୀୟ ଶିକ୍ଷା ନୀତି ୨୦୨୦ରେ ପ୍ରଫେସର ଅନିତା ଦାଶ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାନତା, ଅନ୍ତର୍ଭୁକ୍ତି ଏବଂ ସାମାଜିକ ନ୍ୟାୟ ଓ ପ୍ରଫେସର ସ୍ମିତା ସିହ୍ନା ସମାଜର ବିଭିନ୍ନ ଅବହେଳିତ ବର୍ଗଙ୍କୁ କିପରି ଶିକ୍ଷାର କେନ୍ଦ୍ରୀୟ ସ୍ତରରେ ଯୋଡା ଯାଇପାରିବ ଏହି ଉପରେ ମନ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ଶକୁନ୍ତଳା ମୁର୍ମୁ ।

## କଟକ ମହାନଗର ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି

# ସିଙ୍ଗଲ ୱିଣ୍ଡୋ ସିଷ୍ଟମର ସୁବିଧା ନେବାପାଇଁ ଅବଧି ଗୋଟିଏ ଦିନ ବଢ଼ିଲା

କଟକ, (ସବ୍ୟୁ): ଚଳିତ ଥର ଐତିହ୍ୟପୂର୍ଣ୍ଣ କଟକ ସହରରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ-୨୦୨୫ ଶାନ୍ତିଶୃଙ୍ଖଳା ଓ ଚିତ୍ତାକର୍ଷକ ଭାବେ ପାଳନ କରିବା ଉପରେ ମତପ୍ରକାଶ ପାଇଛି । ବୁଧବାର ଅପରାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଦ୍ୱାରା ଶହିଦ ଭବନଠାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ସହରାଂଚଳ ଦୁର୍ଗାପୂଜା ନିମନ୍ତେ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସତର୍କତାମୂଳକ ଭାବେ ପାର୍ବଣ ପାଳନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଶେଷକରି ସର୍ବସାଧାରଣ ରାସ୍ତାକୁ ଅବରୋଧମୁକ୍ତ ରଖି ତୋରଣ ନିର୍ମାଣ, ୫୦ ମିଟର ଦୂରତା ପର୍ଯ୍ୟନ୍ତ ରାସ୍ତା ଉପରେ ଲାଇଟ୍ ସାଜସଜ୍ଜା, ସମସ୍ତ ପୂଜାମଣ୍ଡପ ଓ ତୋରଣ ପାଇଁ ସୁରକ୍ଷା ପ୍ରମାଣପତ୍ର, ଅଗ୍ନିଶମ ପ୍ରମାଣପତ୍ର, ବିଦ୍ୟୁତ୍ ପ୍ରମାଣପତ୍ର ପାଇଁ ସିଙ୍ଗଲ ୱିଣ୍ଡୋ କମିଟିର ଅନାପତ୍ତି ପ୍ରମାଣପତ୍ର ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ କେବଳ ଆବେଦନ କରିଥିବା ପୂଜା କମିଟିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗେଟ୍ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ । ବର୍ଦ୍ଧିତ ଅବଧି ସତ୍ତ୍ୱେ ୧୧୭ଟି ପୂଜା କମିଟି ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିଛନ୍ତି । ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟିର ଅନୁରୋଧ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସଠାରେ ସକାଳ ୧୧ ଘଟିକାଠାରୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗୋଟିଏ ଦିନ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି । ପୂର୍ବବର୍ଷ ଭଳି ଚଳିତ ଥର ମଧ୍ୟ ଲେଜର ଲାଇଟ ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ସହରର ସମସ୍ତ ରାସ୍ତାଘାଟ ମରାମତି, ଡ୍ରେନେଜ୍ ସଫେଇ, ଗଛ ଓ ବୁଦା କଟେଇ ଆଦି କାର୍ଯ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଥିବା କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କହିଛନ୍ତି ।

ମୃଣ୍ମୟୀ ପ୍ରତିମାଗୁଡିକର ସୁବିଧାଜନକ ବିସର୍ଜନ ନିମନ୍ତେ ଦେବୀଗଡାଠାରେ ତିନିଟି ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ପୂଜା ସମୟରେ ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ ।ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ କଟକ ନଗର ଦୁର୍ଗାପୂଜା ନିମନ୍ତେ ମହାନଗର ନିଗମ ତରଫରୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶୃତି ରଖିଥିଲେ । କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ, ପ୍ରଭାତ କୁମାର ତ୍ରିପାଠୀ ସଭା ପରିଚାଳନା କରି ଚଳିତ ବର୍ଷ ଦୁର୍ଗାପୂଜା ପାଳନ ପାଇଁ ସମସ୍ତ ପୂଜା କମିଟି ପ୍ରଶାସନ ପକ୍ଷରୁ ପୁନଶ୍ଚ ଖୋଲାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ସୁଯୋଗ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳି ପାଳନ ପୂର୍ବକ ସୁଚାରୁରୂପେ ଦୁର୍ଗାପୂଜା ପାଳନ କରିବାକୁ ପରାମର୍ଶ ଦେଇଥିଲେ ।

କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ମତାମତ ରଖିଥିବା ବେଳେ ସମ୍ପାଦକ ଭିକାରୀ ଦାସ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ସେହିଭଳି ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ନିଜର ମତାମତ ରଖିଥିଲେ ଏବଂ ସମ୍ପାଦକ, ପ୍ରଫୁଲ୍ଲ କୁମାର ସାହୁ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ସଭାରେ ଆଂଚଳିକ ଶାନ୍ତି କମିଟି କର୍ମକର୍ତ୍ତା ଏବଂ ଅଲିଶା ବଜାର, କାଜିବଜାର, ବାଲୁବଜାର, ଫିରିଙ୍ଗି ବଜାର ତଥା ଅନ୍ୟାନ୍ୟ ପୂଜା କିମଟିର ସଦସ୍ୟମାନେ ପୂଜା ପୂର୍ବରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମାଣିଆ ହେବ ଅନ୍ଦରପୁର ଦୁର୍ଗାପୂଜା

## ପଲିଥିନ୍‌ମୁକ୍ତ ପୂଜା, ଶୃଙ୍ଖଳା ରକ୍ଷା ଓ ନିଶାମୁକ୍ତ ଭସାଣୀକୁ ଗୁରୁତ୍ୱ

କଟକ, (ସ୍ୱପ୍ର) : ଦୀର୍ଘ ଦିନର ସ୍ୱପ୍ନ ସାକାରା ହୋଇଛି । ଫଳପ୍ରସୂ ହୋଇଛି ସମ୍ମିଳିତ ଉଦ୍ୟମ । ପାର୍ବଣରେ ଏଥର ଶିବପାର୍ବତୀଙ୍କ ବଦଳରେ ପୂଜା ପାଇବେ ମା' ଦଶଭୂଜା । ଏନେଇ ଅଞ୍ଚଳବାସୀଙ୍କ ଖୁସି କାହିଁରେ କେତେ । ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ଜମାଣିଆ କରିବାକୁ ଏବେଠୁଁ ପୁରା ଦମ୍‌ରେ ଲାଗିପଡିଛନ୍ତି ଅନ୍ଦରପୁର ବାସିନ୍ଦା । ଏନେଇ ପ୍ରସ୍ତୁତି ବୈଠକରେ ପଲିଥିନ୍ ମୁକ୍ତ ପୂଜା, ଶାନ୍ତି, ଶୃଙ୍ଖଳା ରକ୍ଷା ସହିତ ନିଶାମୁକ୍ତ ଭଶାଣୀକୁ ଗୁରୁତ୍ୱାରୋପ କରାଯାଇଛି । ସ୍ଥାନୀୟ ୫୩ନଂ ଓ୍ୱାର୍ଡ ଅନ୍ତର୍ଗତ ଅନ୍ଦରପୁର ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାହୀଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ସାଇ ବୃନ୍ଦାବନ ଗାର୍ଡେନ ପରିସରରେ ପୂଜା ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଛି । ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ସମସ୍ତ କାର୍ଯ୍ୟକର୍ତ୍ତା ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ପୂଜାରେ



୧୦ ରୁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବା ବୋଲି ପୂଜାକମିଟି ପକ୍ଷରୁ ସୂଚନା ମିଳିଛି । ଷଷ୍ଠୀରେ ପୂଜା କମିଟି କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ସହରର ମୁରବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ପୂଜା ମଣ୍ଡପରେ ସମ୍ବର୍ଦ୍ଧନା କରାଯିବା ସହିତ ନବମୀରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦଶମୀରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା ଓ ଭସାଣିରେ ବ୍ରହ୍ମପୁରର ପ୍ରସିଦ୍ଧ ବ୍ୟାଣ୍ଡ ପାର୍ଟି ସାଙ୍ଗକୁ ପାରମ୍ପରିକ ବାଜା ଓ ମାଦଳରେ ମା'ଙ୍କୁ ମେଲାଣି ଦିଆଯିବ । ଏଥିସହିତ ନିଶାମୁକ୍ତ ଭସାଣି ସାଙ୍ଗକୁ ପୂଜା ମଣ୍ଡପରେ ପଲିଥିନ୍‌କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଏଥିରେ ସମସ୍ତେ ସହଯୋଗ କରିବାକୁ ପୂଜା କମିଟି ପକ୍ଷରୁ ନିବେଦନ କରାଯାଇଛି । ବୈଠକରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ପୂଜା କମିଟି ସଭାପତି ବିନୟ କୁମାର ଦାସ, ସମ୍ପାଦକ ଅମର କୁମାର ସାମନ୍ତରାୟ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ନାୟକ, କର୍ତ୍ତା ଅଙ୍ଗଦ ସ୍ୱାଇଁ, ସଭ୍ୟ ଉଦୟନାଥ ତ୍ରିପାଠୀ, ପ୍ରସନ୍ନ କୁମାର ମହାନ୍ତି, ଅଭୟ କୁମାର ସ୍ୱାଇଁ, ଅଜୟ କୁମାର ନାୟକ, ବିନୋଦ କୁମାର ବେହେରା, ପ୍ରଦୀପ୍ତ କୁମାର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ପ୍ରଦୀପ ଦାସ, ନଗେନ ଦାସ, ସୁରେନ୍ଦ୍ର କୁମାର ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଦିଲ୍ଲିପ ଜେନା, ସୁଧାର ଜେନା, ସୁକାନ୍ତ ଜେନା, ରଞ୍ଜିତ ରାଉତ, ବାସୁଦେବ ସ୍ୱାଇଁ, ସୁଜିତ ନାୟକ, ବିସ୍ମୟ ରଞ୍ଜନ ଜେନା, ତୁଷାର କୁମାର ସାହୁ, ବିଶ୍ୱ ରଞ୍ଜନ ସ୍ୱାଇଁ, ସୌମ୍ୟ ରଂଜନ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁଙ୍କ ସମେତ ସାହିର ସମସ୍ତ ଯୁବକମାନେ ଉପସ୍ଥିତ ଥିଲେ ।

## କୁଲାଡ ପଞ୍ଚାୟତରେ ସବୁଜ ରଥ ଉଦ୍‌ଘାଟନ

ଭଞ୍ଜନଗର, (ସବ୍ୟୁ): ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ସକାଶେ, ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ପ୍ରତି ପଞ୍ଚାୟତକୁ ଚାରା ବଣ୍ଟନ କାର୍ଯ୍ୟ ଶେଷ ହୋଇଛି । ଶେଷ ଦିନରେ ମୁଜାଗଡ ବନାଞ୍ଚଳ କୁଲାଡ଼ ସେକେସନ୍ ତଥା କୁଲାଡ ପଞ୍ଚାୟତର ବିଭିନ୍ନ ସ୍ଥାନକୁ ଚାରା ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଅବସରରେ ମା ଭୂଇଁଆଣିଙ୍କ ପୀଠରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ସୁବୁଜ ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ, ମା' ପାଇଁ ଗଛଟିଏ ଅଭିଯାନରେ ସମୁଦାୟ ରାଜ୍ୟରେ ଲାଗିବ ୭୫ ଲକ୍ଷ ଚାରା । ସେହିଭଳି ଭଂଜନଗର ନିର୍ବାଚନ ମଣ୍ଡଳୀର ୬୧ ଟି ପଞ୍ଚାୟତରେ ଲାଗିବ, ୩୦ ହଜାର ୫ ଶହ ଚାରା । ଏନେଇ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ଚାରା ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇ ଅନ୍ତିମ ଦିନରେ ମୁଜାଗଡ ବନାଞ୍ଚଳର କୁଲାଡ ମା ଭୂଇଁଆଣି ପିଠରେ ମା ମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଆଜିର ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ମା ମାନଙ୍କୁ ଚାରା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ବନଖଣ୍ଡିୟ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି, ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପତାକା ଦେଖାଇ ସବୁଜ ରଥର ଶୁଭାରମ୍ଭ କରିଥିଲେ । ଶେଷ ଦିନରେ କୁଲାଡ଼ ପଞ୍ଚାୟତକୁ ୫୦୦ ଚାରା ପଠାଯାଇଥିଲା । ଏହା ସହ ସଂପୃକ୍ତ ଦିନ ବନବିଭାଗ ପକ୍ଷରୁ ମଧ୍ୟ ୩୪ ଟି ସ୍ଥାନରେ ୪୨ ହଜାର ଚାରା, ବନବିଭାଗ ପକ୍ଷରୁ ରୋପଣ କରାଯିବ ବୋଲି ଡିଏଫଓ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଏସିଏଫଓ ବିବେକ୍ ଦାସ୍, ବିମଳ ପ୍ରଧାନ, ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ , ବନପ୍ରେମି ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

## ଶ୍ରମିକଙ୍କ ଆଇନଗତ ଅଧିକାର ପାଇଁ ଗଣଧାରଣା

ବ୍ରହ୍ମପୁର, (ସବ୍ୟୁ): ଟ୍ରେଡୟୁନିଅନ ସେଣ୍ଟର ଅଫ ଇଣ୍ଡିଆ ଗଞ୍ଜାମ ଜିଲ୍ଲା କମିଟି ନେତୃତ୍ୱରେ ଯୁଗ୍ମ ଶ୍ରମ ଆୟୁକ୍ତ ବ୍ରହ୍ମପୁରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଠିକା କର୍ମଚାରୀ ଓ ନିର୍ମାଣ କ୍ଷେତ୍ରର ଶ୍ରମିକଙ୍କୁ ସମାନ ମଜୁରୀ ଆଇନ ଅନୁଯାୟୀ ମହିଳାଙ୍କୁ ମଜୁରୀ, ଘୋଷିତ ସାମାଜିକ ନିରାପତ୍ତା, ଆବେଦନର ୩୦ଦିନ ମଧ୍ୟରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ ଓ ସହାୟତା, ୧ ରୁ ଅଧିକ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ପାଇଁ ଠୋସ ପଦକ୍ଷେପ, ପୂର୍ବରୁ ଶ୍ରମ ଜିଲ୍ଲାରେ କାମ କରୁଥିବା ଶ୍ରମିକଙ୍କ ବର୍ତ୍ତମାନ ଶ୍ରମ ଜିଲ୍ଲାକୁ ପୋର୍ଟିଂ ସହ ସମସ୍ତ ସହାୟତା ବ୍ୟବସ୍ଥା, ଶ୍ରମିକଙ୍କୁ ଖର୍ଚ୍ଚାନ୍ତ କରାଉଥିବା ଫିଜିକାଲ ଭେରିଫିକେସନ ବନ୍ଦ କରି ଅନଲାଇନ ବ୍ୟବସ୍ଥାକୁ ସମୟପୋଯୋଗୀ କରିବା, ପ୍ରବାସୀ ଶ୍ରମିକଙ୍କ ପଞ୍ଜିକରଣ ଓ ଆଇନଗତ ସୁରକ୍ଷା, ଶ୍ରମଆଇନର ଉଲଘଂନକାରୀଙ୍କ ବିରଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଶ୍ରମିକ ବିରୋଧି ଠିକା ଶ୍ରମ ପ୍ରଥା ରଦ୍ଦ କରିବା ଏବଂ ୪ ଟି ଶ୍ରମ ସଂହିତାର ପ୍ରତ୍ୟାହାର ଆଦି ଦାବୀରେ ଶହ ଶହ ଶ୍ରମିକ ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଥିଲେ । ଗଣଧାରଣା ସ୍ଥଳରୁ ମୁଖ୍ୟମନ୍ତ୍ରୀ ଏବଂ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଗଣଧାରଣାରେ ଟିୟୁସିଆଇର ରାଜ୍ୟ ସଭାପତି ବିଚିତ୍ର ପାତ୍ର, ସଂଗଠନ ସଂପାଦକ ନଳୀନିକାନ୍ତ ତ୍ରୀପାଠୀ, ଓଡିଶା ମନରେଗା ଶ୍ରମିକୟୁନିଅନର ନେତ୍ରୀ ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକୟୁନିଅନର ଜିଲ୍ଲା ସଂପାଦକ ରାମଚନ୍ଦ୍ର ବାଡତ୍ୟା, ସି.ପି.ଆଇ(ଏମ୍ ଏଲ୍) ରେଡଷ୍ଟାର ଜିଲ୍ଲା ସଂପାଦକ ଶଙ୍କର ଇନକିଲାବ, ଆଇନଜୀବି ମଧୁସୂଦନ ସେଠୀ, ଆଦିବାସୀ ଭାରତ ମହାସଭା ନେତା ଟୁନା ମଲ୍ଲିକ, ନୀଳାଞ୍ଚଳ ଜାନି, ଶ୍ରୀନିବାସ ରାଓ, ସଂଗ୍ରାମୀ ଶ୍ରମିକୟୁନିଅନର ପି. ଯୋଗେନ୍ଦ୍ର ଆଦି ସରକାରୀ ଓ ଘରୋଇ କ୍ଷେତ୍ରରେ କାମ କରୁଥିବା ଠିକା କର୍ମଚାରୀ ଏବଂ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶିଳ୍ପ ଶ୍ରମିକ, କୃଷି ଶ୍ରମିକ, ମନରେଗା ଶ୍ରମିକ, ଦୋକାନ ବଜାରରେ କାମ କରୁଥବା ଶ୍ରମିକ, ଗିଗ ଶ୍ରମିକ, ଘରୋଇ ସହାୟକ ଶ୍ରମିକ ଏବଂ ନିର୍ମାଣ କ୍ଷେତ୍ରର ମହିଳା ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ଓ ସମାନ କାମକୁ ସମାନ ମଜୁରୀ ନମିଳିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ସେମାନଙ୍କ ସମସ୍ୟାର ସମାଧାନ ନହେଲେ ଜଗନ୍ନାଥପ୍ରସାଦରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଜି‣ାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିକ୍ଷୋଭ ଅନୁଷ୍ଠିତ ହେବ । ସେଥିପାଇଁ ଶ୍ରମ ବିଭାଗ ଦାୟୀ ରହିବେ ବୋଲି ପ୍ରକାଶ କରିଛନ୍ତି । ଏହି ଗଣଧାରଣାରେ ଧରାକୋଟ, ଆସିକା, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, କୁକୁଡାଖଣ୍ଡି, ବୁଗୁଡା, ଜଗନ୍ନାଥପ୍ରସାଦ, ଭଞ୍ଜନଗର ଆଦି ବ୍ଲକର ଶ୍ରମିକ ସାମିଲ ହୋଇଥିଲେ ।

## ବାରିପଦାରେ ବିଶ୍ୱ ଭ୍ରାତୃତ୍ୱ ଦିବସ

ବାରିପଦା, (ସବ୍ୟୁ) : ବିବେକାନନ୍ଦ କେନ୍ଦ୍ର, ବାରିପଦା ଶାଖା ଆନୁକୂଲ୍ୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ସ୍ଥାନୀୟ ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଅବସରରେ ବାରିପଦା ଶାଖାର ନଗର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ସଂଗଠନର ଅଖିଳ ଭାରତୀୟ ମହା ସଚିବ ମାନନୀୟ ଭାନୁଦାସ ଧାକ୍ରାସ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସନାତନ ବୈଦିକ ଧର୍ମ ଓ ମହାନ ମିଳିତ ଭାରତୀୟ ସଂସ୍କୃତି ଉପରେ ଆଧାରିତ ବିଶ୍ୱବିଜୟୀ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କର ଚିନ୍ତନ, ଦର୍ଶନ ଓ ବିଚାରଧାରା କିପରି ବିଶ୍ୱ ଐକ୍ୟ ଓ ଭାଇଚାରାର ମଞ୍ଜି ବପନ କରିଥିଲା ସେବିଷୟରେ ନିଜ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ । ସଂଗଠନର ଓଡିଶା ପ୍ରାନ୍ତ ପ୍ରମୁଖ ଅନୀଲ କୁମାର କର ସମ୍ମାନନୀୟ ଅତିଥି ରୂପେ ଯୋଗଦାନ କରି କେନ୍ଦ୍ର ପରିଚୟ ପ୍ରଦାନ କରିଥିଲେ । ବାରିପଦା ଶାଖାର ନଗର ପ୍ରମୁଖ ଶିବ ଶଙ୍କର ଗିରି ମଞ୍ଚ ସଂଚାଳନ କରିଥିବାବେଳେ କାର୍ଯ୍ୟାଳୟ ପ୍ରମୁଖ ଡ଼ଃ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବାରିପଦା ମହାବିଦ୍ୟାଳୟର ଛାତ୍ରୀମାନେ ସମବେତ କଣ୍ଠରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଶଣ କରିଥିବା ବେଳେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାମୀଜୀଙ୍କର ଚିକାଗୋ ବିଶ୍ୱ ଧର୍ମ ମହାସମ୍ମିଳନୀରେ ପ୍ରଦତ୍ତ କାଳଜୟୀ ଉଦଘାଟନୀ ବକ୍ତୃତା ଏବଂ ବିବେକ ବାଣୀ ଉପସ୍ଥାପନ କରିଥିଲେ । ବାରିପଦା ସ୍ନାତକ ମହାବିଦ୍ୟାଳୟ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏମପିସି ସ୍ୱାୟଂଶାସିତ ମହାବିଦ୍ୟାଳୟ, ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେତନଟୀ ମହାବିଦ୍ୟାଳୟ, ବାଇଗଣବାଡିଆ ମହାବିଦ୍ୟାଳୟ ଓ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରରେ ଅନୁଷ୍ଠିତ ହୋଇଥିବା ସ୍ୱାଧ୍ୟାୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବକୁ ଶାଖାର ସହ-ନଗର ପ୍ରମୁଖ ଡ଼ଃ ସିଦ୍ଧେଶ୍ୱର ପଣ୍ଡା ଓ ସୁଶ୍ରୀ ସଙ୍ଗୀତା ଦାଶ ପରିଚାଳନା କରିଥିଲେ । ସଭା କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

### ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ

## ସୁସ୍ଥ ନାରୀ ଓ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅଭିଯାନ ସମ୍ପର୍କିତ ବୈଠକ



ବାରିପଦା, (ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ସମ୍ପର୍କିତ ଏକ ବିଭିନ୍ନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇ ଥିଲେ । ଏହି କାର୍ଯ୍ୟକ୍ରମ ଚଳିତ ସେପେଟମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୁଖ୍ୟତଃ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥ ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମାମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଟିଭି ରୋଗର ପରୀକ୍ଷା, ଟୀକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ୍ ସେଲ ଓ ଥାଲାସେମିଆ ଇତ୍ୟାଦି ରୋଗର ପରୀକ୍ଷା, ଗର୍ଭବତୀ ମାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳା ମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟକ ମହିଳା ଓ ମାମାନଙ୍କ ଅଂଶଗ୍ରହଣ ପାଇଁ ପଦକ୍ଷେପ ନିଆଯିବ । ଏଥିସହିତ ଏହି ଅଭିଯାନ ସମୟରେ ପିଏଚସି, ସିଏଚସି ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ଓ ୱୟୋବନ୍ଦନା ଯୋଜନାରେ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ କରାଯିବ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଆମ ଜିଲ୍ଲା ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ହେତୁ ଏହି କାର୍ଯ୍ୟକ୍ରମକୁ ଏକ ମିଶନ ମୋଡ଼ କରିବା ପାଇଁ ପଡିବ । ଏହାର ଶତ ପ୍ରତିଶତ ସଂତୃପ୍ତି ହାସଲ ପାଇଁ ଦାୟିତ୍ୱର ସହ ନିଜ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଅଣସଂକ୍ରାମକ ରୋଗ ବିଭାଗର ନିହାର ରଞ୍ଜନ ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କବି ସମ୍ରାଟ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ



କୁଲାଡ଼, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଐତିହାସିକ କ୍ଷେତ୍ର ଭଞ୍ଜନଗର, କୁଲାଡ କବି ସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କବିସମ୍ରାଟ ବିଦ୍ୟାପୀଠ) ର ସୁର୍ଣ୍ଣ ଜୟନ୍ତୀ ଆସନ୍ତା ମାସ ଅକ୍ଟୋବର ୨୫, ୨୬, ୨୭ ତିନି ଦିନ ଧରି ପାଳନ କରାଯିବ । ଏନେଇ ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।ଅଧିଷ୍ଠାତ୍ରୀ ଦେବୀ ମା' ବ୍ୟାଘ୍ର ଦେୀଙ୍କ ପୀଠରୁ ଆଜ୍ଞାମାଳା ଗ୍ରହଣ କରି ଶୋଭାଯାତ୍ରାରେ ଆସି ବିଦ୍ୟାଳୟ ପରିସରରେ ଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସୁବର୍ଣ୍ଣଜୟନ୍ତୀ କାର୍ଯ୍ୟାଳୟର ଉଦଘାଟନ କରିଥିଲେ । ସେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ନିଜ ଶିକ୍ଷା ଗୁରୁ ମାନଙ୍କୁ ପ୍ରଣାମ କରିଥିଲେ । ଏଥି ସହିତ ସୁବର୍ଣ୍ଣ ଜୟନ୍ତୀ କିପରି ଭଲରେ ପାଳନ କରାହେବ ସେ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିରେ ଯୋଗଦେବା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ । ରାଜ୍ୟ ସ୍ତରୀୟ ଅତିଥିମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ ବୋଲି ସେ କହିଥିଲେ ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଡିଜିଟାଲ ସାକ୍ଷରତା ଅଭିଯାନ



ବ୍ରହ୍ମପୁର, (ସବ୍ୟୁ): ଟାଟା ସ୍ୱେଚ୍ଛାସେବୀ ସପ୍ତାହ ଉପଲକ୍ଷେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗଞ୍ଜାମର ରଙ୍ଗେଇଲୁଣ୍ଡା ବ୍ଲକସ୍ଥିତ କମଳାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କୋରାପୁଟର ଗିରିଲିଗୁଡ଼ା ଗ୍ରାମରେ ଡିଜିଟାଲ୍ ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହି ସାକ୍ଷରତା ଅଭିଯାନ ଅଧିନରେ ଗ୍ରାମାଞ୍ଚଳ ଓ ଛୋଟ ସହରାଞ୍ଚଳଗୁଡ଼ିକର ଏସଏଚଜି ମହିଳା ତଥା ଉପଭୋକ୍ତା ସଂପ୍ରଦାୟଙ୍କୁ ଡିଜିଟାଲ ଶିକ୍ଷା ଦିଆଯାଇଛି । ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ମଞ୍ଜୁ ଗର୍ଗ ମହିଳାମାନଙ୍କୁ ଡିଜିଟାଲ ସାକ୍ଷରତାର ମହ‰ ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । କମ୍ପାନୀ ପକ୍ଷରୁ ସ୍ୱେଚ୍ଛାସେବୀ କର୍ମଚାରୀମାନେ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଏସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ସହ ଡିଜିଟାଲ ପଦ୍ଧତି କିପରି କାର୍ଯ୍ୟ କରେ ସେନେଇ ବୁଝାଇଥିଲେ । ସେହିପରି, ଦୈନନ୍ଦିନ ଜୀବନରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର, ଅନଲାଇନ ପେମେଣ୍ଟ ସିଷ୍ଟମ୍, ନିରାପଦ ଡିଜିଟାଲ୍ ଅଭ୍ୟାସ ଓ ସରକାରୀ ତଥା ବେସରକାରୀ ବ୍ୟାଙ୍କରେ ଡିଜିଟାଲ ସେବାର ବ୍ୟବହାର ଦିଗରେ ସଚେତନତା ସୃଷ୍ଟି କରାଯାଇଥିଲା । କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱର୍ ଏସଏଚଜି ମହିଳାମାନେ ଯୋଗ ଦେଇଥିବା ବେଳେ ସାଧାରଣ ଜୀବନରେ ଡିଜିଟାଲ ସେବାର ଉପଲବ୍ଧତା ଓ ଏହାର ସଠିକ ପରିଚାଳନା ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ । ପୁରା ଅଧିବେଶନଟି ଦ୍ୱିପାକ୍ଷିକ ଆଲୋଚନାରେ ପରିଚାଳିତ ହୋଇଥିଲା, ଯାହାଫଳରେ ମହିଳାମାନେ ଡିଜିଟାଲ ସେବା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ କର୍ମଚାରୀମାନେ ସେମାନଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ । ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଉପଭୋକ୍ତା ସଂପ୍ରଦାୟଙ୍କ ମଧ୍ୟରେ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବା ସହ ସେମାନଙ୍କୁ ଅଧିକ ସଶକ୍ତ କରିପାରୁଛି । ଦକ୍ଷିଣ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଉପଭୋକ୍ତାଙ୍କ ଜୀବନ ମାନରେ ଉନ୍ନତି ଆଣିବା ନେଇ କମ୍ପାନୀ ସଦା ପ୍ରତିବଦ୍ଧ ରହିଛି ।

## ତିନି ଲୁଟେରା ଗିରଫ, ୧୪ ମୋବାଇଲ ଜବତ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ପୋଲିସ ଗୋଶାଣିନୂଆଗାଁ ଅଞ୍ଚଳର ଶ୍ରୀକାନ୍ତ ପାଢ଼ୀ(୨୦), ନିହାଲ ଶର୍ମା(୨୦) ଓ ତାଙ୍କ ଭାଇ ନିଖିଳ ଶର୍ମା(୧୯) ଙ୍କୁ ଗିରଫ କରିଛି । ପୋଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ୧୪ ଗୋଟି ମୋବାଇଲ ଓ ଏକ ବାଇକ ଜବତ କରିଛି । ଅଭିଯୁକ୍ତ ମାନେ ସହରର ବିଭିନ୍ନ ସ୍ଥାନରୁ କିଛିଦିନ ହେଲା ମୋବାଇଲ ଲୁଟ କରୁଥିବା ଜେରା ବେଳେ ପୋଲିସ ଜାଣିବାକୁ ପାଇଛି । ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଲାଞ୍ଜିପଲି କେଶବ ନଗରର ଅତୁଲ୍ୟ କୁମାର ପଟ୍ଟନାୟକ ଗୁଡ୍‌ସେଡ଼ ରୋଡରେ ସନ୍ଧ୍ୟାକାଳୀନ ଭ୍ରମଣ କରିଥିଲେ । ପଲସର ବାଇକରେ ଦୁଇଜଣ ଯୁବକ ତାଙ୍କ ନିକଟକୁ ଆସି ମୋବାଇଲ ଝାମ୍ପି ନେଇଥିଲେ । ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ।


**DOCUMENT LOST**

That, I **Mr. Krushna Chandra Sahoo,** Aged about 49 years, S/o- Kulamani Sahoo, Aadhaar No. 7821-6369-3266, Phone No.: 9938309956, Permanent Resident of At: Umadei Brahmapur, PO: Garasrirampur, PS: Balianta, Dist.: Khordha, Odisha, PIN-752100 declare that, the original link title deeds such as Regd. Sale Deed No.: 6328, Dtd.01.07.1987 executed by Banalata Mishra, W/o- Late Khetra Mohan Mishra in favour of Kartik Jena, Gajendra Jena & Ali Pradhan and Original Regd. Sale Deed No. 1129, Dtd.05.08.2002 executed by Gajendra Jena in favour of Kartik Jena and Original Consolidation ROR in respect of Khata No.: 27, Chaka No.: 18, Plot No.: 41, Area: Ac.0.540 dec. & Mutation ROR in respect of Khata No.: 154/2011, Chaka No. 18, Plot No.: 41, Area: Ac.0.540 dec., under Mouza: Aringola, Tahasil: Balianta, Dist.: Khordha, have been misplaced from my custody and as I am unable to trace/find the same despite my best efforts. Neither I nor my family members have created any equitable mortgage/charge with any bank or financial institutions by depositing the said title deeds & RORs in respect of the said property situated at Mouza: Aringola, Status: Stitiban, Kisam: Agriculture. That, I intended to mortgage the property in favour of Central Bank of India, Bhubaneswar Main Branch, Bhubaneswar and the said Bank has in principle agreed to advance the loan in my favour against the security of said property. If any individual, Bank, Financial Institution is holding the said document in original as security for any loan granted, they are requested to inform the undersigned address within seven days from the date of Publication of notice/advertisement relating to the above property.



ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank Together for the better | Oriental | United

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ମଣ୍ଡଳ ସାମ : ବାଲେଶ୍ୱର**
ମଣ୍ଡଳ କାର୍ଯ୍ୟାଳୟ, ୨ୟ ମହଲା, ଭାରତ ଟିୟର କମ୍ପ୍ଲେକ୍ସ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଇମେଲ୍: cs8190@pnb.co.in, ନୋଡ଼ାଲ ଅଫିସରଙ୍କ ଯୋଗାଯୋଗ ନଂ.: ୯୯୩୩୪୮୫୧୪୪

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେପରି ଯେଉଁଠାରେ ଅଛି" "ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଜାମିନ୍‌ଦାରଙ୍କ ଠାରୁ ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି ।

**ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ**

| କ୍ର୍. ନଂ. | ଶାଖାର ନାମ / ଆକାଉଣ୍ଟର ନାମ / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ/ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତିଗୁଡିକର ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ / ଖ) ବକେୟା ପରିମାଣ / ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ / ଘ) ଦଖଲ ପ୍ରକାର ସାଙ୍କେତିକ/ ଭୌତିକ/ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ / ଖ) ଅମାନତ ରାଶି / ଗ) ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ | ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ଏନ୍‌କମ୍ବ୍ରାନସେସ୍‌ର ସବିଶେଷ ତଥ୍ୟ |
|---|---|---|---|---|---|---|
| ୧. | ପିଏନ୍‌ବି ଧାମରା ଶାଖା (୦୯୫୭୨୦)/ ଋଣଗ୍ରହୀତା: ଶ୍ରୀ ଦିଲିପ କୁମାର ନାୟକ, ପିତା: ଶ୍ରୀ ନବ କିଶୋର ନାୟକ / ବନ୍ଧକଦାତା/ଜାମିନ୍‌ଦାର: ଶ୍ରୀ ନବକିଶୋର ନାୟକ, ଉଭୟଙ୍କ ଠିକଣା- ସା: ନୂଆଗାଁ ଇଛାପୁର, ପୋ: କଳେଶ୍ୱରପୁର, ଥାନା: ବାଁଶଡା, ଧାମରା, ଓଡ଼ିଶା, ପିନ୍-୭୫୬୧୭୧ | ଶ୍ରୀ ନବ କିଶୋର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆଗାଁ ଇଛାପୁର, ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଖାତା ନଂ.: ୭୦, ପ୍ଲଟ୍ ନଂ.: ୧୪୪୦, କ୍ଷେତ୍ର: ଏକର୦.୧୯୦ ଡିସିମିଲି | କ) ୧୪.୦୮.୨୦୧୮ / ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୯,୫୦,୧୧୨.୪୭ + ପରବର୍ତ୍ତୀ ସୁଧ, ଦେୟ / ଗ) ୦୫.୧୨.୨୦୧୮ / ଘ) ସାଙ୍କେତିକ | ଟ.୧୯,୦୮,୦୦୦/- / ଟ.୧,୯୦,୮୦୦/- / ଟ.୧୦,୦୦୦/- | ୨୬.୦୯.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା | ଆମ ରେକର୍ଡ ଅନୁଯାୟୀ ନାହିଁ |
| ୨. | ପିଏନ୍‌ବି ବାସୁଦେବପୁର ଶାଖା (୧୪୯୯୧୦)/ ଋଣଗ୍ରହୀତା: ଶ୍ରୀ ରତିକାନ୍ତ ସାହୁ, ପିତା: ଚିନ୍ତାମଣି ସାହୁ, ସା: ମଧୁସୂଦନପୁର, ପୋ: ବରଣୁଆ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୬୦ | ଶ୍ରୀ ରତିକାନ୍ତ ସାହୁ, ପିତା: ଚିନ୍ତାମଣି ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୬୬୫୭, ଖାତା ନଂ.: ୧୨୬୭୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ମଧୁସୂଦନପୁର, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ | କ) ୨୬.୦୮.୨୦୨୨ / ଖ) ୩୧.୦୮.୨୦୨୫ ସୁଦ୍ଧା ଟ.୮,୩୮,୯୬୪.୫୨ + ପରବର୍ତ୍ତୀ ସୁଧ, ଦେୟ / ଗ) ୧୮.୧୧.୨୦୨୨ / ଘ) ସାଙ୍କେତିକ | ଟ.୮,୦୦,୧୦୦/- / ଟ.୮୦,୦୧୦/- / ଟ.୧୦,୦୦୦/- | ୨୬.୦୯.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା | ଆମ ରେକର୍ଡ ଅନୁଯାୟୀ ନାହିଁ |

ନିୟମ ଓ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ବର୍ଣ୍ଣିତ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ । ୧) ସମ୍ପତ୍ତିଗୁଡ଼ିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ । ୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ ହୋଇଅଛି, କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣା ନାମରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବ୍ୟାଖ୍ୟା ନିମନ୍ତେ ଦାୟୀ ନୁହଁନ୍ତି । ୩) ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://baanknet.com ଜରିଆରେ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ସମୟ ଅନୁଯାୟୀ ତା.୨୬.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଏହି ବିକ୍ରୟ ଅନୁଷ୍ଠିତ ହେବ । ୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବସାଇଟ୍ https://baanknet.com ଏବଂ www.pnbindia.in ଦେଖନ୍ତୁ ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୦.୦୯.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତା

## ବ୍ୟକ୍ତିଗତ ଜମିରେ ସରପଞ୍ଚଙ୍କ ମନରେଗା କାର୍ଯ୍ୟ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ କାଶିଆଡିହ ଗ୍ରାମରେ ବ୍ୟକ୍ତିଗତ ଜମିରେ ସରପଞ୍ଚ ମନରେଗା କାର୍ଯ୍ୟ କରୁଥିବାରୁ ପରିବାର ଲୋକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ କାଶିଆଡିହ ଗ୍ରାମର ପ୍ଲଟ ନଂ ୭୫୯ ଏବଂ ଖାତା ନଂ୧୪୫ଟି ଗ୍ରାମର ସ୍ୱର୍ଗତଃ ଗିରିଧାରୀ ସେଠୀଙ୍କ ନାମରେ ରହିଥିବା ବେଳେ କାଶିଆଡିହ ସରପଞ୍ଚଅସାରିଆପଡା ତଏଲା ଠାରୁ ମହିଧରପୁର ଦେଇ ୩ଲକ୍ଷ ଟଙ୍କାର ଏକ ମନରେଗା କାର୍ଯ୍ୟ ଆରଦେନ ଚାନେଲ କରୁଛନ୍ତି। ନିୟମ ଅନୁଯାୟୀ ମନରେଗା କାର୍ଯ୍ୟପାଇଁ ଶ୍ରମିକ ବ୍ୟବହାର କରିବାପାଇଁ ଥିବା ବେଳେ ସେ ଜେସିବି ସହାୟତାରେ ବ୍ୟକ୍ତିଗତ ଜମି ଉପରେ କାର୍ଯ୍ୟ କରୁଥିବାରୁ ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ସରପଞ୍ଚଙ୍କ ସ୍ୱାମୀଙ୍କୁ ଜଣାଇବାରୁ ସେ ଧମକଚମକ ଦେଇଥିଲେ।ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ନେବାକୁ ନିରଞ୍ଜନ ସେଠୀ ଏବଂ ପ୍ରଶାନ୍ତ ସେଠୀ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। କାମ ହେଉଥିଲେ ମଧ ସ୍ୱେଥିରେ କାର୍ଯ୍ୟାରମ୍ଭ ତାରିଖ କିମ୍ବା ଅନ୍ୟ କୌଣସି ତଥ୍ୟ ନାହିଁ। ଏହା ସହିତ ମନରେଗା କାର୍ଯ୍ୟ କିପରି ମେସିନରେ ହେଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘରୋଇ ଜାଗାରେ କିପରି ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର ପ୍ରକଳ୍ପ କାର୍ଯ୍ୟ କରାଯାଇଛି ତାହା ଏବେ ତଦନ୍ତ ସାପେକ୍ଷ ।

## ୫ମ ଶ୍ରେଣୀ ଛାତ୍ରୀ ଜସ୍ମିନ ସେଠଙ୍କୁ ବିଭତ୍ସ ହତ୍ୟା ଘଟଣା
# ଅପରାଧୀଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦେବାକୁ ଦାବି

କଣିହାଁ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବାଲୁଅକଟା ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ଜନୈକ ପଞ୍ଚମଶ୍ରେଣୀ ଛାତ୍ରୀ ଜସ୍ମିନ ସେଠଙ୍କୁ ବିଭତ୍ସ ହତ୍ୟା ଘଟଣା ପ୍ରତିବାଦରେ ଓ ଅପରାଧିମାନଙ୍କୁ ତୁରନ୍ତ ଗିରଫ ଓ କଠୋର ଦଣ୍ଡ ଦେବା ଦାବିରେ ଏଆଇଡିଏସଓ, ଏଆଇଡିୱାଇଓ, ଏଆଇଏମଏସଏସ ପକ୍ଷରୁ ଏନଟିପିସି ବାଇପାସ ଛକ ଠାରେ ସୋମବାର ଦିନ ଅପରାହ୍ନରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛ। ଏଭଳି ଉଦବେଗ ଓ ହୃଦୟ ବିଦାରକ ଘଟଣାକୁ ଏହି ସଭାରେ ଦୃଢ ନିନ୍ଦା କରାଯାଇଛି । ରାଜ୍ୟରେ ନାବାଳିକା, ଛାତ୍ରୀ, ଯୁବତୀ, ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ବହୁଗୁଣିତ ହେଉଥିବା ବେଳେ ସରକାର ଓ ପୋଲିସ ତାହା ରୋକିବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଅପରାଧୀମାନଙ୍କୁ କଠୋର ଦଣ୍ଡ ବିଧାନ କରାଯାଉ ନଥିବାରୁ ଓ ପୋଲିସର ଅପାରଗତା ଯୋଗୁଁ ଏଭଳି ଅପରାଧୀକ ଘଟଣା ଘଟାଇବାକୁ ଅପରାଧୀମାନେ ସାହାସ କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି । ଛାତ୍ରୀକୁ ଦୁଷ୍କର୍ମ କରି ବିଭତ୍ସ ହତ୍ୟା କରାଯାଇଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବାସହ ସମ୍ପୃକ୍ତ ସମସ୍ତ ଅପରାଧୀମାନଙ୍କୁ ଗିରଫ କରି କଠୋରରୁ କଠୋର ଦଣ୍ଡ ବିଧାନ କରିବା ସମେତ ମୃତ ଛାତ୍ରୀଙ୍କ ପରିବାରକୁ ପର୍ଯ୍ୟାପ୍ତ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ପ୍ରତିବାଦ ଆନ୍ଦୋଳନରେ ସାମିଲ ଥିବା ପ୍ରଗତି ନାୟକ, ମିନତୀ ସାମଲ, ପଙ୍କଜୀନି ସିଂହ, ପରମାନନ୍ଦ ସାହୁ, ଟୁନା ନାଏକ, ବିଜୟ ସାହୁ, ଖୁଲଣା ନାଏକ, ବାବୁଲା ନାଏକ, ମିନା ନାଏକ ପ୍ରମୁଖ ଦାବି କରିଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଘଟଣ
# ନିଯୁକ୍ତି ଦାବିରେ ଯୁବକଙ୍କ ବିଷପିଇ ଆତ୍ମହତ୍ୟା ଉଦ୍ୟମ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦାବୀରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବାର ଉଦ୍ୟମ ଜଣାପଡିଛି। ସୂଚନା ଅନୁସାରେ ପରଜଙ୍ଗ ବାରିହାପୁର ଅଞ୍ଚଳର ଦଳିତ ବସ୍ତିରେ ପସନ୍ନ କୁମାର ନାଏକ ନାମକ ଜଣେ ଯୁବକ ବୁଧବାର ନିଯୁକ୍ତି ଦାବୀ କରି ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କାର୍ଯ୍ୟାଳୟ ଭିତରେ ଏଭଳି ଅଘଟଣ ଦେଖିବାକୁ ମିଳିଥିବା ବେଳେ ଯୁବକଙ୍କୁ କାବୁ କରିନେଇଥିଲେ। ପ୍ରକାଶ ଥାଉ ଯେ ଡିପିଇପି ମାଧ୍ୟମରେ ଇଜିଏସ୍ ସେଣ୍ଟର ଖୋଲିବାର ପ୍ରସ୍ତାବ ଥିଲା । ସେହି ସମୟରେ ସେହି ଯୁବକ ଜଣଙ୍କ ଇଜିଏସ୍ ରେ ଚାକିରିପାଇଁ ଆବେଦନ କରିଥିଲେ। ଏହି ଯୁବକ ଜଣଙ୍କ ଯୋଗ୍ୟ ଥାଇ ମଧ ଅନ୍ୟ ଜଣେ ଯୁବତୀଙ୍କୁ ଚାକିରି ଦିଆ ଯାଇଥିବା ପ୍ରକାଶ । ଏହାପରେ ସେ ବିଡିଓ, ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ମଧ ଦେଖା କରିଥିଲେ ମଧ କେହି ତାଙ୍କ କଥା ଶୁଣିନଥିଲେ । ପରେ ସେ ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ହାଇକୋର୍ଟ ଅର୍ଡରକୁ ଜିଲ୍ଲା ପ୍ରଶାସନ ଶୁଣିନଥିବା ସେ ଅଭିଯୋଗ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଅନୁସାରେ ୨୦୦୧ ମସିହାରୁ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶିକ୍ଷାଦାନ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯାଇଥିଲା। ଯୁବକ ଜଣକ କୌଣସି ନିଯୁକ୍ତି ପାଇନଥିବା ବେଳେ ସେହି ସେଣ୍ଟର ମଧ ଖୋଲିନାହିଁ। ତେବେ ତାଙ୍କୁ କିପରି ନିଯୁକ୍ତି ମିଳିବ ବୋଲି କହିଥିଲେ। ଆରମ୍ଭରୁ ଚାକିରୀ ନାହିଁ କିପରି ଚାକିରୀ ମିଳିବ ବୋଲି କହିଥିଲେ। ଯୁବକ ଜଣକୁ କାବୁ କରାଯିବା ସହିତ ପୋଲିସକୁ ହସ୍ତାନ୍ତର କରାଯାଇଥିବାର ଜଣାପଡିଛି।



# ବିପୁଳ ପରିମାଣର ତମାଖୁ ଜବତ



ବଅଁରପାଳ (ସବ୍ୟୁ) ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଙ୍କ ନିର୍ଦ୍ଦେଶକ୍ରମେ ନାଲକୋ ନଗର ଓ ବଅଁରପାଳ ଥାନା ଅଞ୍ଚଳରେ ଥିବା ପାନ ଓ ଚା ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ତମାଖୁ ଜବତ କରିଛି ପୋଲିସ । ସୂଚନା ଅନୁଯାୟୀ ନାଲକୋ ନଗର ଥାନା ପକ୍ଷରୁ ନାଲକୋ ବଜାର, ଗିରାଙ୍ଗ ଛକ, ଏଫ୍ ସିଆଇ ଛକ, ସେଣ୍ଟ୍ରାଲ ମାର୍କେଟ ଅଞ୍ଚଳରେ ଥିବା ପାନ ଓ ଚା ଦୋକାନରୁ ବିପୁଳ ପରିମାଣର ଗୁଟୁଖା, ସିଗାରେଟ୍ ଜବତ କରିବା ସହ ନାଲକୋ ଟାଉନ୍ ସିପି ୧ନମ୍ବର ଗେଟ୍ ନିକଟରେ ଥିବା ଏକ ପାନ ଦୋକାନରୁ ତମାଖୁ ସହିତ ଗଞ୍ଜେଇ ବର୍ତ୍ତି ସିଗାରେଟ୍ ଜବତ କରିଛି ପୋଲିସ । ସେହିପରି ବଅଁରପାଳ ଥାନା ପୋଲିସ ପକ୍ଷରୁ ନୂଆହତା ଛକ, ସନ୍ତ୍ରିଛକ ବଅଁରପାଳ ବଜାର ଓ ହାଟଛକ ଅଞ୍ଚଳରେ ଥିବା ଚା ଓ ପାନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ତମାଖୁ ସାମଗ୍ରୀ ଜବତ କରିବା ସହ ୯ ଜଣଙ୍କ ନାମରେ ମାମଲା ହୋଇଛି । ଏଠାରେ ପ୍ରକାଶ ଗତ କିଛି ଦିନ ତଳେ ଗଞ୍ଜେଇ, ସିଗାରେଟ୍ କବଳରେ ନାବାଳକ:ଚିନ୍ତାରେ ଅଭିଭାବକ, ଖବରଟି 'ସମୟ' ଖବର କାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲା ପୋଲିସ ଆକ୍ସନ୍ ମୁଡ଼ ରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ

ଅନୁଗୋଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଚୟନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ନିଯୁକ୍ତ ପୂର୍ବତନ ସାଂସଦ ଡି କେ ସୁରେଶ ଜିଲ୍ଲା କଂଗ୍ରେସ ଭବନ ଠାରେ ପହଞ୍ଚିବା ପରେ ପ୍ରଥମେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ ସଂବୋଧିତ କରି ଓଡ଼ିଶାରେ କଂଗ୍ରେସର ଭବିଷ୍ୟତ ଉଜ୍ଜ୍ୱଳ ରହିଛି ବୋଲି ମତବ୍ୟକ୍ତ କରିବା ସହ ଆଗାମୀ ଦିନରେ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କଲେ, ଏଭଳି କୌଣସି ଶକ୍ତି ନାହିଁ ଯେ କି କଂଗ୍ରେସ ଦଳକୁ କ୍ଷମତାରୁ ଦୂରେଇ ଦେବ । ସେ ଅନୁଗୋଳରେ ତିନି ଦିନ ରହି ସମସ୍ତ ବ୍ଲକ, ନଗର ତଥା ସମସ୍ତ ବର୍ଗର କର୍ମୀମାନଙ୍କ ମତାମତକୁ ସଂଗ୍ରହ କରି ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତିଙ୍କୁ ପ୍ରଦାନ କରିବେ । ତାଙ୍କୁ ସହଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ତିନି ଜଣିଆ ପର୍ଯ୍ୟବେକ୍ଷକ ମଧ ପଠାଇଛି । ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିନୋଦ କୁମାର ପାତ୍ର ଓ ନିରଞ୍ଜନ ନାୟକ ପ୍ରଦେଶ କଂଗ୍ରେସ ପକ୍ଷରୁ ତାଙ୍କ ସହ ମିଶି ଆସିଥିଲେ । ମହମ୍ମଦ ମୋକିମ ସାମ୍ବାଦିକ ମାନଙ୍କୁ ଉଦବୋଧନ ଦେଇ କଂଗ୍ରେସ ଓଡିଶାର ଏକମାତ୍ର ନିର୍ଭରଯୋଗ୍ୟ ବିରୋଧୀ ଦଳର ଭୂମିକା ନିଭାଉଛ । ଅନୁଗୋଳ ଜିଲ୍ଲା ଆଜି ବହୁ ସମସ୍ୟା ଦେଇ ଗତି କରୁଛି । ଚାଷୀର ବଡ ସମସ୍ୟା ବନ୍ୟଜନ୍ତୁର ପ୍ରାଦୁର୍ଭାବ । ହାତୀ ପ୍ରତ୍ୟେକ ଦିନ ଜିଲ୍ଲାର ଧନ ଜୀବନ ନଷ୍ଟ କରୁଛ । ସାର ଏକ କୃତ୍ରିମ ଅଭାବ ରହିଛିଛ ଏହି ଜିଲ୍ଲାର ବଡ ସମସ୍ୟା ବାୟୁ ପ୍ରଦୂଷଣ । କମ୍ପାନୀ ପରେ କମ୍ପାନୀ ଗଢି ଉଠୁଛି, ହେଲେ ସ୍ଥାନୀୟ ଅଧିବାସୀମାନଙ୍କ ସମାନ୍ୟ ସ୍ୱାର୍ଥକୁ ଅଣଦେଖା କରାଯାଉଛି । ଜନସାଧାରଣଙ୍କ ସମସ୍ୟାକୁ ଠିକ ଭାବରେ ଉପସ୍ଥାପନ କେବଳ କଂଗ୍ରେସ ଦଳ ହିଁ କରିଥାଏ । ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱ ସଙ୍ଗଠନ ସୃଜନ ଅଭିଯାନ ଜରିଆରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ସମ୍ମାନ ଦେଇ ସଭାପତି ଚୟନ କରିବ । ଏଣୁ ଏ ପ୍ରକ୍ରିୟାରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ପୂର୍ବତନ ବିଧାୟକ ବିନୋଦ ବିହାରୀ ପାତ୍ର, ନିରଞ୍ଜନ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନୁଗୋଳ ଜିଲ୍ଲା ସଂଯୋଜକ ଅମ୍ବିକା ପ୍ରସାଦ ଭଞ୍ଜ ସଭାପତିତ୍ୱ କରିଥିଲାବେଳେ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ବେହେରା, ବିଜୟାନନ୍ଦ ଚାଉଳିଆ, ଦିଗାମ୍ବର ଗଡନାୟକ, ପ୍ରଫୁଲ୍ଲ ଦାସ, ଜିତେନ୍ଦ୍ର କୁମାର ସାହୁ, ଜଗଦାନନ୍ଦ ପ୍ରଧାନ, ରୂପାଦୀପା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

## ଦୃଷ୍ଟିହୀନ ଛାତ୍ରଙ୍କ ହାତ ମୋଡିବା ଘଟଣା
# ସ୍କୁଲରେ ପହଞ୍ଚି ତଦନ୍ତ କଲା ଜିଲ୍ଲା ଶିଶୁ ସୁରକ୍ଷା କମିଟି

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କଣ୍ଟାନାଳୀ ବାଇପାସସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟି ହୀନ ଓ ବଧିର ବିଦ୍ୟାଳୟରେ ଜଣେ ଦୃଷ୍ଟିହୀନ ଛାତ୍ରଙ୍କୁ ନିର୍ଯ୍ୟାତନା ଦେବା ଘଟଣାରେ ବୁଧବାର ଜିଲ୍ଲା ଶିଶୁ ସୁରକ୍ଷା କମିଟି ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଯୋଗ୍ୟ ଯେ ନନ୍ଦିନୀ ଦେବୀ ଦୃଷ୍ଟି ହୀନ ଓ ବଧିର ବିଦ୍ୟାଳୟରେ ବହୁ ସମୟରେ ଛାତ୍ରଛାତ୍ରୀଙ୍କୁ ନିର୍ଯ୍ୟାତନା ଦିଆଯାଉଛି । ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ମଧ ଦିଆଯାଉଛି । ଏ ସବୁ ଘଟଣାକୁ ନେଇ ଜଣେ ଦୃଷ୍ଟିହୀନ ଛାତ୍ର ଚାଇଲ୍ଡ ହେଲ୍ପ ଲାଇନକୁ ଜଣାଇଥିଲେ । ଏହି ଘଟଣା ଜଣା ପଡିବା ପରେ ବିଦ୍ୟାଳୟର କ୍ୟାସିଅର ମଳୟ ପାଣିଗ୍ରାହୀ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କୁ ତଳେ ପକାଇ ମାଡ ମାରିବା ଶହ ଛାତ୍ରଙ୍କ ହାତ ମୋଡି ଦେଇଥିଲେ । ମଙ୍ଗଳବାର ବିଦ୍ୟାଳୟରେ ଚାଇଲ୍ଡ ଲାଇନ୍ ହେଲ୍ପ ର ୩ ଜଣ ସଦସ୍ୟ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ତାଙ୍କର ଚିକିତ୍ସା କରାଯାଇ ସ୍କୁଲରେ ଛାଡିଥିଲେ । ବୁଧବାର ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଚେୟାରମ୍ୟାନ୍ ପୁଷ୍ପକ ତ୍ରିପାଠୀ, ଡିସିପି ଓ ଅନୁରାଧା ଗୋସ୍ୱାମୀ, କମିଟି ସଦସ୍ୟ କୃଷିଦା ବେଗମ ସମ୍ପୃକ୍ତ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି । ସ୍କୁଲର ଛାତ୍ରଛାତ୍ରୀଙ୍କ ଶହ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ଘଟଣାରେ ସମ୍ପୃକ୍ତ କ୍ୟାସିଅରଙ୍କୁ ଡକାଇ ଥିଲେ ମଧ ସେ ସ୍କୁଲରେ ଉପସ୍ଥିତ ନଥିଲେ । ଏ ନେଇ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ସିଶୁ ସୁରକ୍ଷା କମିଟି ଚେୟାରମ୍ୟାନ ଶ୍ରୀ ତ୍ରିପାଠୀ କହିଛନ୍ତି ।

## ମଦ ଜବତ ଜଣେ ଗିରଫ

ଠାକୁରଗଡି ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁର ଗଡ଼ ପୋଲିସ ପାଇକ ସାହି ନିକଟସ୍ଥ କଳା ପାଟନାଳୀ ଗ୍ରାମରେ ମଙ୍ଗଳବାର ଦିନ ଚଢ଼ାଉ କରି ପପୁନ ସାହୁ ଙ୍କ ଘରୁ ୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରା ଯାଇଛି । ଏଥିସହ ତାଙ୍କୁ ଗିରଫ କରା ଯାଇଛି । ସେ ବେଆଇନ ଭାବରେ ଚୋରା ରେ ମଦ ବିକ୍ରି କରୁଥିବା ଖବର ପାଇ ଠାକୁର ଗଡ଼ ପୋଲିସ ଚଢ଼ାଉ କରି ଗିରଫ କରିଥିଲେ ଓ ଏ ନେଇ ନମ୍ବର ୨୫୮/୨୫ ରେ ଏକ ମାମଲା ରୁଜୁ କରିଛି ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ

ହିନ୍ଦୋଳ,(ସବ୍ୟୁ):ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ୱାର୍ଡନଂ ୧୨ ବନମାଳୀପୁରବାସି ରସାନନ୍ଦ ମୁଦୁଲି(୫୩) ଆଜି କୌଣସି କାର୍ଯ୍ୟରେ ଢେଙ୍କାନାଳ ଯାଉଥିବାବେଳେ ରସୋଳ ଥାନା ସୁକିଆବାଉତି ନିକଟରେ ମୁମୂର୍ଷୁ ଅବସ୍ଥାରେ ପଡିଥିବାବେଳେ ଜନସାଧାରଣ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଡାକ୍ତରଖାନା ଆଣିବାରୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ରସାନନ୍ଦଙ୍କ ମୃତ୍ୟୁ ଖବର ପାଇ ଶହଶହ ଜନସାଧାରଣ ଆସି ଅନ୍ତିମଦର୍ଶନ କରିଥିଲେ ଏବଂ ଡାକ୍ତରଖାନା ପରିବେଶ ଶୋକାକୁଳ ହୋଇଯାଇଥିଲା । ସ୍ୱର୍ଗତ ରସାନନ୍ଦ ମୁଦୁଲି ଜଣେ ଦୃଢ଼ ସଂଗଠକ ରହିବାସହ ତିନିଜଣ କାଉନସିଲର ପ୍ରାର୍ଥୀଙ୍କୁ ଜିତାଇଥିଲେ । ଏଥିସହ ଜଣେ ସରଳ ଅମାୟିକ ପରୋପକାରୀ, ସମାଜସେବୀ ଲୋକପ୍ରିୟ ବ୍ୟକ୍ତିତ୍ୱ ଥିଲେ । ରାସାନନ୍ଦଙ୍କ ଅକାଳ ବିୟୋଗ ଖବରପାଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଅସୁସ୍ଥତାହେତୁ ଆସିନପାରି ଗଭୀର ଶୋକପ୍ରକାଶ କରିଛନ୍ତି ଓ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ,ବିଜେଡ଼ିନେତା ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ରମେଶ ସାହୁ,ୱାର୍ଡନଂ୧୨ କାଉନସିଲ ଶରତ ଭୁତିଆ,ବିଜେଡ଼ି ଯୁବନେତା ଶ୍ରୀକାନ୍ତ ମହାପାତ୍ର,ବିଜେପି କାର୍ଯ୍ୟକର୍ତା ରମେଶ ମିଶ୍ର, ବିଜେପି ଯୁବନେତା ପ୍ରମୋଦ ଶଙ୍କର ବେହେରାଙ୍କ, ସୁମନ ଦାସ, ସାମ୍ବାଦିକ ଗୌତମ ମୁଦୁଲି ପ୍ରମୁଖଙ୍କ ସମେତ ହିନ୍ଦୋଳ ଏନଏସି ର ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମଦର୍ଶନ କରିଥିଲେ । ଆଜି ସନ୍ଧ୍ୟାରେ ଶହଶହ ଜନସାଧାରଣଙ୍କ ଉପସ୍ଥିତରେ ଗ୍ରାମଶ୍ମଶାନ ରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପର୍ଣ୍ଣ ହୋଇଥିବାବେଳେ ସାରା ଅଞ୍ଚଳ ଶୋକରେ ବୁଡିଯାଇଛି ।

# ଡିଏଭି ପବ୍ଲିକ ସ୍କୁଲରେ ସମ୍ବର୍ଦ୍ଧନା ଉତ୍ସବ



ଗୋଡ଼ିବନ୍ଧ,(ସବ୍ୟୁ): ଡିଏଭି ପବ୍ଲିକ୍ ସ୍କୁଲରେ ଅଧକ୍ଷ ଡକ୍ଟର ସମୀର କୁମାର କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ପୂର୍ବତନ ଛାତ୍ର ଗୋପୀନାଥ ସାହୁଙ୍କୁ ତାଙ୍କର ୟୁପିଏସି ପରୀକ୍ଷା ରେ ୯୭୧ କ୍ରମାଙ୍କ ରଖି ସଫଳତା ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଯୋଗ ଦେଇ ଏନଟିପିସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ତାଙ୍କୁ ଓ ତାଙ୍କର ପିତାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଏନଟିପିସି ର ସହାୟକ ମହାପ୍ରବନ୍ଧକ ରୋହିତ କୁମାର, ଉପ ମହାପ୍ରବନ୍ଧକ ସକିଲ ଅହମଦ , ବରିଷ୍ଠ ପ୍ରବନ୍ଧକ ଡକ୍ଟର ଶଶିଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇ ଗୋପୀନାଥ ସାହୁଙ୍କୁ ଉତ୍ସାହିତ କରିଥିଲେ । ତତ୍ପରେ ଗୋପୀନାଥ ସାହୁ ଛାତ୍ର ଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ରୀତଝ ରଥ ପରିଚାଳିତ କରିଥିଲେ । ପରିଶେଷରେ ବିଦ୍ୟାଳୟର ଅଧକ୍ଷ ଡକ୍ଟର ସମୀର କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଶ୍ୟାମସୁନ୍ଦରପୁର ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡ ଘଟଣା
# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ନାରୀ ନ୍ୟାୟ ବାହିନୀର ଦାବି



ଅନୁଗୋଳ ,(ସବ୍ୟୁ): ଗତ ତିନିଦିନ ତଳେ ଅନୁଗୋଳ ସଦର ମହକୁମାଠାରୁ ମାତ୍ର ପାଞ୍ଚ କିଲୋମିଟର ଦୂରରେ ଥିବା ଶ୍ୟାମସୁନ୍ଦରପୁର ଗ୍ରାମରେ ଘଟିଯାଇଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟାକାଣ୍ଡର ପ୍ରକୃତ ତଥ୍ୟ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ । ଆଜି ବି ପୋଲିସ ହାତ ଖାଲି ପଡ଼ିଥିବା ବେଳେ କେବଳ ତଦନ୍ତ ନାଆଁରେ ପୋଲିସ ସମୟ ଗଡାଇ ଚାଲିଛି । ଘଟଣା ଯେତିକି ବିଳମ୍ବ ହେଉଛି, ସାଧାରଣରେ ସନ୍ଦେହ ମଧ ସେହି ହାରରେ ବଢି ଚାଲିଛି । ସଦର ଥାନା ଏ ନେଇ ଆବଶ୍ୟକ ପଦକ୍ଷେପ ନେବାରେ ସେଭଳି କୌଣସି ଠୋସ୍ ପଦକ୍ଷେପ ନେଲାଭଳି ଆଜି ବି ଜଣାପଡିନାହିଁ । ସାଧାରଣରେ ଘଟଣାକୁ ନେଇ କିଛି ବଡ ପଦକ୍ଷେପ ଯେ ନିଆ ନ ଯିବ, ଏ କଥା କିଏ କହିବ? ଆଜି ଭୁବନେଶ୍ୱରରୁ ନାରୀ ନ୍ୟାୟ ବାହିନୀର ଏକ ପ୍ରତିନିଧି ମଣ୍ଡଳୀ ଆବାହକ ପ୍ରଫେସର ଡଃ ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଆସି ଶ୍ୟାମସୁନ୍ଦର ପୁର ଗାଆଁକୁ ଯାଇ ମୃତକଙ୍କ ବାପା, ମାଆ, ଭଉଣୀ, ଭାଉଜ ଓ ଆଖପାଖ ପଡୋଶୀଙ୍କ ଠାରୁ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କଲା ପରେ ଜଘନ୍ୟ ଘଟଣା ବୋଲି ବର୍ଣ୍ଣନା କରିବା ସହ ନୀରିହ ନାବାଳିକା ପ୍ରତି ହୋଇଥିବା ବର୍ବରୋଚିତ କାଣ୍ଡକୁ ନିନ୍ଦା କରିବା ସହ ବର୍ତ୍ତମାନ ରାଜ୍ୟରେ ନାରୀ ସମ୍ପୂର୍ଣ୍ଣ ଅସହାୟ, ଅସୁରକ୍ଷିତ ଅବସ୍ଥାରେ ରହିଛି ବୋଲି ପ୍ରକାଶ କରିଥିଲେ । ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇ ସେମାନେ ଅନୁଗୋଳ ସଦର ଥାନାର ଆରକ୍ଷୀ ନିରୀକ୍ଷକଙ୍କୁ ଭେଟି ତଦନ୍ତର ବର୍ତ୍ତମାନ ସ୍ଥିତି ବାବଦରେ ସବିଶେଷ ଆଲୋଚନା କରିଥିଲେ । ତଦନ୍ତ ପ୍ରକ୍ରିୟା ଶିଥିଳ ଥିବା ହୃଦବୋଧ କରି ସନ୍ଧ୍ୟାରେ ଅନୁଗୋଳ ଆରକ୍ଷୀ ଅଧୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ । ଆରକ୍ଷୀ ଅଧୀକ୍ଷକ ଅତିଶୀଘ୍ର ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା ପ୍ରକାଶ କରିବା ସହ ଅଭିଯୁକ୍ତ କଠୋର ଦଣ୍ଡରେ ଦଣ୍ଡିତ ହେବ ସେଥିପାଇଁ ଯତ୍ନବାନ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୃତକ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାକୁ ମଧ ବାହିନୀ ପକ୍ଷରୁ ଦାବି କରାଯାଇଛି । ଉକ୍ତ ପ୍ରତିନିଧି ଦଳରେ ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସ୍ମିତା ସାମଲ, ମଧୁସ୍ମିତା ଦାଶ, ରଞ୍ଜୁକ୍ତା ବେହେରା ଓ ରୂପାଦୀପ୍ତା ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାଇକ ଧକ୍କା ରେ ମହିଳା ଗୁରୁତର

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଘୋଡା ବାନ୍ଧୁଣି ଗ୍ରାମରେ ମଙ୍ଗଳବାର ଦିନ ଏକ ବାଇକ ଧକ୍କା ରେ ମଞ୍ଜୁ ଦେହୁରୀ ଜଣେ ମହିଳା ଗୁରୁତର ଆହାତ ହୋଇଛନ୍ତି । ତାଙ୍କୁ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିଛନ୍ତି । ଏ ନେଇ ମଞ୍ଜୁ ଙ୍କ ସ୍ୱାମୀ ତରଣୀ ଦେହୁରୀ ଠାକୁର ଗଡ଼ ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଜେ ମଞ୍ଜୁ ତାଙ୍କ ଗ୍ରାମର ଧରଣୀ ଦେହୁରୀ ଙ୍କ ଦୋକାନ ରୁ ଘର ପାଇ ସାମଗ୍ରୀ କିଣି ଆସୁଥିବା ବେଳେ ସାନହୁଲା ଗ୍ରାମରୁ ଘୋଡା ବାନ୍ଧୁଣି ଗ୍ରାମ କୁ ଦୃତ ଗତି ରେ ଆସୁଥିବା ଏକ ବାଇକ (ଓଡି ୧୯ ଏକ୍ସ ୮୭୮୩) ତାଙ୍କୁ ଧକ୍କା ଦେଇଥିଲା । ଫଳରେ ମଞ୍ଜୁ ଗୁରୁତର ହୋଇ ପଡ଼ିଥିଲେ । ଏ ନେଇ ନମ୍ବର ୨୫୭/୨୫ ରେ ଏକ ମାମଲା ରୁଜୁ କରା ଯାଇଛି ।

# ଅସ୍ତିତ୍ୱ ହରାଇବ କି ତାଳଚେର !
## ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟ ତାଳଚେରରୁ ଅନ୍ୟତ୍ର ସ୍ଥାନାନ୍ତରିତ

ତାଳଚେର, ,(ସବ୍ୟୁ) : ଶସ୍ୟଶ୍ୟାମଳ ତାଳଚେର ଆଜି ଖଣିଖାଦାନ ଯୋଗୁଁ ଓଡ଼ିଶା ତଥା ଭାରତ ମାନଚିତ୍ରରେ ସ୍ଥାନ ପାଇ ଆସୁଛି। ଏଠାରୁ ରାଜ୍ୟ ଓ କେନ୍ଦ୍ର ସରକାର ରାଜସ୍ୱ ଆକାରରେ ଦୈନିକ ହଜାର ହଜାର କୋଟି ଟଙ୍କା ବିଭିନ୍ନ ସୂତ୍ରରୁ ଆଦାୟ କରିଥାନ୍ତି। ଏହି ଅର୍ଥରେ ଭାରତ ତଥା ଓଡ଼ିଶାର ସ୍ଥିତି ମଧ ବଦଳିବାରେ ଲାଗିଛି। କିନ୍ତୁ ତାଳଚେରବାସୀ ତାଙ୍କର ସମସ୍ତ ପୂର୍ବପୁରୁଷର ପୌତୃକ ସମ୍ପତି ହରାଇ ଆଜି ରାଜରାସ୍ତା ଉପରେ ସଙ୍ଘର୍ଷ କରୁଥିଲେ ମଧ ତାଙ୍କ କଥା ଶୁଣିବାକୁ କେହି ନାହିଁ ଏବଂ ତାଙ୍କପାଇଁ ଏହା ଏକ ଦୁର୍ଭାଗ୍ୟ ଜନକ ବିଷୟ ନୁହେଁତ ଆଉ କ'ଣ! ଏଠାରେ ଖଣି, ଖାଦାନ, ଶିଳ୍ପ ଓ କଳକାରଖାନା ରହିଥିଲେ ମଧ ଏଠିକାର ଯୁବପିଢ଼ୀ ବେସାହାର ହୋଇ ମାନସିକ ଭାରସ୍ୟାମ ହରାଇ ନିଶାରେ ଲିପ୍ତ ରହୁଛନ୍ତି ବୋଲି କିଛି ଅଭିଭାବକମାନେ ମତପୋଷଣ କରି ଆସୁଥିବା ବେଳେ ଧୂଳିଧୂଆଁ ଯୋଗୁଁ ବିଭିନ୍ନ ମାରାତ୍ମକ ରୋଗରେ ଛୁଆ ଠାରୁ ଆରମ୍ଭକରି ବୃଦ୍ଧ ପର୍ଯ୍ୟନ୍ତ ଜର୍ଜରିତ ହେଉଥିଲେ ମଧ ଏଠାରେ ଉତମ ଚିକିତ୍ସା ନପାଇ ବାଧହୋଇ ଦୂରଦୂରାନ୍ତରେ ରହିଥିବା ଘରୋଇ ଚିକିତ୍ସାଳରେ ଜମିବାଡ଼ି ବିକ୍ରିକରି ଚିକିତ୍ସିତ ହେଉଛନ୍ତି। ବର୍ତମାନ ତାଳଚେର ପରିସ୍ଥିତି ଯାହ ଯଦି ବିଚରାକୁ ନିଆଯାଏ ତେବେ ୧୦୦% ଲୋକଙ୍କ ମଧ୍ୟରୁ ୯୫% ଲୋକ ନିହାତି ଭାବେ ରୋଗାଗ୍ରସ୍ତ ବୋଲି କୁହାଯାଉଛି। ଆଜକୁ ୪ଦଶନ୍ଧି ପୂର୍ବରୁ ତାଳଚେରର ଜଳବାୟୁ ଅତି ସୁନ୍ଦର ଓ ସୁସ୍ଥ ପରିବେଶ ରହିଥିଲା। ସ୍ୱାଧୀନତାର ଦୀର୍ଘ ୭୯ ବର୍ଷ ଆଜି ଭାରତ ପାଳନ କରୁଥିବା ବେଳେ ତାଳଚେରବାସୀଙ୍କ ପାଇଁ ଉତମ ଶିକ୍ଷା, ଗମନା, ଗମନ, ସୁସ୍ଥ ପରିବେଶ, ପାନୀୟଜଳ, ଆଲୋକୀକରଣ, ରାସ୍ତାଘାଟ ଇତ୍ୟାଦି ବିପର୍ଯ୍ୟନ୍ତ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଥିଲେ ମଧ ଏଥିପ୍ରତି କେହି ହେଲେ ସାମାନ୍ୟତମ ଦୃଷ୍ଟି ଦେଉନଥିବା ଏକ ଉଦବେଗ ଜନକ ବିଷୟ। ଏତିକି ନୁହେଁ ବର୍ତମାନ ବିଶେଷ ସୂତ୍ରରୁ ଜଣାଯାଏ ତାଳଚେର ଅଂଚଳରେ ରହିଥିବା ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ମଧ୍ୟରୁ ୧୬ଗୋଟି କାର୍ଯ୍ୟାଳୟ ବାହାରକୁ ଚାଲି ଯାଇଥିବା ତାଳଚେରବାସୀଙ୍କୁ ବଡ଼ ଉପହାର ସରକାର ପ୍ରଦାନ କରିଛନ୍ତି ବୋଲି ଚର୍ଚ୍ଚା ଯୋରଧରିଛି। ତାଳଚେର ଅଂଚଳରୁ ଇନ୍ଦିରାଗାନ୍ଧି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି, ଜେନଏଭି ତାଳଚେର ଏଫସିଆଇ ଠାରୁ ଅନୁଗୋଳର ଚମ୍ପତିମୁଣ୍ଡାକୁ ସ୍ଥାନାନ୍ତରିତ, ଭୂଅର୍ଜନ ଅଧିକାରୀ କାର୍ଯ୍ୟାଳୟ ତାଳଚେରରୁ ଅନୁଗୋଳ, .ସେଲଟାକ୍ସ ଅଫିସ୍ ତାଳଚେରରୁ ଅନୁଗୋଳ, ଲେପର୍ସି ହସପିଟାଲ ତାଳଚେରରୁ ଅନୁଗୋଳ, ନର୍ସିଂସ୍କୁଲ ଏନସିଏଚ ଭିତରୁ ତାଳଚେରରୁ ଅନୁଗୋଳ, ତାଳଚେର ଚାଇଁପାଳ ଗ୍ରୀଡ଼ ତାଳଚେରରୁ ଅନୁଗୋଳ ଯିବା ପରେ ଏମିତିକି ପ୍ରାୟ କାର୍ଯ୍ୟାଳୟ ଗୋଟିଏ ପରେ ଗୋଟିଏ ସ୍ଥାନାନ୍ତରିତ ହେଉଥିବା ପରେ ବର୍ତମାନ ତାଳଚେରରେ ରହିଥିବା ଡ଼ିଆଇଜି କାର୍ଯ୍ୟାଳୟ ମଧ ଅଧିକାରୀ ଅନୁଗୋଳରେ, ତାଳଚେର ତାଳବେଡ଼ା ଠାରେ ଥିବା ଅତିରିକ୍ତ ଏସପି କାର୍ଯ୍ୟାଳୟ ବନ୍ଦହୋଇ ପଡ଼ି ରହିଥିବା ଅତି ଦୁର୍ଭାଗ୍ୟଜନକ ବିଷୟ। ଏସମ୍ପର୍କରେ କେବେ ହେଲେ ଶାସକ କିମ୍ବା ବିରୋଧି ପକ୍ଷରୁ ସ୍ୱର ଉତୋଳନ କରାଯାଉନଥିବା ତାଳଚେରବାସୀଙ୍କ ପାଇଁ ଅଭିଶପ୍ତ ପାଲଟିଥିବା ବେଳେ ସାଧାରଣ ଜନତା ଏହି ସମସ୍ୟାରେ ପେଶି ହେଉଥିବା ଅଭିଯୋଗ ହେଉଛି ।

## ଗଞ୍ଜେଇ ଜବତ : ଜଣେ ଗିରଫ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ତୁଳସୀପୁର ଗ୍ରାମର ପ୍ରଦୀପ ଦେହୁରୀ ଙ୍କ ଘର ଉପରେ ମଙ୍ଗଳ ବାର ଦିନ କିଶୋରନଗର ପୋଲିସ ଚଢ଼ାଉ କରି ୧୨ କେଜି ଗଞ୍ଜେଇକୁ ଜବତ କରିଛି । ଏଥିସହ ତାଙ୍କୁ ଗିରଫ କରିଛି । ଏ ନେଇ ନମ୍ବର ୨୬୩/୨୫ ରେ ଏକ ମାମଲା ରୁଜୁ କରି ପ୍ରଦୀପ ଙ୍କୁ ଗିରଫ କରିଛି । ପୋଲିସ କହିଛି ଜେ ପ୍ରଦୀପ ବେଆଇନ ଭାବରେ ଘରେ ଚୋରା ଗଞ୍ଜେଇ ରଖି ବାହାରକୁ ଚାଲାଣ କରୁଥିଲେ । ଏ ନେଇ କିଶୋରନଗର ପୋଲିସ ଖବର ପାଇ ଚଢ଼ାଉ କରି ଗଞ୍ଜେଇ କୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା । ଏ ନେଇ ନମ୍ବର ୨୬୩/୨୫ ରେ ଏକ ମାମଲା ରୁଜୁ କରି ବୁଧବାର ଦିନ ଆଠ ମଲ୍ଲିକ କୋର୍ଟ କୁ ଚାଲାଣ କରିଛି ।

## ଧାରଣା ପ୍ରତ୍ୟାହାର କଲେ ଜିଲ୍ଲା ପରିଷଦ ସଭ୍ୟା

ଅନୁଗୋଳ,(ସବ୍ୟୁ): ଜିଲା ପରିଷଦ ଜୋନର ୨୦ ନମ୍ବର ଜୋନ ଅଞ୍ଚଳରେ ରେ ପାନୀୟ ଜଳ ସମସ୍ୟାକୁ ନେଇ ସଦସ୍ୟା ରିତାରାଣୀ ଦାସ ଗତକାଲି ଧାରଣା ଦେଇଥିଲେ । ପ୍ରଶାସନ ପକ୍ଷରୁ ପ୍ରତିଶୃତି ପାଇବା ପରେ ପାନୀୟଜଳ ସମସ୍ୟା ସଧାଧାନ ନେଇ ଆଜି ସେ ଧାରଣା ପ୍ରତ୍ୟାହାର କରିନେଇଥିଲେ । ୨୦ ନମ୍ବର ଜୋନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଜିଲା ପରିଷଦ ସମ୍ମିଳନୀକକ୍ଷରେ ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ସଭାପତିତ୍ୱ କରିଥିଲେ । ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ଜଳ ହ୍ୱ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସୌରଭ କୁମାର ଦୀକ୍ଷିତଙ୍କ ସମେତ ଜଳ ଯୋଗାଣ କାରି ନାଗାର୍ଜୁନ ନିର୍ମାଣ ସଂସ୍ଥା, ଏଲଏଣ୍ଡଟି କମ୍ପାନୀ ର ଏଜିଏମ ଓ ଏମ ସି ଏଲ ଲିଙ୍ଗରାଜ କୋଇଲା କ୍ଷେତ୍ରର ଜିଏମ ଏହି ବୈଠକ ରେ ଉପସ୍ଥିତ ଥିଲେ । ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ଗୋବରା ସରପଞ୍ଚ ଧିରେନ ପ୍ରଧାନ, ଟେଣ୍ଟୁଲେଇ ସରପଞ୍ଚ ସୁରେଶ ଚନ୍ଦ୍ର ଚନ୍ଦ୍ର ବେହେରା, ଜଗନ୍ନାଥପୁର ସରପଞ୍ଚ ପ୍ରତିନିଧି ଲିପୁନ ଧର, କଣ୍ଡାଳ ସରପଞ୍ଚ ଯୋଶବନ୍ତୀ ବେହେରା, ସଭାପତି ଚୈତନ୍ୟ ପ୍ରଧାନ, ସମିତି ସଭ୍ୟା ସୁବର୍ଣ୍ଣ ସାହୁ, ମମତା ନନ୍ଦ, ଯୁବଶକ୍ତି ଅନୁଷ୍ଠାନର ସଭାପତି ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ । ବୈଠକ ରେ ଆଲୋଚନା ପରେ ସଭ୍ୟା ରିତାରାଣୀ ଦାସ ପ୍ରତ୍ୟାହାର କରିଥିଲେ ।

# ଭିଜିଲାନ୍ସ ହାତରେ ଚମ୍ପୁଆ ବ୍ଲକ କନିଷ୍ଠ କିରାଣି



କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ମୁଖ୍ୟାଳୟରେ ଥିବା ନିଜନସନ ଫରେଷ୍ଟ ଟ୍ରେନିଂ ସ୍କୁଲର କନିଷ୍ଠ କିରାଣି ରୂପଚାନ୍ଦ ନାୟକ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନାମ ରୂପ ଚାନ୍ଦ ନାୟକ। ସେ ଗତ ୩୧ ଜୁଲାଇ ୨୦୨୫ରେ ଅବସର ନେଇଥିବା ଜଣେ ପିଅନଙ୍କ ସର୍ଭିସ ବୁକ, ପେନ୍ସନ ପେପର ଆଦି କରିବାକୁ ସେ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାରମ୍ବାର ହଇରାଣ ହରକତ ହେବା ଫଳରେ ସେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଦିନ ଉକ୍ତ ଲାଞ୍ଚ ଟଙ୍କା ନେବା ବେଳକୁ ଭିଜିଲାନ୍ସ ବିଭାଗ ହାତରେ ଧରା ପଡ଼ିଥିଲେ ବୋଲି ଡିଏସପି ସୁଧାଂଶୁ ପୂଜାରୀ କହିଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହା ପରେ ତାଙ୍କ ଅଫିସ ଓ ଘରେ ବିଭାଗ ପକ୍ଷରୁ ଯାଞ୍ଚ ଚାଲିଛି।

# ଗୋଟିଏ ପ୍ରକଳ୍ପକୁ ଫଳକ ଦୁଇଟା : ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ

ନୀଳଗିରି,(ସବ୍ୟୁ): ଗୋଟିଏ ପ୍ରକଳ୍ପ କିନ୍ତୁ ଫଳକ ଦୁଇଟା। ଜଣେ ଠିକାଦାର ଯୋଜନା ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଧବଣୀ ଅସ୍ତଗଛ ଠାରୁ (ପିଡବ୍ଲ୍ୟୁଡି) ରାସ୍ତା ପର୍ଯ୍ୟନ୍ତ କାମ ସାରିଥିବା ବେଳେ, ଅନ୍ୟ ଜଣେ ଠିକାଦାର ପୁରୁଣା ଢଳେଇ ରାସ୍ତା ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶାର କାମ ବୋଲି ସ୍ଥାନୀୟ ଗ୍ରାମବାସୀ ଙ୍କୁ କହି ଧବଣୀ ଅସ୍ତଗଛ ଠାରୁ (ଆର.ଡି) ରାସ୍ତା ପର୍ଯ୍ୟନ୍ତ କାମ କରିବାପାଇଁ ପ୍ରସ୍ତୁତି ହେଉଥିବାବେଳେ ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ କରିଛନ୍ତି। ସୂଚନା ନୀଳଗିରି ବ୍ଲକ ଅନ୍ତର୍ଗତ ମାଟିଆଳି ପଞ୍ଚାୟତ ଶ୍ରୀପତି ୱାର୍ଡ ଧବଣୀରେ ବିକଶିତ ଗାଁ ବିକଶିତ ଓଡିଶା ୨୦୨୪-୨୫ବର୍ଷର ଧବଣୀ ଅସ୍ତ ଗଛ ଛକ ଠାରୁ ପିଡବ୍ଲୁଡି ରାସ୍ତା ପର୍ଯ୍ୟନ୍ତ ୩ ଲକ୍ଷ ଟଙ୍କାର ଫଳକ ଲଗାଇ କଂକ୍ରିଟ ରାସ୍ତା ଗତ ୧୦ ଦିନ ପୂର୍ବରୁ କାର୍ଯ୍ୟସରିଥିଲା। କିନ୍ତୁ ଗତ ୭ ତାରିଖରେ ସମାନ ପ୍ରକଳ୍ପର ଫଳକ ଲଗାଇ ଅନ୍ୟ ଏକ ଗୋଷ୍ଠୀ ଏହି କାମ କରିବାକୁ ଆସିଥିବା ବେଳେ ଠିକାଦାର ଜଣକ ପୁରୁଣା ଢଳେଇ ରାସ୍ତା ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶାର କାମ କରିବା ପାଇଁ ଧବଣୀ ଅସ୍ତଗଛ ଠାରୁ (ଆର.ଡି) ରାସ୍ତା ପଯ୍ୟନ୍ତ କାମ ବୋଲି ସ୍ଥାନୀୟ ଗ୍ରାମବାସୀଙ୍କୁ କହି ପ୍ରସ୍ତୁତି ହେଉଥିବାବେଳେ ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ କରିଥିଲେ। ପରିସ୍ଥିତି ଗୁରୁତର ହେବାରୁ ଘଟଣା ସ୍ଥଳରେ ବରଗମପୁର ଥାନା ଅଧିକାରୀ ମଧ୍ୟ ପହଞ୍ଚିଥିଲେ। ଗ୍ରାମବାସୀ କହିବା ମୁତାବକ ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟ ନୂତନ ରାସ୍ତା ଉପରେ ହେବାର ନିୟମ ନଥିବାବେଳେ ପୁରୁଣା ଢଳେଇ ରାସ୍ତା ଉପରେ ନୂଆ ଢଳେଇ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ଉକ୍ତ ସିଂ କିପରି ଏହା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିଲେ ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ହେବା ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏ ବାବଦରେ ନୀଳଗିରି ବିଡିଓଙ୍କ ମତାମତ ନେବାରୁ ସେ ଏବାବଦରେ ଏ.ଇ.ଇ ଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେବାର କଥା କହିଥିଲେ।

## ତାଳସାରୀ ସାମୁଦ୍ରିକ ଥାନାରେ ତଦନ୍ତ ଟିମ୍

ଭୋଗରାଇ,(ସବ୍ୟୁ): ଭିନ୍ନ ମୋଡ଼ ନେଉଛି ବାଲେଶ୍ୱରଜିଲା ଭୋଗରାଇବ୍ଲକ ତାଳସାରୀ ସାମୁଦ୍ରିକ ଥାନାରେ ସୋମବାର ଘଟିଥିବା ବ୍ରାଉନସୁଗାର ଘଟଣା । ଗଣମାଧ୍ୟମରେ ଖବର ପ୍ରସାରପରେ ପୂର୍ବାଞ୍ଚଳ ଡିଆଇଜି ବାଲେଶ୍ୱର ଏସ ପିଙ୍କୁ ଏହି ଘଟଣାର ଅବିଳମ୍ୱେ ତଦନ୍ତ କରି ଆଇନନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଟୁଇଟ କରିଥିବାବେଳେ ଏସ ପି ପ୍ରତ୍ୟୁଷ ଦିବାକର ନିର୍ଦ୍ଦେଶରେ ବୁଧୁବାର ମଧ୍ୟାହ୍ନରେ ଜଳେଶ୍ୱର ଏସ ଡିପିଓ ସୁବ୍ରତ କୁମାର ବେହେରା, ଜଳେଶ୍ୱର ଆଇ ଆଇ ସି ଜୟନ୍ତ କୁମାର ବେହେରା, ଭୋଗରାଇ ଆଇ ଆଇସି ରୋହିତ କୁମାର ବଳ ଓ ଅନ୍ୟ ପୋଲିସ କର୍ମଚାରୀ ଏକ ଟିମ ତାଳସାରୀ ସାମୁଦ୍ରିକ ଥାନାକୁ ଆସି ଆଇ ଆଇ ସି ଚମ୍ପାବତୀ ସୋରେନ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ବ୍ରାଉନସୁଗାର ସମ୍ପର୍କିତ ବିଷୟରେ ତଦନ୍ତ କରିବା ସହିତ ସି ସି ସି ଟିଭି ଫୁଟେଜକୁ ଯାଞ୍ଚ କରିଫେରିଛନ୍ତି। ଏହି ପୋଲିସ ଟିମ ବୁଧୁବାର ସନ୍ଧ୍ୟା ।ସୁଧା ତାଙ୍କ ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷକୁ ଜଣାଇବାର ନିର୍ଦ୍ଦେଶ ମଧ୍ୟ ରହିଛି ।ସୂଚନାନୁଯାୟୀ, ରବିବାର ରାତିରେ ଏକ କାର ସହିତ ୪ ଜଣ ଯୁବକ ବ୍ରାଉନସୁଗାର କରବାର ସମ୍ପୃକ୍ତ ଥିବାର ସନ୍ଦେହରେ ପୋଲିସ ସେମାନଙ୍କୁ କାବୁ କରିବା ସହିତ ଥାନାକୁ ଆଣିଥିଲେ । ସେମାନଙ୍କ ଗା ବ୍ରାଉନସୁଗାର ଓ ଗାଡିଟିକୁ ଜବତ କରିବା ସହିତ ସମସ୍ତଙ୍କୁ ଅଟକ ରଖିଥିଲେ। ସୋମବାର ସକାଳେ ତାଳସାରୀ ମେରାଇନ ଥାନାରୁ ସନ୍ଦେହ ଘେରରେ ଥିବା ୩ ଜଣ ବ୍ରାଉନସୁଗାର ବେପାରୀଙ୍କ ସହିତ ଅଟକ ଥିବା ଓଡି ୦ ୫ – ଏଇ –୪୨ ୬ ୬ ନଂ ବିଶିଷ୍ଟ କାରକୁ ଖସାଇ ଦିଆଯାଇଥିବାର ଅଭିଯୋଗ ହୋଇଥିଲା। ଅପରାହ୍ନ ୩ ଟା ରେ ଥାନାରୁ ଜଣକୁ କାର ବଦଳରେ ଅନ୍ୟ ଓଡି ୦ ୧ – ଏଜେଡି – ୯ ୮ ୧ ୫ ନଂ ଏକ ବାଇକ ଆଣି ସାହାବାଜିପୁର ବର୍ ରାସ୍ତାରେ ଖବରଦାତାଙ୍କ ସମ୍ମୁଖରେ ୩ ୦. ୯ ୫ ୦ ଗ୍ରାମ ବ୍ରାଉନ ସୁଗାର ଓ ଏକ ମୋବାଇଲ ଜବତ କରିଥିବାର ପୋଲିସ ସଫେଇ ଦେଇଥିଲେ । କମର୍ଦ୍ଦା ଥାନା କଣ୍ଟାବଣୀ ଗ୍ରାମର ଦୀପକ କୁମାର ନାୟକଙ୍କୁ ଗିରଫ କରି ୭ ୯ / ୨୫ ରେ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ କରାଯାଉଥିବାର ଥାନା ଅଧିକାରିଣୀ ସୂଚନା ଦେଇଥିଲେ।ଆସାମୀକୁ ସିନ ରିକ୍ରେସନ ପରେ ଥାନା ଅଧିକାରିଣୀଙ୍କ ଗଣମାଧ୍ୟମ ଏହି ଘଟଣା ସମ୍ପର୍କିତ ପଚାରିବାରୁ ସେ ଏହି ଘଟଣାକୁ ଏଡେଇ ଯାଇ ତରବରିଆ ଭାବେ ମୋର ବି ଭୁଲ ହୋଇଥାଇପାରେ, ଆପଣମାନଙ୍କୁ ମୁଁ ସମ୍ମାନ ଦିଏ, ଥାନାକୁ ଆସନ୍ତୁ ଆଦି ଫୋନ ରେ କହି ନେହୁରା ହେବା ଅଡିଓ ସୋସିଆଲ ମିଡିଆରେ ଘୁରି ବୁଲିବା ଥାନାଧିକାରିଣୀ ଏବେ ହରଡ଼ ଘଣାରେ ପଡିଛନ୍ତି । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜନୈକ ସ୍ଥାନୀୟ ନେତା ଚାପ ପକାଇ ତାଙ୍କ ଦଳ ସମର୍ଥକ ଯୁବକ ଅଭିଯୁକ୍ତକୁ ଖଲାସ କରିଥିବାର ଅଭିଯୋଗ ମଧ୍ୟ ହୋଇଛି ।ଏହି ଘଟଣାକୁ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଗମ୍ଭୀର ସହ ନେଇଁ ସରକାର ଓ ପୋଲିସ ନିଶାକାରବାରକୁ ପ୍ରସାହନ ଦେଇଥିବାର ଅଭିଯୋଗ କରିଥିବାବେଳେ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବାଲେଶ୍ୱର ଏସପିଙ୍କୁ ଚିଠି ଲେଖିଥିବାର ସୂଚନା ମିଳିଛି ।

## ଗୁଟଖା ଜବତ

ଆଗରପଡ଼ା,(ସବ୍ୟୁ): ବୁଧବାର ଦିନ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ପକ୍ଷରୁ ସ୍ଥାନୀୟ କଲେଜ ସନ୍ନିକଟ ଅଂଚଳରେ ପ୍ରଥମଥର ପାଇଁ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଗୁଟଖା ଜବତ କରାଯାଇ ଏହାକୁ ପୋଡ଼ାଯାଇ ସଂପୂର୍ଣ୍ଣ ନଷ୍ଟ କରାଯାଇଛି। ଥାନାଧିକାରୀଙ୍କ ଏହିପରି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଂଶସା କରାଯାଇଛି।

## ଦୁଇ ସ୍ଥାନରୁ ଜବରଦଖଲ ଉଚ୍ଛେଦ

ସିମୁଳିଆ,(ସବ୍ୟୁ): ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିମୁଳିଆ ତହସିଲ ପକ୍ଷରୁ ଦୁଇଟି ସ୍ଥାନରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ସିମୁଳିଆ ତହସିଲ ଅଧିନ ମଇତାପୁର ପଞ୍ଚାୟତର ଗୌରଗଡି ଗ୍ରାମର ସରକାରୀ ଜାଗାରେ ମଦନ ମୋହନ ସାହୁଙ୍କ ପୁଅ କେଶବ ଚନ୍ଦ୍ର ସାହୁ ଦୋକାନ ଗୃହ ନିର୍ମାଣ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିମୁଳିଆ ତହସିଲ ପକ୍ଷରୁ ଜବର ଦଖଲରେ ଥିବା ଦୋକାନ ଗୃହ ଓ ସିମେଣ୍ଟ କାନ୍ଥ ଉଚ୍ଛେଦ କରାଯାଇଛ । ସେହିପରି ଜାମ୍ବୁଝାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସରକାରୀ ଜାଗାରେ ସୌମ୍ୟରଞ୍ଜନ ପଣ୍ଡା ବେଆଇନ ଭାବେ ଏକ ଟିଣ ଦୋକାନ ଘର ନିର୍ମାଣ କରିଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିମୁଳିଆ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି।ଜବର ଦଖଲ ଉଚ୍ଛେଦ ହୋଇଥିବା ଦୁଇଟି ସ୍ଥାନରେ ମାଜିଷ୍ଟ୍ରେଟ ଭାବେ ଖଇରା ତହସିଲର ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ସିମୁଳିଆ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ସିମୁଳିଆ ପୋଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ଟିମ, ବିଦ୍ୟୁତ ବିଭାଗ ଏସ. ଡି. ଓ,ଅଡା ଓ ଭଦ୍ରକ ଦମକଳ ବାହିନୀ,ତହସିଲ ସୁପରଭାଇଜର ଟିଂକେଶ ସେନାପତି,ଜାମ୍ବୁଝାଡ଼ି ସର୍କଲର ଆର. ଆଇ ସରସୀ ମହାନ୍ତି, ମଇତାପୁର ସର୍କଲର ଆର. ଆଇ.ତାପସ କୁମାର ସେନ ଓ ତହସିଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ରେ ଦୁଇଟି ସ୍ଥାନରୁ ଉଚ୍ଛେଦ କରାଯାଇଥିଲା ।

## ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ସୋମ ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ୧୪୦ ବିଦ୍ୟାଳୟରୁ ଆସିଥିବା ୫ଶହ ପିଲା କବାଡ଼ି,ଖୋଖୋ, ଭଲିବଲ, ଯୋଗ, ଚେସ୍, ଫୁଟବଲ, ବ୍ୟାଡମିଟନ, କ୍ରିକେଟ, ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଇତଯାଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଡିଓ ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଖଇରା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ କୁମାର ଦାଶ, କ୍ରୀଡା ସମ୍ପାଦକ ଲକ୍ଷ୍ମୀଧର ପରିଡା, ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟା ଅଧ୍ୟୟନ ସାଙ୍ଗକୁ ବୌଦ୍ଧିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ସୁଶାନ୍ତ ମହାପାତ୍ର ଓ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ମଦ ଜବତ, ଜଣେ ଗିରଫ

ଆଗରପଡ଼ା,(ସବ୍ୟୁ): ବନ୍ତ ଥାନାଧିକାରିଣୀ ମୋନାଲିସା କର ୩୪୦ଲିଟର ଦେଶୀ ମଦ ଜବତ୍ କରିବା ସହ ଜଣଙ୍କୁ ଗିରଫ କରିଥିବାର ଜଣାପଡ଼ିଛି। ଏକ କାରରେ ବିପୁଳ ପରିମାଣର ମଦ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ପୋଲିସ୍ ଖବରପାଇ ଭଦ୍ରକ-ଆନନ୍ଦପୁର ୫୩ନଂ ରାଜଯ ରାଜପଥରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଏକ କାରରେ ବିପୁଳ ମଦ ଭର୍ତ୍ତି ହୋଇ ଆନନ୍ଦପୁର ଆଡୁ ଭଦ୍ରକକୁ ଆସୁଥିବା ସମୟରେ କାରଟିକୁ ପୋଲିସ୍ ଅଟକାଇ ତନଖି କରିଥିଲା। ସେଥିରେ ଦେଶୀ ମଦ ଭର୍ତ୍ତିଥିବାର ଦେଖି କାର ସହ ଚାଳକଙ୍କୁ ଗିରଫ କରି ଥାନାକୁ ପୋଲିସ ଆଣିଥିଲା। ଏହି ଚୋରା ମଦ ଭଦ୍ରକ ଗ୍ରାମାଂଚଳ ଥାନା ଚଢ଼େୟା ଅଂଚଳକୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୋଲିସ ୨୦୫/୨୫ମୂଳେ ଏକ ମାମଲା ରୁଜୁ କରି ଗୋଟିଏ କାର,୩୪୦ଲିଟର ଦେଶୀ ମଦ ଓ ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଆଗରପଡ଼ା କଲେଜରେ ଆନ୍ଦୋଳନ

ଆଗରପଡ଼ା,(ସବ୍ୟୁ): ଆଗରପଡ଼ା କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ଦାବି ସହ ବର୍ଦ୍ଧିତ ଫି ପ୍ରତ୍ୟାହାର ଦାବୀରେ ଶତାଧିକ ଛାତ୍ରଛାତ୍ରୀ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ସମସଯା ସମାଧାନ ପାଇଁ ଛାତ୍ରଛାତ୍ରୀ ମାନେ ପୂର୍ବରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ଆଗାରପଡ଼ା ଥାନାରେ ଧାରଣାରେ ବସିବା ନେଇ ଲିଖିତ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା। ଶେଷରେ ବାଧ୍ୟ ହୋଇ ବୁଧବାର କଲେଜ ପରିସରରେ ଛାତ୍ରଛାତ୍ରୀମାନେ ହାତରେ ବଯାନର ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେବା ସହ କଲେଜ ପୁନଃ ଆଡ଼ମିଶନ ଫି,ଆଇଟି ବର୍ଦ୍ଧିତ ଫି ପ୍ରତ୍ୟାହାର ନହେବା ସହ ଉନ୍ନୟନମୂଳକ ଅର୍ଥର ସୁବିନିଯୋଗ ନହେବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଅଧକ୍ଷ ଓ ଶୃଙ୍ଖଳା କମିଟି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବାର ଜଣାପଡ଼ିଛି।

## କାଠବୋଝେଇ ପିକ୍ଅପ୍ ଜବତ

ବେତନଟୀ ,(ସବ୍ୟୁ): ବେତନଟୀ ବ୍ଲକ ଅଧୀନ ଧଡାସାହି ଠାରେ ହଠାତ ଚଢ଼ାଉ କରି ଏକ ଚୋରା କାଠବୋଝେଇ ପିକଅପଭ୍ୟାନକୁ ଜବତ କରିଛି ବନବିଭାଗ । ପ ଗଡଗଡିଆ, ଧଡାସାହି ଅଞ୍ଚଳରୁ ଚୋରାକାଠ ପଡୋଶୀ ବାଲେଶର ଜିଲ୍ଲାକୁ ଚୋରାଚାଲାଣ ହେଉଥିବା ନେଇ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବେତନଟୀ ରେଞ୍ଜର ମନୁଓ୍ୱର ଖାଁଙ୍କ ନିର୍ଦ୍ଦେଶକ୍ରମେ ବନପାଳ ପ୍ରଦୀପ ଦେହୁରୀ, ବନରକ୍ଷୀ ଶିବଶଙ୍କର ଦାସ ଏବଂ ପାରା ବନକର୍ମଚାରୀ ତଥା ଗଜସାଥୀ ପ୍ରମୁଖ ସଦଳବଳେ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ଚୋରାକାଠ ବୋଝେଇ ପିକଅପ ଭ୍ୟାନକୁ ଚାଳକ ଜଣକ ରାସ୍ତା ଉପରେ ଛାଡିଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା । ଜବତ ପିକଅପଭ୍ୟାନକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇ ଯାଞ୍ଚ କରାଯାଇଥିଲା । ଓଡି-୨୨ଭି-୮୦୩୫ ନମ୍ବର ବିଶିଷ୍ଟ ଚୋରାକାଠ ବୋଝେଇ ପିକଅପଭ୍ୟାନଟି ବାଲେଶର ଜିଲ୍ଲା ଜଳେଶର ଥାନା ଅଧୀନ ଚୁରମରା ଗ୍ରାମର ଶଶୀ ନାଥଙ୍କ ପୁଅ ଖଗେନ୍ଦ୍ର ନାଥ ନାମରେ ପଞ୍ଜୀକୃତ ଥିବାର ଦେଖିବାକୁ ମିଳିଛି । ଜବତ ପିକଅପଭ୍ୟାନରେ ବିଭିନ୍ନ ମୋଟେଇର ୧୨ଖଣ୍ଡ ଆକାଶିଆ କାଠଗଣ୍ଡି ଏବଂ ବିଭିନ୍ନ ମୋଟେଇର ୩ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ରହିଛି ।

## ବାଲି ବୋଝେଇ ୩ ଟ୍ରାକ୍ଟର ସହ ମିନିଟ୍ରକ ଜବତ

ବେତନଟୀ ,(ସବ୍ୟୁ):ଦୁଇ ଦିନରେ ଚୋରା ବାଲି ବୋଝେଇ ୩ ଟ୍ରାକ୍ଟର ସହ ଗୋଟିଏ ମିନିଟ୍ରକ ଜବତ କଲା ବୈଶିଙ୍ଗା ପୁଲିସ। ମଙ୍ଗଳବାର ରାତ୍ରି ରେ ବୈଶିଙ୍ଗା ଥାନାର ଏଏସଆଇ ସୁବ୍ରତ କୁମାର ସାହୁ ରଙ୍ଗାମାଟିଆ ଛକରୁ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଦା ଘାଟରୁ ଚୋରା ବାଲି ନେଇ ଆସୁଥିବା ଓଡି-୦୧-୬୩୦୧ ନମ୍ବର ବିଶିଷ୍ଟ ଟ୍ରାକ୍ଟରଟିକୁ ଥାନାକୁ ନେଇ ଆସିଥିଲେ । ସେହିପରି ପାଟଳିପୁରା ଘାଟରୁ ବାଲିଆଣୁଥିବା ଓଆର-୦୧କେ-୫୯୧୭ ନମ୍ବର ବିଶିଷ୍ଟ ଟ୍ରାକ୍ଟରକୁ ମୋହନପୁର ଛକ ନିକଟରୁଅଟକାଇ ଡ୍ରାଇଭରକୁ ଗିରଫ କରିବା ସହ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ । ଅନୁରୂପ ଭାବେ ବେଲାଣପୁରା ଘାଟରୁ ଓଡି-୧୧ଏଫ-୭୧୪୨ ନମ୍ବର ବିଶିଷ୍ଟ ଟ୍ରାକ୍ଟର ବଡାମ ଛକ ନିକଟରୁ ଡ୍ରାଇଭରକୁ ଗିରଫ କରିବା ସହ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି ବୈଶିଙ୍ଗା ପୁଲିସ ।ବୁଧବାର ସକାଳ ସମୟରେ ଓଡି-୧୧ଏସି-୪୩୨୩ ନମ୍ବର ବିଶିଷ୍ଟ ଏକ ମିନିଟ୍ରକ ଯୋଗେ ବେଲାଣପୁରା ଘାଟରୁ ପଣସିଆ ଅଞ୍ଚଳକୁ ଚୋରା ବାଲି ବୋଝେଇ କରି ଯାଉଥିଲା ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ସୁକାନ୍ତ କୁମାର ନାୟକ ବୈଶିଙ୍ଗା ଥାନା ଅଧୀନ ବଡାମ ଠାକୁରାଣୀଙ୍କ ମନ୍ଦିର ନିକଟରୁ ଏମଡିଆର-୭୦ ରାସ୍ତା ଉପରେ ଉକ୍ତ ଚୋରା ବାଲି ବୋଝେଇ ମିନି ଟ୍ରକଟିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିଲେ । ଏ ନେଇ ବୈଶିଙ୍ଗା ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯିବା ସହ ପୁଲିସ ତଦନ୍ତ ଜାରି ରଖିଛି ।

## ମହଙ୍ଗା ପଡ଼ିଲା ଅପେରା ଦେଖା ଘରେ କଳାକନା ବୁଲାଇଲେ ଚୋର

କେନ୍ଦୁଝର, (ଜିପ୍ର) : ପରିବାର ଲୋକେ ଅପେରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ଘରେ କଳାକନା ବୁଲାଇ ଦେଇଛନ୍ତି।ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲିପୋଷି ଗ୍ରାମ ରଣା ସାହିରେ। ଭାଗବତ ରଣାଙ୍କ ପରିବାରର ସମସ୍ତ ସଦସ୍ୟ ମଲ୍ଲିପୋଷିରେ ପଡ଼ିଥିବା ଅପେରା ଦେଖିବାକୁ ଯାଇଥିବା ବେଳେ ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ଗେଟ ତାଲା ଭାଙ୍ଗିବା ପରେ ଆଲମାରିରୁ ନଗଦ ୩ ଲକ୍ଷ ଟଙ୍କା, ୧ ସୁନା ହାର, ସୁନା କାନ ଫୁଲ ୨ହଳ, ଚୁଡ଼ି ୧ପଟ, ପଦକ ୩, ମଙ୍ଗଳସୂତ୍ର ୧ଲୁଟି ନେଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପାଟଣା ପୋଲିସ ଛାନଭିନ ଆରମ୍ଭ କରିଛି।

# ବିଭିନ୍ନ କୃଷିଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା



କେନ୍ଦୁଝର,(ଜିପ୍ର/ସବ୍ୟୁ): ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କୃଷି ନିର୍ଦ୍ଦେଶକ, ଓଡିଶା ଶୁଭମ ସକସେନା ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଦରବାର ହଲ ଠାରେ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକର ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ସତ୍ୟବାନ ସୋରେନ ସାଗତ ଭାଷଣ ଦେବା ସହିତ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଉପ ଉଦ୍ୟାନକୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ ତାଙ୍କ ବିଭାଗ ଦାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ବଧରେ ତଥ୍ୟ ଉପସ୍ଥାପନ କରିଥିଲେ । ତତ୍ପରେ ପ୍ରକଳ୍ପ ନିର୍ଦ୍ଦେଶକ , ଜଳବିଭାଜିକା , କେନ୍ଦୁଝର ଅଶୋକ କୁମାର ପାଣିଗ୍ରାହୀ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ବଧରେ ସୂଚନା ଦେଇଥିଲେ । କୃଷି ନିର୍ଦ୍ଦେଶକ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଡିଜିଟାଲ ଫସଲ ସର୍ଭେକ୍ଷଣ , କୃଷକ ରେଜିଷ୍ଟ୍ରୀ , ପି.ଏସ. ଏସ, ଏକ ପେଡ ମା କେ ନାମ ପ୍ରଭୃତି ଯୋଜନା ଗୁଡିକୁ ସଠିକ ଢଙ୍ଗରେ ପରିଚାଳନା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଚାଷୀଙ୍କ ପାଇଁ ଉଦିଷ୍ଟ ସହାୟତା ରାଶିକୁ ଅତି ଶୀଘ୍ର ମୋଡରେ ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ । ଉକ୍ତ ସମୀକ୍ଷାରେ ଜିଲ୍ଲାପାଳ ବିଶାଳ ସିଂହ , ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ କୃଷି ନିର୍ଦ୍ଦେଶକ ଯାମି ସୂର୍ଯ୍ୟ ନାରାୟଣ ରାଓ, ଯୁଗ୍ମ କୃଷି ନିର୍ଦ୍ଦେଶକ ପର୍ଶୁରାମ ବେହେରା, ଯୋଜନା ଅଧିକାରୀ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସମୀକ୍ଷା ବୈଠକରେ କୃଷି, ଉଦ୍ୟାନ କୃଷି , ଜଳବିଭାଜିକା , ସମବାୟ, ଓଡିଶା ଜୀବିକା ମିଶନ , ଜଳସେଚନ , ଓଡିଶା କୃଷି ଶିଳ୍ପ ନିଗମ , କୃଷି ବିଜ୍ଞାନ କେନ୍ଦ୍ର , ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର , ମାର୍କଫେଡ ପ୍ରଭୃତି ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଯୋଜନା ସହଯୋଗୀ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ । ସଭା ଶେଷରେ କେନ୍ଦୁଝର କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ବିଶଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନ ଘରକୁ ମାଡ଼ିଗଲା କଣ୍ଟେନର

ସିମୁଳିଆ,(ସବ୍ୟୁ): ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଏକ କଣ୍ଟେନର ଦୋକାନ ଘରକୁ ମାଡିଯାଇଛି । ଦୋକାନରେ ଥିବା ଦୋକାନୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସମ୍ବିତ ଜ୍ୟୋତି ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଦୋକାନ ଘର ଉପରକୁ ପଶ୍ଚିମ ବଙ୍ଗ କଲିକତାରୁ ବଲାଙ୍ଗୀର ଯାଉଥିବା ଏକ କଣ୍ଟେନର ଭାରସାମଯ ହରାଇ ମାଡିଯାଇଥିଲା । ଦୋକାନ ଘରେ ଥିବା ଦୋକାନୀ ରମାଶଙ୍କର ବର୍ମା(୫୬) ଓ ପାର୍ବତୀ ବର୍ମା (୫୩) ଜୀବନ ବିକଳରେ ଦୋକାନ ଛାଡି ଦୌଡ଼ି ପଳାଇ ଯାଇଥିଲେ । ଅଳ୍ପକେ ସେମାନଙ୍କ ଜୀବନ ବଞ୍ଚି ଯାଇଛି । ଖବର ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ବୋଦା ସହ ବାଇକ୍ ଜବତ : ଦୁଇ ଅଟକ

ନୀଳଗିରି, (ସବ୍ୟୁ): ନୀଳଗିରି ଅଞ୍ଚଳରେ ଏବେ ବୋଦା ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରାସ୍ତାରେ ବୁଲୁଥିବା ବୋଦା ଏବେ ଚୋରଙ୍କ ନଜରରେ। ଗତ ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ନୀଳଗିରି ଧୋବଶିଳା ଛକରେ ଏକ ବିରାଟକାୟ ବୋଦା ଶୋଇଥିଲା। ଉକ୍ତ ଅଞ୍ଚଳର ଦୁଇଜଣ ଯୁବକ ଏକ ବାଇକରେ ଟେକି ନେଇ ବରହମପୁର ଥାନା ଅନ୍ତର୍ଗତ ବାର କୁଦା ଗ୍ରାମର ଶରତ ସେନାପତିଙ୍କୁ ତେର ହଜାର ଟଙ୍କାରେ ବିକ୍ରି କରିଥିଲେ। ବାଇକରେ ନେଲା ବେଳେ ବୋଦା ମୁହଁକୁ ବାନ୍ଧି କରି ନେଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରି ଶେଷରେ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି।

## ଗାଁମୁହାଁ ୨୯ ଟିକିଆ ହାତୀପଲ, ଚିନ୍ତାରେ ଚାଷୀକୂଳ

କେନ୍ଦୁଝର, (ଜିପ୍ର): ଗାଁ ମୁହାଁ ୨୯ ଟିକିଆ ହାତୀପଲ । ମଙ୍ଗଳବାର ଦିନ କେନ୍ଦୁଝର ସଦର ରେଞ୍ଜ ରତନପୁର ଜଙ୍ଗଲରେ ରହିଥିବା ବେଳେ ବୁଧବାର ଦିନ ସଦର ରେଞ୍ଜ ଅଞ୍ଚଳର ସଲରାପେଣ୍ଠ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ବନବିଭାଗ ଓ ଗଜସାଥି । ବ୍ୟାପକ ଧାନ ଫସଲ ଖାଇ ସହିତ ନଷ୍ଟ କରିଛନ୍ତି ହାତୀପଲ। କ୍ଷୟକ୍ଷତି ଯୋଗୁଁ ଚାଷୀକୂଳ ଚିନ୍ତାରେ ଅଛନ୍ତି। ଲୋକେ ଭୟଭୀତ ଥିବାବେଳେ ରାତି ସାରା ଉଜାଗର ରହି ହାତୀକୁ ଜଗି ରହିଥିଲେ । ମଙ୍ଗଳବାର ଦିନ ହାତୀ ପଲ ରତନପୁର ଆସିବା ବେଳେ ଖପରାଖାଇ ଗାଁରେ ଦୁଇଟି ଘର ଭାଙ୍ଗିଛନ୍ତି । ।ବୁଧବାର ଦିନ ହି ୨୯ ଟିକିଆ ହାତୀପଲ ସଲରାପେଣ୍ଠ ଜଙ୍ଗଲକୁ ପ୍ରବେଶ କରିଛନ୍ତି । ହତୀପଲରେ ୧୨ଟି ଦନ୍ତା ହାତୀ, ୧୧ଟି ମାଈ ହାତୀ ଓ ୬ଟି ଛୁଆହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଚିକିତ୍ସା ଅବହେଳା : ସମିତି ସଭ୍ୟଙ୍କ ମୃତ୍ୟୁ

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳିଲାନି ତୁରନ୍ତ ଚିକିତ୍ସା । ସକାଳ ସାଢ଼େ ୫ରୁ ୭ ପର୍ଯ୍ୟନ୍ତ ଆସିଲେନି କୌଣସି ଡାକ୍ତର।ଡ୍ୟୁଟିରେ ଥିବା ନର୍ସ ଗୋଟିଏ ଇଞ୍ଜେକ୍ସନ ଦେଇଥିଲେ । ଡାକ୍ତର ୭.୧୦ ରେ ଆସିବା ପରେ ରେଫର କଲେ କେଉଁଝର ।କେଉଁଝର ପହଞ୍ଚିବା ପରେ ପ୍ରାଥମିକ ଚିକିତ୍ସା କରି ରେଫର କଲେ କଟକ । କଟକ ନେବା ବାଟରେ ଚାଲିଗଲା ଜୀବନ । ଅପରାହ୍ନ ସମୟରେ ଅବସ୍ଥା ଅତି ବିଗି ଘସିପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜୀବନ ହରେଇଥିବା ବ୍ୟକ୍ତି ହେଲେ ତରାମରା ଗ୍ରାମପଞ୍ଚାୟତର ସମିତି ସଭ୍ୟ ତଥା ହାଣ୍ଡିଫୁଟା ଗ୍ରାମ ନିବାସୀ ରଞ୍ଜନ ଗିରି (୪୪)। ଘଟଣାରୁ ପ୍ରକାଶଯେ, ବୁଧବାର ଭୋରରୁ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ରଞ୍ଜନ ଗିରିଙ୍କୁ ପରିବାର ବର୍ଗ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସକାଳ ସାଢ଼େ ୫ଟାରେ ଆଣିବା ପରେ ଦାୟିତ୍ୱରେ ଥିବା ନର୍ସ ଇଞ୍ଜେକ୍ସନ ଦେଇ ଡାକ୍ତରଙ୍କୁ ଫୋନ କରିଥିଲେ। ଡାକ୍ତର ପ୍ରାୟ ୭ଟାରେ ଆସି ତାଙ୍କୁ କରଞ୍ଜିଆ, କେଉଁଝର ପରିବର୍ତ୍ତେ ଆନନ୍ଦପୁର ପଠାଯାଇଥିଲେ ।ମାତ୍ର ୧୦୦ କିମି କେଉଁଝର ପୁଣି ୨୦୦ କିମି କଟକ ଯିବା ଭିତରେ ଅନେକ ବିଳମ୍ବ ହୋଇଯାଇଥିଲା । ସନ୍ଧ୍ୟାରେ ହାଣ୍ଡିଫୁଟା ଗ୍ରାମରେ ଖବର ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ

ବେତନଟୀ ,(ସବ୍ୟୁ): ମଙ୍ଗଳବାର ସନ୍ଧ୍ୟାରେ ବୈଶିଙ୍ଗା ଡାକ୍ତରଖାନାରେ କାଯ୍ୟରତ ୧୦୮ ଆମ୍ବୁଲାନ କର୍ମଚାରୀଙ୍କର ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତ ଅଧୀନ ବିଶ୍ରାମପୁର ଗ୍ରାମର ସ୍ୱର୍ଗତ ଧରଣୀଧର ରାଉତଙ୍କ ପୁଅ ମନସୀ କୁମାର ରାଉତ (୪୨)ଙ୍କର ଅରକସ୍ମିକ ମୃତ୍ୟୁ ହୋଇଯାଇଛି। ମୃତକଙ୍କ ବଡଭାଇ ତପସ୍ୱୀ କୁମାର ରାଉତଙ୍କ ସୂଚନା ମୁତାବକ ମନସ୍ରୀ ମଙ୍ଗଳବାର ଅପରାହ୍ନରେ ୧୦୮ ଆମ୍ବୁଲାନ୍ସରେ ଡ୍ୟୁଟି ସାରି ଘରକୁ ଫେରିଥିଲେ । ଘରେ ଶୌଚସାରି ଫେରୁଥିବା ବେଳେ ତଳେ ପଡିଯାଇଥିଲେ । ଗୁରୁତର ଅବସ୍ଥାରେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମନସୀଙ୍କ ବିଧବାପତ୍ନୀ ସମେତ ୭ବର୍ଷର ପୁତ୍ରସନ୍ତାନ ରହିଛନ୍ତି । ବୁଧବାର ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ପୁତୁରା ଡଃ. ଆର୍ତ୍ତତ୍ରାଣ ରାଉତ ମୁଖାଗ୍ନି ଦେଇଛନ୍ତି।

# ଦୁଷ୍କର୍ମକାରୀକୁ ଶିକ୍ଷକକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ସବ୍ୟୁ): ବୁଧବାର କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ବେତନଟି ଥାନା ଅନ୍ତର୍ଗତ ଶୁଭେନ୍ଦୁ ପ୍ରଧାନ(୩୨) ନାମକ ଅଭିଯୁକ୍ତକୁ ଭାରତୀୟ ପିଙ୍ଗଳ କୋଡ ଧାରା ୩୬୩/୩୬୬/୩୭୬(୨)(ଏନ) ଏବଂ ପୋକ୍ସ ଧାରା ୬ ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡର ରାୟ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ନାବାଳିକା (୧୭ ବର୍ଷ) ତା ୧୧.୦୪.୨୦୨୩ ରିଖ କଲେଜକୁ ପରୀକ୍ଷା ଦେବାକୁ ସକାଳ ୭ଟାରେ ଯାଇ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ପୀଡିତାର ମାଆ ପାଟଣା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଥାନା କେଶ ନଂ ୬୨/୨୩ ରେ ଏକ କେଶ ରୁଜୁ କରି ଅନୁସନ୍ଧାନ କରି ତା ୧୨.୦୫.୨୦୨୩ ରିଖରେ ଆସାମୀ କବଳରୁ ପୀଡିତାକୁ ବାଙ୍ଗାଲୋରରୁ ଉଦ୍ଧାର କରିଥିଲା ଏବଂ ଆସାମୀ ସେଠାରୁ ଖସି ଯାଇଥିଲା । ପୀଡିତାର ବୟାନ ନେବାରୁ ପୋଲିସ ଜାଣିବାକୁ ପାଇଥିଲା କି ପୀଡିତା କଲେଜରୁ ପରୀକ୍ଷା ଦେଇ ଫେରୁଥିବା ସମୟରେ ଆସାମୀ ତାକୁ ଜୋର ଜବରଦସ୍ତ ଭୟଭୀତ କରାଇ ଅପହରଣ କରି ନେଇ ବିଭିନ୍ନ ସ୍ଥାନରେ ତାକୁ ବଳାତ୍କାର କରିଥିଲା ଏବଂ କାହା ଆଗରେ ପ୍ରକାଶ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବାରୁ କୌଣସି ସ୍ଥାନରେ ପୀଡିତା କାହାର ସାହାଯ୍ୟ ନେଇ ପାରିନଥିଲା । ଏହି ଘଟଣା ଜାଣିବା ପରେ ପୋଲିସ ଆସାମୀକୁ ତା ୧୩.୦୫.୨୦୨୩ ରିଖରେ ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ କରିଥିଲା । ପୋଲିସ ତଦନ୍ତରୁ ଆସାମୀ ଜଣେ ଶିକ୍ଷକ ଏବଂ ପୀଡିତା ଆସାମୀର ତଳ କ୍ଲାସର ଛାତ୍ରୀ ବୋଲି ଜାଣିବାକୁ ପାଇଥିଲେ । ଆସାମୀକୁ କୋର୍ଟ ଚାଲାଣ କରିଥିଲେ । ବୁଧବାର ଦିନ କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ୧୫ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଶୁଭେନ୍ଦୁ ପ୍ରଧାନକୁ ଉପରୋକ୍ତ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଆଇପିସି ଧାରା ୩୬୩ ରେ ୫ ବର୍ଷ କାରାଦଣ୍ଡ ସହ ୨ହଜାର ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ,ଆଇପିସି ଧାରା ୩୬୬ ରେ ୭ ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା,ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଏବଂ ଆଇପିସି ଧାରା ୩୭୬(୨)(ଏନ) ଓ ପୋକ୍ସ ଧାରା ୬ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା,ଜୋରିମାନା ଅନାଦେୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

## ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ

# ଅଲ୍‌ନିୟୁସିବି ୧୨୫ ହର୍ନେଟ ଏବଂ ଶାଇନ୍ ୧୦୦ ଡିଏକ୍ସ ବଜାର ପ୍ରବେଶ

ବାଲେଶ୍ୱର(ସବ୍ୟୁ): ହୋଣ୍ଡା ମୋଟର ସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନୂଆ ସିବି ୧୨୫ ହର୍ନେଟ ଏବଂ ସାଇନ ୧୦୦ ଡିଏକ୍ସର ବଜାର ପ୍ରବେଶ କରାଯାଇଛି । ବାଲେଶ୍ୱରର ନୂଆ ବାଇକ ଦୁଇଟିକୁ ଧୂମ ଧାମରେ ଉନ୍ମୋଚନ କରାଯାଇଛି । ବାଲେଶ୍ୱର ଠାରେ ନୂଆ ବାଇକ ଦ୍ୱୟର ଉନ୍ମୋଚନ ଉତ୍ସବରେ କମ୍ପାନୀର ଜେନାଲ ମ୍ୟାନେଜର ରାଜେଶ ଚୌଧୁରୀ, ଜୋନାଲ ସେଲ୍ ମ୍ୟାନେଜର ଜୟଦିପ ସାହା, ଯୋର୍ସ ହୋଣ୍ଡାର ଏମ୍ଡି ସଞ୍ଜୟ କୁମାର ଦାସ ଏବଂ ସେଲ୍ ମ୍ୟାନେଜର ଇନ୍ଦ୍ରଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।ଅଲ୍ ନିୟୁ ହୋଣ୍ଡା ସିବି ୧୨୫ ହର୍ନେଟର ମୂଲ୍ୟ ଟ୧,୧୨,୦୦୦ଙ୍କା ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ ରଖାଯାଇଥିବା ବେଳେ ଶାଇନ୍ ୧୦୦ ଡିଏକ୍ସ ମୂଲ୍ୟ ଟ୭୬,୮୦୯ଙ୍କା, ଏକ୍ସ ସୋରୁମ ବାଲେଶ୍ୱର, ଓଡିଶା ରଖାଯାଇଛି । କମ୍ପାନୀ ମଧ୍ୟ ଉଭୟ ମୋଟର ସାଇକେଲ ନିମନ୍ତେ ବିଶାଳ ଗ୍ରାହକ ଯୋଗାଣ ଆରମ୍ଭ କରିଛି । ପରବର୍ତ୍ତୀ ପିଢ଼ିର ଚାଳକମାନଙ୍କୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଛି ସିବି୧୨୫ ହର୍ନେଟ୍‌ରେ ତାହାର ସ୍ପୋର୍ଟି ଷ୍ଟାଇଲିଂ ଏବଂ ରୋମାଞ୍ଚକାରୀ ପ୍ରଦର୍ଶନ ସହିତ ରାଇଡ ଯୋର ଜିଜ୍ ଉତ୍ସାହ ଭରିରହିଛି। ସେହିଭଳି ଶାଇନ୍ ୧୦୦ ଡିଏକ୍ସ ଗ୍ରାହକ ଆଶା କରୁଥିବା ସଲିଡ ହେଁ ଆଧାରରେ ଏହାର ପରିବର୍ଦ୍ଧିତ ବୈଶିଷ୍ଟ୍ୟାବଳୀ ଏବଂ ପ୍ରିମିୟମ ଷ୍ଟାଇଲିଂ ବହନ କରୁଛି। ଗ୍ରାହକମାନେ ଏହି ମୋଟରସାଇକଲ ଗୁଡିକ ସେମାନଙ୍କର ନିକଟସ୍ଥ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲରସିପ୍‌କୁ ଯାଇ ବୁକ୍ କରିପାରିବେ। ହୋଣ ସିବି୧୨୫ ହର୍ନେଟ୍‌ରେ ଦମ୍ଦାର ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି। ଏହା ମାତ୍ର ୫.୪ ସେକେଣ୍ଡରେ ୦ରୁ ୬୦ କିଲୋମିଟର ବେଗ ଧରୁଛି, ଯାହା ଏହାକୁ ଏହି ବର୍ଗରେ ଦ୍ରୁତତମ ମୋଟରସାଇକଲ କରି ଗଢ଼ିତୋଳୁଛି । ହୋଣ୍ଡା ଶାଇନ୍ ୧୦୦ ଡିଏକ୍ସ ଏକ ତାଜା, ପ୍ରିମିୟମ ଡିଜାଇନ ସହିତ ଶାଇନ୍‌ର ପରମ୍ପରାକୁ ଆଗକୁ ବଢାଉଛି । ଏଥରେ ନୂଆକରି ଡିଜାଇନ କରାଯାଇଥିବା ଆକର୍ଷଣୀୟ କ୍ରୋମ ଗାର୍ନିଶିଂ ସହିତ ହେଡଲ୍ୟାମ୍ପ, ଖୋଦେଇ କରାଯାଇଥିବା ପ୍ରଶସ୍ତ ଇନ୍ଧନ ଟାଙ୍କି, ଆକର୍ଷଣୀୟ ବଡି ଗ୍ରାଫିକ୍ ଏବଂ ଅଲ-ବ୍ଲାକ ଇଞ୍ଜିନ ଓ ଗ୍ରାବ୍ ରେଲ ରହିଛି, ଯାହା ଏକ କ୍ରୋମ ମଫଲର କଭରରେ ସଜ୍ଜିତ ହୋଇଛି । ଏହା ଚାରିଟି ଦମ୍ଦାର ରଙ୍ଗରେ ଉପଲବ୍ଧ ହେଉଛି। ସେଗୁଡିକ ହେଉଛି ପର୍ଲ ଇଗ୍ନେୟସ୍ ବ୍ଲାକ, ଇମ୍ପେରିଆଲ ରେଡ ମେଟାଲିକ, ଆଥଲେଟିକ ମେଟାଲିକ ଏବଂ ଜେନି ଗ୍ରେ ମେଟାଲିକ । ଗ୍ରାହକମାନଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ନିମନ୍ତେ ସୁସଜ୍ଜିତ ଶାଇନ୍ ୧୦୦ ଡିଏକ୍ସରେ ଏକ ଡିଜିଟାଲ ଏଲସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଖଞ୍ଜାଯାଇଛି ଯାହା ବାସ୍ତବ ସମୟର ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୂରତା ଏବଂ ସର୍ଭିସ ଅବଧି ସମ୍ପର୍କରେ ସ୍ମରଣ କରାଇଦେବା ପ୍ରଦର୍ଶନ ବ୍ୟବସ୍ଥା ରହିଛି। ଶାଇନ୍ ୧୦୦ ଡିଏକ୍ସର କେନ୍ଦ୍ରସ୍ଥଳରେ ରହିଛି ଏକ ୯୮.୯୮ସିସି ସିଙ୍ଗଲ-ସିଲିଣ୍ଡର, ଫୁଏଲ-ଇଞ୍ଜେକେଡ, ହୋଣ୍ଡାର ବିଶ୍ୱସନୀୟ ଇଏସ୍‌ପି ଏନ୍‌ଫ୍ରାନସଡ୍ ସ୍ମାର୍ଟ ପାର୍ଶ୍ୱର ପ୍ରଯୁକ୍ତି ଓବିଡି ୨ ବି ଅନୁପାଳନକାରୀ ଇଞ୍ଜିନ ରହିଛି ଯାହା ୫.୪୩ କେଡବ୍ଲ୍ୟୁ ଶକ୍ତି ଏବଂ ୮,୦୪: ଏନଏମ୍ ପିକ୍ ଟର୍କ ପ୍ରଦାନ କରୁଛି ଏବଂ ଏଥିରେ ୪-ସିଡ ଗିୟରବକ୍ସ ଖଞ୍ଜାଯାଇଛି।




# ସହିଦ ସ୍ମୃତି ଦିବସ ପାଳିତ



ବାଲେଶ୍ୱର,(ସବ୍ୟୁ): ବାଘାଯତୀନ ବିକାଶ ପରିଷଦ ଆନୁକୂଲ୍ୟରେ ଚଷାଖଣ୍ଡର ଦେଶୁଁଆ ପୋଖରୀ ଠାରେ ଯତିନ୍ଦ୍ରନାଥ ମୁଖାର୍ଜୀ ଓରଫ ବାଘାଯତୀନଙ୍କ ସମେତ ତାଙ୍କ ୪ସାଥୀଙ୍କର ୧୧୦ତମ ସହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସହୀଦ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୁଲିସ ବାହିନୀଙ୍କ ଦ୍ୱାରା ସହୀଦ ସଲାମୀ ପ୍ରଦାନ କରାଯାଇଥିଲା । ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସର୍ବେଶ୍ୱର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥିଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟବକ୍ତାଭାବେ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି, ସମ୍ମାନୀତ ଅତିଥିଭାବେ କବି କାଳୀପଦ ପଣ୍ଡା, ପରିଷଦର ଉପଦେଷ୍ଟା ତଥା କବି ରଂଜନ କୁମାର ବାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥଯାତ୍ରୀ ତଥା ବାଲେଶ୍ୱର ଉତ୍ସବ କମିଟିର ସଭାପତି ପ୍ରବାଳ ମୁଖାର୍ଜୀ, ଛୋଟଗ୍ରାମ ପରିଷଦର ସଭାପତି ସୁଜିତ ଭୌମିକ ଏବଂ ରାଜୀବ ବାନାର୍ଜୀ ପ୍ରମୁଖ ସହୀଦ ମାନଙ୍କ ସ୍ମୃତି ଚାରଣ କରିଥିଲେ । ୯ତାରିଖରେ ବିକାଶ ପରିଷଦ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ତଥା ଉଦ୍ଘାଟକ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ପରିଷଦର ଉପଦେଷ୍ଟା ବିପ୍ଳବ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସଦସ୍ୟ ଉପେନ୍ଦ୍ର ପାଣିଗ୍ରାହୀ, ଅଜିତ ବରାଳ, ଜୟନ୍ତୀ ପଣ୍ଡା, ମନୋଜ ନାୟକ, କାଳୀଚରଣ ଲେଙ୍କା, ସରୋଜ ଗୋଚ୍ଛାୟତ, ଶରତ ରାଉତ, ପ୍ରଫୁଲ୍ଲ ବେହେର, ସୁକାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୭)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।**
**ତତ୍ ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ।। ୩୭ ।।**

ଯତ୍ ତତ୍ (କିମପି ଅନିର୍ବାଚ୍ୟଂ) ଅଗ୍ରେ (ପ୍ରଥମଂ) ବିଷଂ ଇବ
( ଦୁଃଖାବହଂ ଇବ) (ପ୍ରତିଭାତ), ପରିଣାମେ (ତୁ) ଅମୃତୋପମଂ (ଅମୃତସଦୃଶଂ)
ଆତ୍ମବୁଦ୍ଧିପ୍ରସାଦଜଂ (ଆତ୍ମବିଷୟା ବୁଦ୍ଧିଃ ତସ୍ୟା ପ୍ରସାଦଃ
ରଜସ୍ତମୋମୟତାତ୍ୟାଗେନ ସ୍ୱଚ୍ଛତୟାବସାନଂ
ତତୋ ଜାତଂ) ତତ୍ ସୁଖଂ ସାତ୍ତ୍ୱିକ ପ୍ରୋକ୍ତମ୍ ।। ୩୭ ।।

# ନୂତନ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ

ଭାରତର ୧୭ତମ ଉପରାଷ୍ଟ୍ରପତି ଭାବେ ଶ୍ରୀ ସି.ପି. ରାଧାକ୍ରିଷ୍ଣନ ନିର୍ବାଚିତ ହୋଇଥିବାରୁ ଆମେ ତାଙ୍କୁ ସ୍ୱାଗତ କରୁଛୁଁ । ଭାରତରେ ଗଣତନ୍ତ୍ର ଏକ ଜଟିଳ ଅବସ୍ଥା ଦେଇ ଗତି କରୁଛି । ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ କେନ୍ଦ୍ର ସରକାରଙ୍କ ସହିତ ବିରୋଧୀ ଦଳର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ସଂସଦର ଉଭୟ ସଦନକୁ ଚାଲିବା ଦିଗରେ ବିରୋଧୀ ଦଳର ଭୂମିକାକୁ ଭାରତରେ ଶିକ୍ଷିତ ଓ ସଚେତନ ଲୋକେ ନାପସନ୍ଦ କରିଛନ୍ତି । ଭାରତର ଏହି ଉପରାଷ୍ଟ୍ରପତି ନିର୍ବାଚନ ବା ଉପନିର୍ବାଚନରେ ବିରୋଧୀ ଇଣ୍ଡିମେଣ୍ଟର ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀ ପରାଜିତ ହେବା ପରେ ଅନ୍ତତଃ ବିରୋଧୀ କଂଗ୍ରେସ ଓ ତା'ର ସହଯୋଗୀ ଦଳ ଇଣ୍ଡିମେଣ୍ଟ ଶିକ୍ଷା ଲାଭ କରିବେ ବୋଲି ଆଶା କରାଯାଉଛି । ଉଲ୍ଲେଖନୀୟ ଯେ ଏହି ଉପରାଷ୍ଟ୍ରପତି ଦୌଡ଼ରେ ଗଣତାନ୍ତ୍ରିକ ମେଣ୍ଟର ପ୍ରାର୍ଥୀ ୪୨୫ଟି ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଇଣ୍ଡିମେଣ୍ଟର ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ୩୦୦ ଗୋଟି ଭୋଟ ପାଇ ପରାଜିତ ହୋଇଥିଲେ । ଏହି ଉପ ନିର୍ବାଚନ ଉପ-ରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନକଡ଼ ସ୍ୱଇଚ୍ଛାରେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବାରୁ ହୋଇଥିଲା । ଶ୍ରୀ ଧନକଡ଼ ସ୍ୱାସ୍ଥ୍ୟଗତ କାରଣରୁ ସ୍ୱଇଚ୍ଛାରେ ଇସ୍ତଫା ଦେଇଛନ୍ତି ବୋଲି ଘୋଷଣା କରିଥିଲେ ମଧ୍ୟ ପ୍ରକୃତ ଘଟଣା ଏବେ ବି ରହସ୍ୟାବୃତ ହୋଇ ରହିଛି । ଭାରତର ଉପରାଷ୍ଟ୍ରପତି ମଧ୍ୟ ରାଜ୍ୟସଭାର ଅଧ୍ୟକ୍ଷ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇ ଥାଆନ୍ତି । କିନ୍ତୁ ଅଚାନକ ଉପରାଷ୍ଟ୍ରପତି ଶ୍ରୀ ଧନକଡ଼ ନିଜ ପଦବୀରେ ପୁରାପୁରି ତିନି ବର୍ଷ ମଧ୍ୟ କାର୍ଯ୍ୟ ନ କରିବାର ପ୍ରକୃତ କାରଣ ଜଣା ପଡ଼ିନାହିଁ । ସେହିପରି ବିଜୁ ଜନତା ଦଳ, ଗତ ସାଧାରଣ ନିର୍ବାଚନ ସମୟରେ ଓଡ଼ିଶାର ୨୧ଟି ଲୋକସଭା ଆସନରୁ ଗୋଟିଏ ଆସନ ମଧ୍ୟ ଆଣି ପାରି ନଥିଲା । ଏବେ ରାଜ୍ୟସଭାରେ ସେମାନଙ୍କ ସଦସ୍ୟଙ୍କ ସଂଖ୍ୟା ମାତ୍ର ସାତ । ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିଜେଡ଼ି ଏହି ନିର୍ବାଚନରୁ ବିରତ ରହିବ ବୋଲି ଘୋଷଣା କରି ଅନୁପସ୍ଥିତ ରହିଥିଲା । ତେଣୁ ବିଜେଡ଼ିର ଏହି ଭୂମିକା ରହସ୍ୟପୂର୍ଣ୍ଣ ବୋଲି ମନେହୁଏ ।

ଉପରାଷ୍ଟ୍ରପତି ନିର୍ବାଚନରେ ସଂସଦର ଉଭୟ ଗୃହର ସଦସ୍ୟମାନେ ଭୋଟ ଦେଇଥା'ନ୍ତି । ତେଣୁ ସେମାନଙ୍କ ଭୋଟ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଇ ଥାଏ । ଭାରତର ଆଭ୍ୟନ୍ତରୀଣ ନୀତି ଓ ବୈଦେଶିକ ନୀତିକୁ ଭାରତରେ ଓ ଭାରତ ବାହାରେ ଖୁବ୍ ପ୍ରଶଂସା କରାଯାଉଛି । ଆମର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଭୟ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସହଯୋଗ ଓ ସମନ୍ୱୟ ରହିଲେ ଅନେକ କାର୍ଯ୍ୟରେ ସଫଳତା ହାସଲ କରିପାରନ୍ତା ଭାରତ । କିନ୍ତୁ କାହିଁକି କେଜାଣି ଦେଶର ବିପତ୍ତି ବା ବିକାଶ ସମୟରେ ଏପରି ଏକତା ସମ୍ଭବପର ହୋଇ ପାରି ନାହିଁ । ଉଭୟ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସହଯୋଗର ବାତାବରଣ ଦେଶର ବିକାଶ ପାଇଁ ଜରୁରୀ । ତା ହେଲେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଧ୍ୱନି 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ' ସାର୍ଥକତା ଲାଭ କରିପାରନ୍ତା ।

ବିଗତ ରାଷ୍ଟ୍ରପତି ନିର୍ବାଚନ ସମୟରେ ଏନ୍‌ଡିଏ ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଥିଲା । ବିରୋଧୀ କଂଗ୍ରେସ ଓ ତାହାର ସହଯୋଗୀ ଦଳଗୁଡ଼ିକ ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ଆସନରେ ଦେଖି କିଛିଟା ବିରକ୍ତି ପ୍ରକାଶ କରିଥିଲେ ମଧ୍ୟ ସେ ନିର୍ବାଚିତ ହୋଇଥିଲେ । କଂଗ୍ରେସ ଦଳ ପକ୍ଷରୁ କେହି କେହି ତାଙ୍କୁ ପରିହାସ କରି ପରେ କ୍ଷମା ମଧ୍ୟ ମାଗିବାକୁ ପଡ଼ିଥିଲା । ସଂସଦରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଅଭିଭାଷଣ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଜଣେ ମହିଳା ହୋଇ ମଧ୍ୟ ତାଙ୍କୁ 'ବିଚରା' ବୋଲି କହିଥିଲେ । ଫଳରେ ସୋନିଆ ଗାନ୍ଧି ସାଧାରଣରେ ନିନ୍ଦିତ ମଧ୍ୟ ହୋଇଥିଲେ ।

ସେ ଯାହା ହେଉ ପଛେ, ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ହାଇକୋର୍ଟ ବା ସୁପ୍ରିମ କୋର୍ଟ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଇଣ୍ଡିମେଣ୍ଟ ପ୍ରାର୍ଥୀ କରିଥିଲେ ମଧ୍ୟ ସେ ପରାଜୟ ବରଣ କରିଥିବାରୁ ବିରୋଧୀ ଦଳ ଇଣ୍ଡିମେଣ୍ଟ ପାଇଁ ଏହା ଗୋଟିଏ ଲଜ୍ଜାଜନକ ଘଟଣା ବୋଲି ମନେ ହୋଇଥାଏ । ନୂତନ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାରୁ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଅଭିନନ୍ଦନ ଜଣାଇଛନ୍ତି । ଉପରାଷ୍ଟ୍ରପତି ଭାବେ ତଥା ରାଜ୍ୟସଭାର ଅଧ୍ୟକ୍ଷ ଭାବେ ସେ ସୁଚାରୁ ରୂପେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

**ଭ୍ରମ ସଂଶୋଧନ**

ବୁଧବାର ସେପ୍ଟେମ୍ବର ୧୦ ତାରିଖ ସମୟର ସମ୍ପାଦକୀୟ ପୃଷ୍ଠାରେ 'ଯୁଦ୍ଧ ଅବଶ୍ୟମ୍ଭାବୀ, ଶାନ୍ତି ଫେରିବ କେବେ ?' ଶୀର୍ଷକ ଲେଖାରେ 'ଯୁଦ୍ଧ ଆବଶ୍ୟମ୍ଭାବୀ, ଶାନ୍ତି ଫେରିବ କେବେ' ବୋଲି ଭୁଲରେ ପ୍ରକାଶ ପାଇଥିବାରୁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ମୋହନ ଭାଗବତ ଜୀଙ୍କୁ ଅଭିନନ୍ଦନ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେ ପକାଏ। ପ୍ରଥମଟି ହେଉଛି, ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। ଆମେରିକାର ଭଉଣୀ ଓ ଭାଇମାନେ... – ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱସ୍ତରରେ ପରିଚିତ କରାଇଥିଲେ । ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁଁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା। ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହିତ ମଧ୍ୟ ଜଡିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମ ପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି । ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକ ପାଳନ କରୁଛି । ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର । ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ୟ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରଶମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରଶମଣିକୁ ପ୍ରସ୍ତୁତ କରିଥିଲେ। ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆରଏସଏସର ଜଣେ ପ୍ରଚାରକ ହୋଇଥିଲେ । 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ, କେହି ଭୁଲରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି । କିନ୍ତୁ, ଯେଉଁମାନେ ଆରଏସଏସର କାର୍ଯ୍ୟ ସହିତ ଉତ୍ତମ ରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଂଗଠନର କାର୍ଯ୍ୟର ମୂଳଦୁଆରେ ରହିଛି । ଗତ ଶହେ ବର୍ଷ ଧରି, ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡିଛନ୍ତି । ଆରଏସଏସରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା । ଏହି ସେହି ସମୟ ଥିଲା ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା । ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରୀକାଳୀନ ବିରୋଧୀ ଆନ୍ଦୋଳନକୁ ମଜବୁତ କରିବା ସ୍ୱାଭାବିକ ଥିଲା । ମୋହନ ଜୀ ଏବଂ ଅଗଣିତ ଆରଏସଏସ ସ୍ୱୟଂସେବକମାନେ ଏହା ହିଁ କରିଥିଲେ । ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ, ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ । ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା।

ବର୍ଷ ବର୍ଷ ଧରି ଭାଗବତ ଜୀ ଆରଏସଏସରେ ବିଭିନ୍ନ ପଦବୀରେ ରହିଥିଲେ । ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ ସମ୍ପାଦନ କରିଥିଲେ । ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟୟାମ ପ୍ରମୁଖର ମୁଖ୍ୟ ଭାବରେ, ମୋହନଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି । ଏହି ସମୟ ମଧ୍ୟରେ, ସେ ବିହାରର ଅସଂଖ୍ୟ ଗ୍ରାମମାନଙ୍କରେ କାର୍ଯ୍ୟ କରି ସମୟ ବିତାଇଥିଲେ। ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ, ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ । ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହିତ କାମ କରିଚାଲିଥିଲେ । ସରସଂଘଚାଳକ ହେବା ଏକ ସାଙ୍ଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ । ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ୱଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି । ମୋହନ ଜୀ, ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ, ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ । ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି – ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଙ୍ଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଯୁବପିଢି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢିକୁ ସଂଘ ପରିବାର ସହିତ ଯୋଡିବା ପ୍ରତି ତାଙ୍କର ପ୍ରଚେଷ୍ଟା, ଆଜିର ଗତିଶୀଳ ଏବଂ ଡିଜିଟାଲ୍ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ି ହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ। ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆରଏସଏସର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ । ୟୁନିଫର୍ମ ପରିବର୍ତ୍ତନ ଠାରୁ ଆରମ୍ଭ କରି ଶିକ୍ଷା ବର୍ଗ (ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ, ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା। ସେହି ସମୟରେ, ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖିବା ସବୁଠୁ ବଡ଼ ଆହ୍ୱାନ ସାଜିଥିଲା । ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ । ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ, ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଡିତ ରହିଥିଲେ। ସେହି ସମୟରେ, ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ୟ ହରାଇଥିଲୁ, କିନ୍ତୁ ମୋହନଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ ନିଷ୍ପତ୍ତି କେବେ ବି ବିଚଳିତ ହୋଇନଥିଲା। ଚଳିତବର୍ଷ ଆରମ୍ଭରେ, ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦଘାଟନ ସମୟରେ, ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ । ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ । ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି ତାହା ବାସ୍ତବରେ ପ୍ରେରଣାଦାୟକ। ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ୟ ଜାଗ୍ରତ କରେ। ଏଠାରେ, ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି । 'ସ୍ୱଚ୍ଛ ଭାରତ ମିଶନ' ଠାରୁ 'ବେଟି ବଚାଓ ବେଟି ପଢ଼ାଓ' ପର୍ଯ୍ୟନ୍ତ, ମୋହନ ଜୀ ସର୍ବଦା ସମଗ୍ର ଆରଏସଏସ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି । ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇ ନେବା ନିମନ୍ତେ, ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି । ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ, ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ । ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି। ଭାଗବତ ଜୀ ସଦାସର୍ବଦା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ ଅନୁଗାମୀ, ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରାର ପାଳନରେ ଦୃଢ ବିଶ୍ୱାସୀ।

ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ, ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି । ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ, ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ । ଚଳିତ ବର୍ଷ, ଆଉ ମାତ୍ର ଅଳ୍ପ ଦିନ ପରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ, ବିଜୟା ଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆରଏସଏସ ଶତବାର୍ଷିକ ପାଳନ ଗୋଟିଏ ଦିନରେ ହେଉଛି । ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି । ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ, ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ । ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି ।

**ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି । ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକ ପାଳନ କରୁଛି । ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି।**

# ପିତୃପକ୍ଷ: ପିତୃପୁରୁଷ ଏବଂ ପୂର୍ବ ପିଢ଼ି ପ୍ରତି ଶ୍ରଦ୍ଧା



**ଗୋପୀନାଥ ଦାଶ**

ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତା ମାତାଙ୍କର ସେବା କରେ ଏବଂ ସେମାନଙ୍କ ମୃତ୍ୟୁପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ । ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ ପିତୃପକ୍ଷ ବା ମହାଳୟା ପକ୍ଷ କୁହାଯାଏ ।

ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶ୍ରଦ୍ଧା ପ୍ରକଟ କରିବା । ବିଶ୍ୱାସ କରାଯାଏ, ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି, ସେମାନେ ଯେଉଁ ଲୋକରେ ଥିଲେ ବି, ଯେଉଁ ରୂପରେ ଥିଲେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚେ ପୃଥିବୀକୁ ଆସନ୍ତି । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ, ତାହାକୁ 'ଶ୍ରାଦ୍ଧ' କୁହାଯାଏ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଆମ ଦେଶର ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ ରହିଛି । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା'ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ । ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁ ପୁରାଣ ଏବଂ ବାୟୁ ପୁରାଣରେ ମଧ୍ୟ ଏହାର ଉଲ୍ଲେଖ ରହିଛି । ବିଷ୍ଣୁ ପୁରାଣ ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ, ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି ।

ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି, ଫଲ୍‌ଗୁ ନଦୀର ତଟରେ ପିଣ୍ଡ ଦାନ ନକଲେ ଶ୍ରାଦ୍ଧ ଅସଂପୂର୍ଣ୍ଣ ରହିଯାଏ । କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗିନେଇଥିଲେ ଯେ, ତାର ଶରୀର ଦେବତାମାନଙ୍କ ପରି ପବିତ୍ର ହୋଇଯିବ ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗର ଜନସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ଦେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତାର ଶରୀର ପାଞ୍ଚକୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚକୋଶ ସ୍ଥାନକୁ କୁହାଗଲା 'ଗୟା' । ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ ବୋଲି । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ, ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜିବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରିନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି, ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା – ବାପା- ମାଆ, ଜେଜେବାପା-ଜେଜେମାଆ, ଅଜା-ଆଈଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ ହୋଇଥାନ୍ତି । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷ ମହତ୍ତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି ।

ଗରୁଡ଼ ପୁରାଣରେ କୁହାଯାଇଛି ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନିପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥ୍ୱୀଲୋକ ଓ ଦେବଲୋକ ମଧ୍ୟରେ ଅଛି । ଏହି ଲୋକର ଅଧୀଶ୍ୱର ମୃତ୍ୟୁଦେବତା ଯମ । ତୃତୀୟ ପିଢ଼ି ପରେ ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ ।

ହିନ୍ଦୁପୁରାଣ ଅନୁଯାୟୀ ଆଶ୍ୱିନ ମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟା ରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ ସେମାନେ ପୁଣି ପିତୃଲୋକକୁ ଫେରନ୍ତି । କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା, ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ ।

ଯମ କହିଲେ – ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରିନାହାନ୍ତି । କର୍ଣ୍ଣ କହିଲେ – ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥ୍ୱୀଲୋକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ ପରାମର୍ଶ ଦେଇଥିଲେ । କୁହାଯାଏ ସେହି ସମୟ ଥିଲା 'ପିତୃପକ୍ଷ' ।

**ସହକାରୀ ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ– ୮୮୯୫୨୯୬୧୬୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫ୍ରାନ୍ସ...

ରେନ୍ନେସଠାରେ ଗୋଟିଏ ବସରେ ନିଆଁ ଲଗାଇ ଦେଇଛନ୍ତି । ଦକ୍ଷିଣପଶ୍ଚିମ ପ୍ରାନ୍ତରେ ରେଳ ସେବା ବାଧାପ୍ରାପ୍ତ ହୋଇଛି । ବିକ୍ଷୋଭକାରୀ ଗୋଟିଏ ବିଜୁଳି ଯୋଗାଣ ଲାଇନକୁ ନଷ୍ଟ କରି ଦେଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।

ଜନଅସନ୍ତୋଷ ବଢୁଥିବାରୁ ଦେଶବ୍ୟାପି ମାକ୍ରନ ସରକାର ବିପୁଳ ସଂଖ୍ୟାରେ ପୁଲିସ୍ ମୁତୟନ କରିଛନ୍ତି । ପ୍ରାୟ ୮୦ ହଜାର ପୁଲିସ୍ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ରହିଥିଲେ ହେଁ ହଜାର ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଭାଙ୍ଗିଛନ୍ତ । ନିଆଁ ଲଗାଇ ଦେଇ ଭଙ୍ଗାରୁଜା କରିଛନ୍ତି । ପୁଲିସ୍ ସେମାନଙ୍କ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ ଓ ପାଣି ମାଡ଼ କରୁଛି । ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ଭାବେ କାମ କରୁଥିବା ଫ୍ରାଙ୍କୋସି ବାୟରୌ ସୋମବାର ସଂସଦରେ ଗୋଟିଏ ଆସ୍ଥା ଭୋଟରେ ପରାସ୍ତ ହୋଇଥିଲେ । ପରାଜୟ ପରେ ସେ ନିଜ ପଦ ଛାଡ଼ିଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସର୍ବସାଧାରଣ ଛୁଟି ହ୍ରାସ ଓ ପେନସନ ବନ୍ଦ କରିଥିଲେ । ଏଥିଯୋଗୁ ଜନଅସନ୍ତୋଷ ବି ଚାଲିଥିଲା । ବାୟରୌ ଇସ୍ତଫା ଦେବାର ଦିନକ ପରେ ରାଷ୍ଟ୍ରପତି ମାକ୍ରନ ଅତ୍ୟନ୍ତ ଚତୁରତା ସହ ନିଜର ଅତ୍ୟନ୍ତ ଘନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ ଲେକ୍ରୋନୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ । ୧୨ ମାସ ମଧ୍ୟରେ ଲେକ୍ରୋନୁ ଫ୍ରାନ୍ସର ୪ର୍ଥ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

## ନରମିଲେ...

ରାଷ୍ଟ୍ରପତି ଟ୍ରମ୍ପ ଏହି ସପ୍ତାହ ଆରମ୍ଭରେ ଭାରତ-ଆମେରିକା ସମ୍ପର୍କରେ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ସମ୍ପର୍କର ମାନ୍ୟତା ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସେ ସର୍ବଦା ବନ୍ଧୁ ରହିବେ । ତଥାପି, ସେ ଏହା ମଧ୍ୟ କହିଥିଲେ ଯେ ସେ ବର୍ତ୍ତମାନ ଭାରତର କିଛି ନୀତି ସହିତ ଏକମତ ନୁହଁନ୍ତି । ଏକ ଆଲୋଚନାରେ ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ଭାରତ ସହିତ ସମ୍ପର୍କ ଉନ୍ନତ କରିବାକୁ ପ୍ରସ୍ତୁତ କି ନାହିଁ, ଟ୍ରମ୍ପ ଉତ୍ତର ଦେଇଥିଲେ ଯେ ମୁଁ ସର୍ବଦା ପ୍ରସ୍ତୁତ ରହିବି । ମୁଁ ସର୍ବଦା ମୋଦୀଙ୍କ ବନ୍ଧୁ ରହିବି ।ସେ ଜଣେ ମହାନ ପ୍ରଧାନମନ୍ତ୍ରୀ, କିନ୍ତୁ ବର୍ତ୍ତମାନ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ନୁହେଁ । ତଥାପି ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ବହୁତ ସ୍ୱତନ୍ତ୍ର । ଚିନ୍ତା କରିବାର କିଛି ନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ମନ୍ତବ୍ୟ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିକ୍ରିୟା ଦେଇଥିଲେ । ସେ ଲେଖିଛନ୍ତି ଯେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ଗଭୀର ଭାବରେ ପ୍ରଶଂସା କରନ୍ତି ଏବଂ ପୂର୍ଣ୍ଣ ସମର୍ଥନ କରନ୍ତି ।

## ସମ୍ପର୍କର...

ଏବଂସ୍ୱାଭାବିକ ଅଂଶୀଦାର । ମୁଁ ନିଶ୍ଚିତ ଯେ ଆମର ବାଣିଜ୍ୟ ଆଲୋଚନା ଭାରତ-ଆମେରିକା ସହଭାଗୀତାର ଅସୀମ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ପଥ ପ୍ରଶସ୍ତ କରିବ । ଆମ ଟିମ୍ ଏହି ଆଲୋଚନାକୁ ଯଥାଶୀଘ୍ର ଶେଷ କରିବାକୁ କାର୍ଯ୍ୟ କରୁଛନ୍ତି । ମୁଁ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥା ହେବାକୁ ଉତ୍ସାହିତ ଅଛି । ଆମେ ଉଭୟ ଦେଶର ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଏକାଠି କାମ କରିବୁ ।

## ୮୦୦...

୨୦୨୫ ଜାନୁଆରୀ ୧୭ରେ ସିଙ୍ଗାପୁର ରାଷ୍ଟ୍ରପତି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ସିଙ୍ଗାପୁର ସୁର୍ବାନା ଜୁରୋଙ୍ଗ ସଂସ୍ଥା (ଏସ୍‌ଜେଆଇ) ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରତି ହୋଇଛି । ଏସ୍‌ଜେଆଇ ନୂଆ ସହର ପାଇଁ ମାଷ୍ଟର ପ୍ଲାନ୍ ତିଆରି ଏବଂ ଭିତ୍ତିଭୂମି ବିକାଶ ପାଇଁ ପରାମର୍ଶ ଦେବ । ପୁରା ପ୍ରକଳ୍ପ ପାଇଁ ବିଡିଏ ଆଗାମୀ ୧୫ ବର୍ଷରେ ୮ ହଜାର ୧୭ ୯ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରହିଛି । ଯେଉଁଥିରେ ସରକାରୀ ଓ ଘରୋଇ ଅର୍ଥ ମିଶିବ । ଏହାସହ ପ୍ରଥମ ୫ ବର୍ଷ ଅର୍ଥାତ୍ ୨୦୨୫-୨୬ ରୁ ୨୦୨୯-୩୦ ପାଇଁ ରାଜ୍ୟ ବଜେଟ୍‌ରୁ ୧ ହଜାର ୩୪୨ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଯାହା ଜମି କିଣା, ରାସ୍ତା ତିଆରି, ମୌଳିକ ସୁବିଧା, ସାର୍ବଜନୀନ ସୁବିଧା ଏବଂ ପ୍ରଶାସନିକ ଖର୍ଚ୍ଚ ଲାଗି ବ୍ୟବହୃତ ହେବ ।

ସେହିପରି ଏହି କ୍ୟାବିନେଟ୍‌ରେ ବିକାଶମୂଳକ କାର୍ଯ୍ୟଗୁଡ଼ିକ ପାଇଁ ବୈଷୟିକ ମଞ୍ଜୁରୀ ଏବଂ ପ୍ରଶାସନିକ ଅନୁମୋଦନ ସମ୍ବନ୍ଧୀୟ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଛି । ସାଧାରଣ ବିକାଶମୂଳକ ଯୋଜନା (ମନରେଗା ବ୍ୟତିତ) କନିଷ୍ଠ/ସହକାରୀ ଯନ୍ତ୍ରୀମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ । ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି । ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ, ଅଧିକ୍ଷଣ ଯନ୍ତ୍ରୀମାନେ କୋଟିଏ ଟଙ୍କାରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ଯନ୍ତ୍ରୀଙ୍କ ପାଇଁ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ । ଏହାସହ ବିଡିଓ ୨୦ ଲକ୍ଷ ପର୍ଯ୍ୟନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ୨୦ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ୫୦ ଲକ୍ଷ ଟଙ୍କାରୁ ପ୍ରକଳ୍ପର ଅନୁମୋଦନ କରିପାରିବେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଅନୁଯାୟୀ ରାଜ୍ୟରେ ଯେଉଁ ଆମ୍ବୁଲାନ୍ସ ୫ ବର୍ଷରୁ ଅଧିକପୁରୁଣା ହୋଇଥିବ କିମ୍ବା ନିର୍ଦ୍ଧାରିତ ୨ ଲକ୍ଷ ୫୦୦୦ କିମିରୁ ଅଧିକ ଚାଲି ସାରିଲାଣି ସେଗୁଡ଼ିକୁ ପରିବର୍ତ୍ତନ କରାଯିବ । ବର୍ତ୍ତମାନ ୮୬୦ଟି ଆମ୍ବୁଲାନ୍ସ ମଧ୍ୟରୁ ୪୨୧ଟି ଆମ୍ବୁଲାନ୍ସ ଏଭଳି ଅବସ୍ଥାରେ ରହିଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ୪୨୮ଟି ଆମ୍ବୁଲାନ୍ସ ୧୧୮.୯୮ କୋଟି ଟଙ୍କାରେ କିଣା ଯିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟ ବଜେଟ୍‌ରୁ ୧୧୮.୦୬ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୯୨ ଲକ୍ଷ ଟଙ୍କା ଏମ୍‌ସିଏଲ୍ ଯୋଗାଇ ଦେବ ବୋଲି ଜଣାପଡ଼ିଛି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଅନୁଯାୟୀ ୨୦୨୫-୩୧ ଜୁଲାଇ ସୁଦ୍ଧା ବକେୟା ଥିବା ଇ-ଚାଲାଣ ପାଇଁ ଏକକାଳୀନ ସମାଧାନ ଯୋଜନା ଘୋଷଣା କରିଛନ୍ତି । ଏହାଦ୍ୱାରା ଉଲ୍ଲଙ୍ଘନକାରୀମାନଙ୍କୁ ଜରିମାନା ଅର୍ଥ ପୈଠ କରିବାକୁ ସୁଯୋଗ ମିଳିବ । ଯଦି ଉଲ୍ଲଙ୍ଘନକାରୀମାନେ ଏହି ଅର୍ଥରାଶି ଏକକ ସମାଧାନ ମାଧ୍ୟମରେ ପୈଠ ନ କରନ୍ତି ତେବେ ସେମାନଙ୍କ ବିରୋଧରେ ପରିବହନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ । ସେହିପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ସରକାରୀ ପଦବୀ ଓ ସେବା ନିଯୁକ୍ତି ପାଇଁ ଆବେଦନ ଓ ପରୀକ୍ଷା ଫି ପ୍ରଦାନ ବନ୍ଦ ନିୟମାବଳୀ ୨୦୨୨ରେ ପରୀକ୍ଷା ଫି ଆଦାୟ କରାଯାଉନାହିଁ । ଯେଉଁଥିପାଇଁ ଅନେକ ସମୟରେ ବହୁ ସଂଖ୍ୟକ ଆବେଦନ କରୁଥିବାବେଳେ କିଛି ଆବେଦନକାରୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି । ତେଣୁ ଆବେଦନକାରୀଙ୍କ ଠାରୁ ପରୀକ୍ଷା ଫି ସଂଗ୍ରହ କରାଯିବ ।

## ବିଧାନସଭା...

ସମୟରେ ସମସ୍ତ ସଚିବ ସଦର ମହକୁମାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି ।

ମୁଖ୍ୟ ସଚିବ ଶ୍ରୀ ଆହୁଜା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଧାନସଭା ସମୟରେ ସମସ୍ତ ସଚିବ ସଦର ମହକୁମାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୟରେ ସଚିବମାନେ ବିଦେଶ ଯାତ୍ରାରୁ ନିବୃତ୍ତ ରହିବେ । ରାଜ୍ୟ ବାହାରକୁ ଗସ୍ତ ମଧ୍ୟ ଯଥା ସମ୍ଭବ ସୀମିତ ରଖିବାକୁ ଚିଠିରେ କୁହାଯାଇଛି । ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବଗୁଡ଼ିକର ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ ସେମାନେ ସଦର ମହକୁମାରେ ଉପସ୍ଥିତ ରହିବା ବାଞ୍ଛନୀୟ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ । ସେହିପରି ବିଧାନସଭା ସମୟରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟସ୍ତରରେ କୌଣସି ସଭା ଡକାଇ ପାରିବେନି । ସଭା ବଦଳରେ ଭିଡିଓ କନଫରେନ୍ସ ଜରିଆରେ ନିଷ୍ପତ୍ତି ନେଇପାରିବେ ।

## ବଣ୍ଡାଘାଟିରେ...

ବୁଝିଥିଲେ । ବଣ୍ଡା ଦକ୍ଷତା ବିକାଶ,ଟେଲରିଙ୍ଗ ୟୁନିଟ, ମଲଫି ପ୍ରୋସେସିଙ୍ଗ ୟୁନିଟ, ଆଦିମ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର ନିର୍ମାଣ କାରୁକାର୍ଯ୍ୟ ଦେଖିବା ସହିତ ଏସଏଚଜି ମହିଳା ଓ ଆଦିମ ବଣ୍ଡା ଜନଜାତିଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ । ସେହିପରି ବିଡିଏ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ୍ ଜନମନ୍, ଜଙ୍ଗଲ ଜମି ପଟ୍ଟା, ୮୦ ବର୍ଷରୁ ଉର୍ଦ୍ଧ୍ୱ ପେନସନ ହିତାଧିକାରୀ, ଏସଏଚଜି, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଯୁବ ସ୍ୱେଚ୍ଛାସେବୀ ଓ ଲକ୍ଷପତି ଦିଦି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ରାଜ୍ୟପାଳ । ସେହିପରି ୧୫ ଜଣ ଆଦିମ ବଣ୍ଡା ଓ ୧୧ ଜଣ ଡିଡ଼ାୟୀ ସମ୍ପ୍ରଦାୟର ହିତାଧିକାରୀଙ୍କୁ ରାଜ୍ୟପାଳ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ ।

ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଜଣେ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିବା ବେଳେ ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ହଜାରେ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । କୃଷି ବ୍ୟତୀତ ଗୋପାଳନ, ଛେଳି, କୁକୁଡ଼ା ଚାଷ ମାଧ୍ୟମରେ ମଧ୍ୟ ବଣ୍ଡା ଜନଜାତି ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ କହିଛନ୍ତି ଏବଂ ଏଦିଗରେ ବିହିତ ପଦକ୍ଷେପ ନେବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଡିଏ ଠାରେ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ବଣ୍ଡା ଘାଟିର ବିକାଶ ପ୍ରତି ଗୁରୁତ୍ୱ ଦୋ ସହ ଆଦିମ ବଣ୍ଡା ଜନଜାତିଙ୍କ ଉନ୍ନତି ପ୍ରତି ଧ୍ୟାନ ଦୋ ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସୁଫଳ ଏବଂ ଜଙ୍ଗଲ ଜମି ପଟ୍ଟା କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପକୃତ ହୋଇଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ । ବଣ୍ଡା ଘାଟିରେ ଥିବା କନ୍ୟାଶ୍ରମ ଓ ମଙ୍ଗଳ ବିଭାଗର ହାଇସ୍କୁଲ ପରିଦର୍ଶନ କରି ଶିକ୍ଷା ଦାନ କିପରି ହେଉଛି, ବିଦ୍ୟାଳୟର ଭିତ୍ତିଭୂମି ଏବଂ ସୁବିଧା ଅସୁବିଧା ସମ୍ପର୍କରେ ଛାତ୍ର ଛାତ୍ରୀଙ୍କୁ ପଚାରି ବୁଝିଥିଲେ । ଏହି ଅବସରରେ ରାଜ୍ୟପାଳ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ବସି ମଧ୍ୟାହ୍ନ ଭୋଜନ କରିଥିଲେ ।

## ଘରକୁ...

୧୫ ହଜାର ୯୮୪ ହିତାଧିକାରୀ ମୃତ ହିତାଧିକାରୀ ବାଦ ପଡ଼ିଥିବା ବେଳେ ୧୮୦୫ ଜଣ ଜୀବିତ ଅଛନ୍ତି । ସେମାନଙ୍କୁ ମଧ୍ୟ ସାମିଲ କରାଯିବ । ଅନ୍ୟପଟେ ୩୭ ହଜାର ୭୦୨ ହିତାଧିକାରୀ ଗାଡ଼ି କିଣିଥିବା ଯୋଗୁ ବାଦ ପଡ଼ିଛନ୍ତି । ୨୧ ହଜାର ୩୫ ହିତାଧିକାରୀ ଆୟକର ଦେବାରୁ ବାଦ ପଡ଼ିଥିବା ବେଳେ ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପଞ୍ଜୀକରଣ ଏବଂ କୃଷକ ଭାବେ ପଞ୍ଜୀକରଣ କରି ବାଦ ପଡିଛନ୍ତି । ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ୧୫, ୯୮୪ ଜଣ ହିତାଧିକାରୀଙ୍କ ତାଲିକାକୁ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯାଞ୍ଚ ରିପୋର୍ଟ ଆଧାରରେ ମୃତ ହିତାଧିକାରୀ ସୁଭଦ୍ରାରୁ ବାଦ ପଡ଼ିବେ ବୋଲି ବୈଠକରେ ମତ ପ୍ରକାଶ ହୋଇଛି । ସେହିପରି ଭାବେ ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ପ୍ରଦାନ କରାଯାଇଛି । ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି । ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ । ସେ ବାବଦରେ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନ କରାଯିବ । ବୈଠକରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବୈଠକ ପୂର୍ବରୁ ତିନି ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପରିବହନ, ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମାଗିଥିଲା । ବାଣିଜ୍ୟ ଏବଂ ପରିବହନ ବିଭାଗକୁ ଚାରି ଚକିଆ ଥିବା ମହିଳାଙ୍କ ତଥ୍ୟ ମଗା ଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା ।

## ଆଜି...

ସହ ସର୍ବସାଧାରଣ ବନ୍ଦ ରହିବଛ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବ । ରାତି ୧୦ଟା ପରେ ସର୍ବସାଧାରଣ ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।


### AFFIDAVIT

I Nalini Dash, W/o- Pabitra Kumar Dash, At: Talamali Sahi, P.O.: Puri Station Road, P.S.: Kumbharpada, Dist.: Puri, Odisha, PIN-752002 declare by this Affidavit No.: 4560, dated: 14.08.2025 at Puri. That now onwards I shall be known as "Nalini Kumari Dash" for all future purposes.

### AFFIDAVIT

I PRABHUDUTTA LARENCE, S/O- LARENCE BIKASH PRADHAN, PLOT NO-366/5805,KAPALESWAR, NUA SAHI,CHOUDWAR,CUTTACK-754071,ODISHA DECLARE BY THIS AFFIDAVIT NO-21363, Dt- 03.09.2025 THAT NOW ONWARDS I SHALL BE KNOWN AS **PRABHUDATTA LARENCE** FOR ALL FUTURE PURPOSES.

### AFFIDAVIT

By virtue of an affidavit sworn before Executive Magistrate, Barpali Dt.02/09/2025 Mantosh Singh, Address- of At- Dalaipali, Ps.- Barpali, Dist.- Bargarh (Odisha), Pin-768029, declare that I have changed my daughter name from **"Nirasha Dharua"** to **"Nirasha Singh"**, henceforth she shall be known as **"Nirasha Singh"** for all purpose.

Sd/-
Mantosh Singh

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, Dated. 09.09.2025, I Kabiraja Sahoo, S/o- Dayanidhi Sahoo, residing at Lunisara, PO : Sikrida, PS-Nuagaon, Dist : Nayagarh, Aadhar No. 4675 2035 5905, declare that I have changed my minor son's name from Hrudayanath Jena, S/o- Gokulananda Jena (Old name) to Hrudayanath Sahoo, S/o- Kabiraja Sahoo (New Name). Henceforth he shall be known as Hrudayanath Sahoo, S/o- Kabiraja Sahoo for all purposes.

**Sd/- Kabiraja Sahoo**
**Applicant Name**

### AFFIDAVIT

I, Shaikh Raunak Ahramusa, W/o-Mohammad Dilsad, resident of At-Gopa, Po-Aul, Ps-Aul, Dist-Kendrapara, Pin-754219, Odisha declare by this affidavit No-1767 Dtd.09.09.2025 that now onwards I shall be known as Raunak Ara for all future purposes.

### AFFIDAVIT

I, Mohammed Eradat Ali, S/o-Abdul Rahemat Khan, resident of At-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin-754208, Odisha declare by this affidavit No-1791 Dtd.07.09.2025 that now onwards I shall be known as Abdul Eradat Khan for all future purposes.

### AFFIDAVIT

I, Mohammed Riyasat Ali, S/o-Abdul Eradat Khan, resident of At- Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin-754208, Odisha declare by this affidavit No-1790 Dtd.07.09.2025 that now onwards I shall be known as Mahammad Riyasat Alli for all future purposes.

### AFFIDAVIT

By virtue of an affidavit sworn before the Notary Talcher, Dist-Angul, dated 26th August 2025 I, SUBHADRA NAHAK, Address AT-BALUNGA KHMAR, PO-KANDHAL, PS-TALCHER, DIST-ANGUL, ODISHA, 759100 declare that I have change the name from SUBHADRA BEHERA to SUBHADRA NAHAK. Henceforth, I shall be known as SUBHADRA NAHAK for all purpose.

**Sd/- SUBHADRA NAHAK**

### AFFIDAVIT

By virtue of an affidavit I Chandramani Nayak 46 Yrs., S/o Benudhar Nayak, At-Raj Pur, Po-Keradagoda, Ps-Rajnagar, Kendrapara change my son's name from Sibu Nayak to Sibam Nayak from his Aadhaar Card. Henceforth he will be known as Sibam Nayak in future.

### AFFIDAVIT

By virtue of an affidavit sworn before Executive Magistrate, Khaira, Balasore dated. 04.09.2025 I, Sasmita Parida, aged about 45 years. W/o- Gadadhar Parida of Vill-Sarat, Po- Guapal, Ps-Khaira, Dist- Balasore declare that in my Aadhar Card, Pan Card my name has been mentioned Sasmita Parida, D/o-Sambhunath Lenka, But in SBI Kupari Branch vide A/c. No. 30765668758 my name has been mentioned Sasmita Parida, W/o-Gadadhara Parida. In TC issued by Nahanga High School and RPLI vide Police No. R-OR--EA-545673 my name has been mentioned Aishorjya Rani Lenka, D/o-Sambhunath Lenka. Sasmita Parida, W/o- Gadadhar Parida and Aishorjya Rani Lenka, D/o-Sambhunath Lenka is one and same person.

**Sd/- Sasmita Parida**

### ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ. : ଏସବି-ଓଟି-ଇଏସ୍‌ଡବ୍ଲୁଡ଼-କେଜିପି ତାରିଖ : ୦୯.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୨.୦୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ଖଡ଼ଗପୁର ଡିଭିଜନରେ ଷ୍ଟେସନ ମାଷ୍ଟର ଏବଂ ନନ୍ ଇଣ୍ଟର ଲକିଂ ଏଲସି ଗେଟ୍ ମଧ୍ୟରେ ଭଏସ୍ ଲଗିଂ ସୁବିଧା ସିଷ୍ଟମର କେନ୍ଦ୍ରୀଭୂତ ରେକର୍ଡିଂ ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୨,୨୪,୫୪,୫୪୮.୮୩, ଇଏମଡି : ଟ. ୨,୬୨,୩୦୦/- । ଟେଣ୍ଡର ଡକୁମେଣ୍ଟ ମୂଲ୍ୟ : ଶୂନ୍ୟ । ଖୋଲା ତାରିଖ : ୦୬.୧୦.୨୦୨୫, ସମାପ୍ତି ସମୟ : ୦୯ ମାସ । ଦାଖଲ ତାରିଖ : ୦୬.୧୦.୨୦୨୫ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ୱେବସାଇଟ୍ www.ireps.gov.in ଦେଖି ପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ କରିବେ । ଏହି ସବୁ କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । (PR-613)


### OFFICE OF THE BLOCK DEVELOPMENT OFFICER
### LOISINGHA, BALANGIR

Email-ori-loisinga@nic.in

**INVITATION FOR BIDS THROUGH e-Procurement**

**TENDER CALL NOTICE NO-2/25-26/LSNG**

i-

**Invitation for Bids**

| | | | |
|---|---|---|---|
| 1. | The BLOCK DEVELOPMENT OFFICER LOISINGHA, BALANGIR, on behalf of Governor of Odisha, invites percentage rage bids in single cover system in ONLINE MODE only, for Construction of Building works detailed below. | | |
| 2. | Nature of work | : | Civil Works |
| 3. | No. of work | : | 7 Nos. |
| 4. | Bid Cost | : | Rs. 6,000 |
| 5. | Class of Contractor | : | "C & B" License |
| 6. | Availability of Bid Documents in the website | : | From 10.00 AM of 06.09.2025 to 5.00 PM of 23.09.2025 |
| 7. | Dated of Opening of Bid | : | Dt. 24.09.2025 at 11:00 AM. |
| 8. | The Bidders have to participate in ONLINE bidding only, Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR : 19245/11/0003/2526

Sd/- BLOCK DEVELOPMENT OFFICER, LOISINGHA, BALANGIR

### GOVT. OF ODISHA
### DEPARTMENT OF PANCHAYATI RAJ & DRINKING WATER
### OFFICE OF HE PANCHAYAT SAMITI, BARANGA, CUTTACK

Phone No. 0671-2870123/0671-2870434

I-307

Email ID-ori-baranga@nic.in

**'E' PROCUREMENT NOTICE NO : 3386 DATED. 09.09.2025**

| | | |
|---|---|---|
| 1. | Name of work | Construction of GPLF Building with Market Complex at different places of Baranga block (Kuranga Sasan & Belagachhia), Dist- Cuttack |
| 2. | No of works | 2 |
| 3. | Tender Cost | Varies from Rs. 22.31 lakhs to Rs. 22.69 lakhs approx. for each unit. |
| 4. | Class of Contractor | C & B |
| 5. | Period of completion | 8 Months. |
| 6. | Date and time of availability of Bid documents in the portal | 10.00 AM of 12.09.2025 to 5.00 PM of 25.09.2025 |
| 7. | Last date / Time for receipt of bids in the portal | Up to 5.00 PM of 25.09.2025 |
| 8. | Date and time of opening of bid | 11.30 AM on 26.09.2025 |
| 9. | Name and address of the Officer Inviting Bid | Block Development Officer, Baranga, O/O Panchayat Samiti Baranga, Cuttack |

Further details can be seen from the Govt. website : **www.tendersodisha.gov.in**

Sd/- Block Development Officer
Baranga

OIPR : 19290/11/0004/2526

### OFFICE OF THE PANCHAYAT SAMITI, PODIA

At/Po-PODIA
Dist : Malkangiri
PIN - 764047 (ODISHA)
E-mail - ori-podia@nic.in

No. 2446/VIII-01/2025 (Dev.) Dated. 10.09.2025

**CORRIGENDUM**

i-309

**TENDER CALL NOTICE No. 01/2025-26**

In continuation to this office, **Letter No. 2368, Dt. 06.09.2025** relating to Tender Call Notice No. 01/2025-26, the amount put to tender Column No.4 & EMD Column No.6 amount put against the projects are hereby rectified & the corrected amount put forth to be referred as follows :

| Sl. No. | Name of the G.P. | Name of the Work | Amount put to Tender (in Rs.) | Cost of Tender Paper (in Rs.) | E.M.D. (in Rs.) (1 %) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bapanpalli | Construction of GPLF Office Building With market Complex at Bapanpalli GP Mission Shakti, Govt. of Odisha | 23,35,647.00 | 6,000/- | 23,356/- | 6 (Six) months | "C & B" |
| 2 | Naliguda | Construction of GPLF Office Building With market Complex at Niliguda GP Mission Shakti, Govt. of Odisha | 23,32,011.00 | 6,000/- | 23,320/- | 6 (Six) months | "C & B" |
| 3 | Similibancha | Construction of(200 Seated) Kalyan Mandap Building at Similibancha | 61,42,751.00 | 6,000/- | 61,427/- | 6 (Six) months | "C & B" |
| 4 | Girkanpalli | Construction of new LAC Building at Girkanpalli Village | 16,46,992.00 | 6,000/- | 16,469/- | 6 (Six) months | "C & B" |
| 5 | Bapanpalli | Construction of Additional Class Room Building at Bapanpalli UPS (KGBV) | 13,75,685.00 | 6,000/- | 13,756/- | 6 (Six) months | "C & B" |
| 6 | Kaldapalli | Construction of Additional Class Room Building at Kaldapalli UGHS | 14,62,532.00 | 6,000/- | 14,625/- | 6 (Six) months | "C & B" |
| 7 | Podia | Construction of 2 (two) nos of Additional Class Room Building at Block Colony PUPS, Podia | 26,18,953.00 | 6,000/- | 26,189/- | 6 (Six) months | "C & B" |

Sd/- Block Development Officer
Podia

OIPR : 19388/11/0011/2526

### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁରୁଣ୍ଡିଆ
### OFFICE OF THE PANCHAYAT SAMITI, GURUNDIA

(At/P.O- Gurundia, Pin-770038, Dist- Sundargarh

i-305

ପତ୍ର ସଂଖ୍ୟା ୨୧୧୮/ ତା. ୮/୯/୨୦୨୫

**ବିଜ୍ଞାପନ**

ଏତଦ୍ୱାରା ଗୁରୁଣ୍ଡିଆ ପଞ୍ଚାୟତ ସମିତି ଅନ୍ତର୍ଗତ ତାମଡା ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁରପିତାକନା ପାଇଁ ଜଣେ "ଯୋଗାଣ ସହାୟକ" ନିଯୁକ୍ତ କରାଯିବ । ଏଣୁ ତାମଡା ପଞ୍ଚାୟତ ସମିତି ଅନ୍ତର୍ଗତ ତାମଡା ଗ୍ରାମପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥିନୀ/ପ୍ରାର୍ଥୀ ମାନଙ୍କ ଠାରୁ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

**ଆବେଦନକାରୀଙ୍କ ଯୋଗ୍ୟତା :**

୧. ପ୍ରାର୍ଥୀ ସଂପୃକ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୨. ପ୍ରାର୍ଥୀ ଅତି କମ୍‌ରେ ଦଶମ (10th ପାସ୍) ହୋଇଥିବା ଆବଶ୍ୟକ ।
୩. ପ୍ରାର୍ଥୀଙ୍କର ୦୧/୦୯/୨୦୨୫ ରିଖ ସୁଦ୍ଧା ୨୧ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।

**ଚୟନ ପଦ୍ଧତି :**

ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, +୩ ପରୀକ୍ଷାରେ ଉପଲବ୍ଧ ପାସ୍ ନମ୍ବରର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମ ତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନ ରେ ଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ । ଯେଉଁଥିରେ ମାଟ୍ରିକ୍ ପାଇଁ ୩୦%, +୨ ପାଇଁ ୩୦% ଏବଂ +୩ ନିମନ୍ତେ ୪୦% ହିସାବରେ ଗଣନା କରାଯିବ । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଜିଲ୍ଲାପାଳ କିମ୍ବା ତାଙ୍କ ପ୍ରାଧିକୃତ ଅଧିକାରୀଙ୍କୁ ନିକଟକୁ ଉକ୍ତ ନାମ ତାଲିକାକୁ ଚୂଡାନ୍ତ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ ।

**ପାରିଶ୍ରମିକ :**

ନିଯୁକ୍ତ ପ୍ରାର୍ଥୀ (ଯୋଗାଣ ସହାୟକ) ମାସିକ ଟ. ୮,୦୦୦/- (ଆଠ ହଜାର ଟଙ୍କା) ମାସିକ ପାରିଶ୍ରମିକ ପାଇବେ ।

**ଆବେଦନ ପତ୍ର ଗ୍ରହଣ ଶେଷ ତାରିଖ :**

ନିମ୍ନ ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନ ପତ୍ର ତା. ୧୦.୧୦.୨୦୨୫ ରିଖ ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁରୁଣ୍ଡିଆଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି/ଶୀଘ୍ର ଡାକ (Registered/Speed Post) ଯୋଗେ ପହଞ୍ଚିବା ଆବଶ୍ୟକ । ଉକ୍ତ ତାରିଖ ପରେ ପ୍ରାପ୍ତ ହୋଇଥିବା ଆବେଦନପତ୍ର ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର :**

ଆବେଦନକାରୀମାନେ ଆବେଦନ ପତ୍ର ସହିତ ନିମ୍ନ ଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ ଗେଜେଟେଡ୍ ଅଧିକାରୀଙ୍କ ଠାରୁ ଅନୁପ୍ରମାଣିତ (ଆଟେଷ୍ଟେଡ୍) କରି ନିଜର ଦସ୍ତଖତ ସହ ଦାଖଲ କରିବେ ।

୧. ମାଟ୍ରିକ୍ୟୁଲେସନ, +୨ ଓ +୩ ପରୀକ୍ଷାରେ ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଓ ମାର୍କସିଟ୍ ।
୨. ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ (ବିଗତ ୦୬ ମାସ ମଧ୍ୟରେ ଚାକିରୀ ପାଇଁ ଉଦ୍ଦିଷ୍ଟ) ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।
୩. ଦୁଇଗୋଟି (୨) ପାସପୋର୍ଟ ସାଇଜ୍ ଫଟୋଗ୍ରାଫ ।
୪. ନିଜ ଠିକଣା ଉଲ୍ଲେଖ ଥିବା ଓ ପ୍ରତ୍ୟେକରେ ୩୦ ଟଙ୍କା ଲେଖାଏଁ ଡାକଟିକେଟ ଲାଗିଥିବା ଦୁଇଗୋଟି (୨) ୨୫ ସେ.ମି x ୧୨ ସେ.ମି ସାଇଜର ଲଫାପା ।

ଦରଖାସ୍ତ ଫର୍ମ ଓ ତତ୍ ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ "ତାମଡା ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର" ତାହା ଉଲ୍ଲେଖ ଥିବା ଆବଶ୍ୟକ ।

**ସର୍ତ୍ତାବଳୀ :**

୧. ଯୋଗାଣ ସହାୟକ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ । ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ କିମ୍ବା ଅଦାଲତର ବ୍ୟବସ୍ଥାକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।
୨. ସ୍ୱାକ୍ଷରକାରୀଙ୍କ ଠାରେ ଆବେଦନକାରୀଙ୍କ ଆବେଦନପତ୍ର କିମ୍ବା ତାଙ୍କର ଚୟନ ପ୍ରକ୍ରିୟା ଓ ନିଯୁକ୍ତିକୁ ବିନା ସର୍ତ୍ତରେ କୌଣସି କାରଣ ନଦର୍ଶାଇ ଖାରଜ କିମ୍ବା ରଦ କରିବା କ୍ଷମତା ନ୍ୟସ୍ତ ରହିଛି ।

ବି.ଦ୍ର. : ଏହି ବିଜ୍ଞାପନ ତଥା ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ (**www.sundargarh.odisha.gov.in**) ରେ ମଧ୍ୟ ଉପଲବ୍ଧ ।

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

OIPR : 19362/11/0006/2526

### ROURKELA DEVELOPMENT AUTHORITY
### UDITNAGAR; ROURKELA-769012,

No. 2382 / RDA., dated 8/9/25

CAD-1731

**PROCLAMATION**

It is hereby informed to the General public that, Sri Rama Chandra Sahoo, S/o Late Radhkanti Sahoo, & Nirupama Sahoo, daughter in law Late Radhakanti Sahoo, have applied for mutation of House No. L/99, under CHP-I, Chhend , in their favour consequent upon death of his/her Mother & mother in law Late Radhakanti Sahoo. Anybody has got objection to the proposed mutation, he/she may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13250/11/0100/2526

### ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751007, Tel : 2545586 / 2545852, email : serifedodisha@gmail.com, Website : www.serifedodisha.in

CAD-1716

**TENDER CALL NOTICE**

**BID IDENTIFICATION NO : VI-10(09)/SERIFED/2025-26/1136/DT. 10.09.25**

The MANAGIND DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work in Khordha district. The bid documents such as DTCN/BOQ etc. can be seen/ downloaded from the website : **www.sidacodisha.org.in** during the period dt. 12.09.2025 to 5.00 PM up to 18.09.2025. Tender shall be received till 5.00 PM on 18.09.2025 & shall be opened at 11.30 AM on 19.09.2025. Any addendum / corrigendum / cancellation of tender can also be seen in the said website.

OIPR : 31005/11/0016/2526

Sd/- MANAGING DIRECTOR

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୭୨୮୧/ଭୁ.ଉ.କ., ଭୁବନେଶ୍ୱର ତା.୦୪.୦୯.୨୦୨୫ ରିଖ
CPM-I-1217/84

CAD- 1726

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-**MIG-I-G-12/1**କୁ ମିସ୍ ପ୍ରମିଳା ତ୍ରିପାଠୀ, ପିତା- ସ୍ୱର୍ଗତ ମହାଦେବ ତ୍ରିପାଠୀ, ଗ୍ରାମ/ପୋଷ୍ଟ-ପାଟକିପଙ୍କ, ଥାନା-ପାଟକୁରା, ଜିଲ୍ଲା- କେନ୍ଦ୍ରାପଡା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ ମିସ୍ ପ୍ରମିଳା ତ୍ରିପାଠୀ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଲକ୍ଷ୍ମୀ ପ୍ରିୟା ଶଡଙ୍ଗୀ, ସ୍ୱାମୀ-ଦେବାଶିଷ ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ-ଚାରିଗଡିଆ, ଥାନା- ସାଲେପୁର, ଜିଲ୍ଲା-କଟକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଉପଆୟୁକ୍ତ (ମାହାଲ-୨)
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13033/11/0367/2526

# ୬ଲକ୍ଷ ଟଙ୍କା ନେଇ କାର୍ ନଦେବାରୁ ଦୁଇ ମହିଳାଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, (ସବ୍ୟ) : କାର୍ ଦେବା ପ୍ରତିଶ୍ରୁତିରେ ବିଭିନ୍ନ ପର୍ଯ୍ୟାୟରେ ତନ୍ମୟ କୁମାର ଶତପଥୀଙ୍କ ଠାରୁ ୬ଲକ୍ଷ ଟଙ୍କା ନେଇ କାର୍ ଦେଲେନି । ଦିନ ପରେ ଦିନ ଗଡାଇ ଚାଲିଲେ । ଉପାୟଶୂନ୍ୟ ହୋଇ ତନ୍ମୟ ନୟାପଲ୍ଲୀ ଥାନାରେ ଅଭିଯୋଗ କଲେ । ଅଭିଯୋଗ ଆଧାରରେ ପୋଲିସ ଦୁଇ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି ।
ତନ୍ମୟ ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜ ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତମାନେ ସମ୍ପର୍କବିହାରସ୍ଥିତ ପ୍ଲଟ୍ ନଂ-୫୧୯ରେ ଥିବା ମଲ୍ଲିକ କମ୍ପ୍ଲେକ୍ସ ମା'ପାଠଖଣ୍ଡ ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମରେ ସେକେଣ୍ଡହ୍ୟାଣ୍ଡ କାର୍ ବ୍ୟବସାୟ ସଂସ୍ଥା କରିଛନ୍ତି । ଅଭିଯୁକ୍ତ ସଙ୍ଗୀତା ବାରିକ ନିଜକୁ ସେହି ସଂସ୍ଥାର ସେଲ୍ସ ମ୍ୟାନେଜର ପରିଚୟ ଦେଇଥିଲା । ଭଲ କଣ୍ଡିସନରେ ଥିବା ସେକେଣ୍ଡ ହ୍ୟାଣ୍ଡ ହୁଣ୍ଡାଇ କେଟା କାର୍ କମ୍ ମୂଲ୍ୟରେ କିଣିବା ପାଇଁ ଅଭିଯୋଗକାରୀ ତନ୍ମୟ କୁମାର ଶତପଥୀଙ୍କୁ ପ୍ରବର୍ତ୍ତାଇ ଥିଲା । ଅଭିଯୋଗକାରୀ ତା'ପ୍ରସ୍ତାବରେ ସମ୍ମତି ଜଣାଇବା ପରେ ଉଷାରାଣୀ ବାରିକ ନାମକ ଅନ୍ୟ ଜଣେ ଅଭିଯୁକ୍ତାଙ୍କୁ ଭିନ୍ନ ଭିନ୍ନ ମାଧ୍ୟମରେ ବିଭିନ୍ନ ତାରିଖରେ ୪ଲକ୍ଷ ୫୦ ହଜାର ଟଙ୍କା ଦେଇଛନ୍ତି ।
ସେହିପରି ଅଭିଯୁକ୍ତ ସଙ୍ଗୀତା ବାରିକ ଏବଂ ଉଷାରାଣୀ ବାରିକଙ୍କ ଉପସ୍ଥିତିରେ ଅନ୍ୟ ଜଣେ ଅଭିଯୁକ୍ତ ଅକ୍ଷୟ କୁମାର ଗୌଡକୁ ଦେଢଲକ୍ଷ ଟଙ୍କା ନଗଦ ଆକାରରେ ଦେଇଥିଲେ । ଅଭିଯୋଗକାରୀ କାର୍‌ର ଧାର୍ଯ୍ୟମୂଲ୍ୟ ୬ଲକ୍ଷ ଟଙ୍କା ଦେଇସାରିଥିଲେ ମଧ୍ୟ ସେମାନେ କାର୍ ଦେବା ଲାଗି ଏକ ମାସ ସମୟ ନେଇଥିଲେ । ନିର୍ଦ୍ଧାରିତ ସମୟ ଅତିବାହିତ ହେବା ପରେ ସେମାନେ କାହାକୁ ଦେଲେନାହିଁ କିମ୍ବା ନେଇଥିବା ଟଙ୍କା ତନ୍ମୟଙ୍କୁ ଫେରାଇଲେ ନାହିଁ । ସେ ଥାନାରେ ଏତଲା କରିବା ପରେ ପୋଲିସ ଅକ୍ଷୟ କୁମାର ଗୌଡ (୩୯), ଉଷାରାଣୀ ବାରିକ (୩୮) ଓ ସଙ୍ଗୀତା ବାରିକ (୨୯)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଅକ୍ଷୟ ନାରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ଟି ମାମଲା ଥିବାବେଳେ ଉଷାରାଣୀ ନାରେ ୧୬ଟି ଓ ସଙ୍ଗୀତା ନାରେ ୫ଟି ଅପରାଧିକ ମାମଲା ଥିବା ପୋଲିସ କହିଛି ।

# କିଭଳି ସ୍ୱାସ୍ଥ୍ୟ ବୀମା କରୁଛନ୍ତି ବରିଷ୍ଠ ନାଗରିକ

ଭୁବନେଶ୍ୱର : ପଲିସୀବଜାର ତଥ ଅନୁଯାୟୀ ମହାମାରୀ ପରବର୍ତ୍ତୀ ସମୟରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ବୀମା ଗ୍ରହଣୀୟତା ପ୍ରାୟ ୫୦-୬୦% ସିଏଜିଆରରେ ବୃଦ୍ଧିପାଇଛି । ୧୦ଟି ସ୍ୱାସ୍ଥ୍ୟ ବୀମା ପଲିସୀ ମଧ୍ୟରୁ ପ୍ରାୟ ୬ଟି ୬୦-୬୫ ବର୍ଷ ବୟସ୍କ ବ୍ୟକ୍ତି କ୍ରୟ କରୁଛନ୍ତି ଏବଂ ସଚେତନତା ଓ ସ୍ୱାସ୍ଥ୍ୟ ଆପଦ ବୃଦ୍ଧି କାରଣରୁ ୬୬-୭୦ ବର୍ଷ ବୟସ ବର୍ଗରେ ଲଗାତର ବୃଦ୍ଧି ସହିତ ଏହି ବୟସ ବର୍ଗ କେବଳ ସମସ୍ତ ସ୍ୱାସ୍ଥ୍ୟ ବୀମା କ୍ରୟ କ୍ଷେତ୍ରରେ ୫୭% ରହିଛନ୍ତି । ସିଦ୍ଧାର୍ଥ ସିଂଘଲ, ବିଜିନେସ ହେଡ-ହେଲଥ ଇନସୁରାନ୍ସ, ପଲିସୀବଜାର ଡଟ କମ କହିଥିଲେ, ଭାରତର ବରିଷ୍ଠ ନାଗରିକଗଣ ସ୍ୱାସ୍ଥ୍ୟ ବୀମାର କିଭଳି ନିକଟର୍ବୀ ହେଉଛନ୍ତି ସେଥିରେ ଆମେ ଉଲ୍ଲେଖନୀୟ ସ୍ଥାନାନ୍ତରଣ ଦେଖିବାକୁ ପାଉଛୁ । ସମ୍ପ୍ରତି ବରିଷ୍ଠ ନାଗରିକମାନେ ଶୀଘ୍ର ବୀମା କରାଉଛନ୍ତି ଏବଂ ସେମାନେ ଅଧିକ ଅଙ୍କର ବୀମା କରାଇବା ସହିତ ସ୍ମାର୍ଟ ପସନ୍ଦ କରୁଛନ୍ତି । ତଥ୍ୟରୁ ଜଣାଯାଇଛି ଯେ, ୬୦ରୁ ୬୫ ବର୍ଷର ବୟସ ବର୍ଗରେ ପ୍ରତି ୧୦ ଜଣଙ୍କ ମଧ୍ୟରେ ପ୍ରାୟ ୬ ଜଣ ପଲିସୀ କ୍ରୟ କରୁଛନ୍ତି । ଗତ ମାତ୍ର ତିନିବର୍ଷ ମଧ୍ୟରେ ସୁପର ଟପ-ଅପ ସଂଖ୍ୟା ଦ୍ୱିଗୁଣିତ ହୋଇଛି । ଏଥିସହିତ ସମ୍ପ୍ରତି ୪୦%ରୁ ଅଧିକ ପୂର୍ବରୁ ରହିଥିବା ରୋଗଗୁଡିକ ନିମନ୍ତେ ଡେ-୧ କଭରେଜ ଚାହୁଁଛନ୍ତି । ବରିଷ୍ଠ ନାଗରିକମାନେ ଅଧିକ ଭଲ ମୂଲ୍ୟ ଏବଂ ଫାଇଦା ଆବଶକ କରୁଥିବାରୁ ପୋର୍ଟେବିଲିଟିରେ ମଧ ୬୦%ରୁ ଅଧିକ ବୃଦ୍ଧି ଘଟିଛି ।
ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୧୫-୨୦% ସେମାନଙ୍କ ପ୍ରିମିୟମକୁ ସୁଲଭ କରିବା ପାଇଁ ୨-୩ ଲକ୍ଷ ଟଙ୍କା ମଧ୍ୟରେ ଡିଡକଫିବଲକୁ ପସନ୍ଦ କରୁଛନ୍ତି । ୩ ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରାୟ ଜଣେ ସମ୍ପ୍ରତି ସୁପର ଟପ-ଅପକୁ ବାଛୁଛନ୍ତି । ଏହି ଗ୍ରହଣୀୟତା ୨୦୨୨ରେ ୧୭% ଥିବାବେଳେ ୨୦୨୪ରେ ତାହା ୩୧%କୁ ବୃଦ୍ଧିପାଇଛି ଏବଂ ଏହା ବରିଷ୍ଠ ନାଗରିକମାନେ ପ୍ରଶସ୍ତ କଭରେଜକୁ ଅଧିକ ପ୍ରିମିୟମ ବିନା ଦେୟରେ ପସନ୍ଦ କରୁଥିବା ପ୍ରଦର୍ଶନ କରୁଛି । ପ୍ରାୟ ୧୨% ବରିଷ୍ଠ ନାଗରିକ ନବୀକରଣ ସମୟରେ ମିଳିତ-ଦେୟ ପ୍ଲାନକୁ ରୂପାନ୍ତରିତ ହେଉଛି । ଆର୍ଥିକ ବର୍ଷ' ୨୩ରେ ଏହା ୧୮% ଥିବାବେଳେ ଆର୍ଥିକ ବର୍ଷ'୨୫ରେ ୨୯%କୁ ବୃଦ୍ଧିପାଇଛି । ଏହି ତୀଖ ଅଭିବୃଦ୍ଧିରୁ ପ୍ରଦର୍ଶିତ ହେଉଛି ଯେ ଅଧିକ ସଂଖକ ବରିଷ୍ଠ ନାଗରିକ ଉମ କଭରେଜ ପାଇବା, ସମର୍ଥନ ଲାଭ କରିବା ଏବଂ ପ୍ରିମିୟମ ବୃଦ୍ଧିକୁ ଏଡାଇବା ନିମନ୍ତେ ବୀମାକାରୀ ପରିର୍ବନ କରୁଛନ୍ତି । ପ୍ରତି ୧୦ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରେ ୪ଜଣ ପୂର୍ବରୁ ରହିଥିବା ରୋଗଗୁଡିକ ପାଇଁ ଡେ-୧ କଭରେଜ ଚାହୁଁଛନ୍ତି ଏବଂ ଦୀର୍ଘ ପ୍ରତୀକ୍ଷା ସମୟ ବତୀତ ସୁରକ୍ଷା ପାଇବା ସେମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେହି ବିଷୟକୁ ଏହା ଦର୍ଶାଉଛି । ବରିଷ୍ଠ ମହିଳାମାନେ ସମ୍ପ୍ରତି ଚାଲିଥିବା ଡାକ୍ତରୀ ପରାମର୍ଶ ଏବଂ ଚିକିତ୍ସା ନିମନ୍ତେ ଓପିଡି କଭର ସାମିଲ କରିବାକୁ ପସନ୍ଦ କରୁଛନ୍ତି । ସେମାନେ ମଧ ବାର୍ଷିକ ସ୍ୱାସ୍ଥ୍ୟ -ପରୀକ୍ଷା ଏବଂ ଟେଲିକମ ପରାମର୍ଶ ଭଳି କଲାଣମୂଳକ ଫାଇଦା ଆଡକୁ ଢଳୁଛନ୍ତି । ଅନପକ୍ଷରେ ବରିଷ୍ଠ ପୁରୁଷମାନେ ଗୁରୁତର ଏବଂ ବୟବହୁଳ ଚିକିତ୍ସା ନିମନ୍ତେ ଜଟିଳ ଅସୁସ୍ଥତା ଆଡଅନଗୁଡିକୁ ପସନ୍ଦ କରୁଛନ୍ତି । ହୃତପିଣ୍ଡ ଅବସ୍ଥା, ଖଞ୍ଜା ପ୍ରତିରୋପଣ, କର୍କଟ ରୋଗ ଚିକିତ୍ସା ଏବଂ ଡାଏଲିସିସ ଆଦି ବରିଷ୍ଠ ନାଗରିକଙ୍କ ଦାବି ନିମନ୍ତେ ଶୀର୍ଷ କାରଣଗୁଡିକ ହୋଇଛି । ପ୍ରାୟ ୭୫% ଦାବି ହସପିଟାଲରେ ଭର୍ତ୍ତି ସମ୍ପର୍କିତ ହୋଇଥିବାବେଳେ ନିଦାନ, ଓପିଡି ଗସ୍ତ (୧୫%) ଏବଂ ଔଷଧ (୧୦%) ଅବଶିଷ୍ଟ ଦାବି ସମ୍ପର୍କିତ ଅଟେ । ପ୍ରତି ୧୦ ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୭ ଜଣ ନଗଦ ଅର୍ଥ ବିହୀନ ଦାବି ସମାଧାନ ଚାହୁଁଥିବାବେଳେ ୩ ଜଣ ଖର୍ଚ୍ଚ ଭରଣା ପନ୍ଥା ଏବେ ମଧ ଅନୁସରଣ କରୁଛନ୍ତି ।

# ବାଣୀବିହାର ଭିସି ଅଫିସ୍ ସାମ୍ନାରେ ଛାତ୍ରଛାତ୍ରୀଙ୍କ ଧାରଣା

ଭୁବନେଶ୍ୱର, (ସବ୍ୟ) : ବାଣୀବିହାରରେ ୩/୪ଦିନ ହେବ ଉତ୍ତେଜନା ଲାଗି ରହିଛି । ପୋଲିସ ସହାୟତାରେ ହଷ୍ଟେଲରୁ ଅଣଛାତ୍ରଙ୍କୁ ବାହାର କରାଯିବା ପରେ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକୁଛି । ଭଡାରେ ଲାଗିଥିବା କ୍ୱାର୍ଟର୍ସ ଫାଙ୍କା କରିବା ଓ କ୍ୟାମ୍ପସରୁ ବସ୍ତି ଉଚ୍ଛେଦ କରିବା ଦାବିରେ ମଙ୍ଗଳବାର ଭିସିଙ୍କୁ ଛାତ୍ରଛାତ୍ରୀମାନେ ଘେରିଥିବା ବେଳେ ବୁଧବାର ସେହି ଦାବିରେ ଧାରଣାରେ ବସିଛନ୍ତି ।
ମଙ୍ଗଳବାର ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭିସି କହିଥିଲେ ଯେ, ବୁଧବାର ୪ଟା ସୁଦ୍ଧା ଭଡା ଲାଗିଥିବା କ୍ୱାର୍ଟର୍ସ ଫାଙ୍କା ହେବ । ଏହା କାର୍ଯ୍ୟକାରୀ ନହେବାରୁ କେତେକ ଛାତ୍ରଛାତ୍ରୀ ଭିସି ଅଫିସ୍ ସାମ୍ନାରେ ଧାରଣାରେ ବସି ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ଦାବି କରିଥିଲେ । କେତେଦିନ ମଧ୍ୟରେ ଆମ ଦାବି ପୂରଣ ହେବ ତାହା କର୍ତ୍ତୃପକ୍ଷ ଆମକୁ ଲେଖିଦିଅନ୍ତୁ ବୋଲି ପ୍ଲାକାର୍ଡ ଧରି ଧାରଣାରେ ବସିଥିବା ଛାତ୍ରଛାତ୍ରୀ ଦାବି କରିଛନ୍ତି । ଭଡାରେ ଲାଗିଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କ୍ୱାର୍ଟର୍ସ ଫାଙ୍କା କରିବା ସହଜ କଥା ନୁହେଁ । ତାଙ୍କୁ ନୋଟିସ୍ କରାଯାଇଛି ଛାଡିବା ପାଇଁ ।
ନୋଟିସ୍ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଭଡା ଲାଗିଥିବା କ୍ୱାର୍ଟର୍ସ ଫାଙ୍କା ନହେଲେ ପୋଲିସ ସହାୟତା ନିଆଯିବ ବୋଲି ଖବର ମିଳିଛି । ପୋଲିସ କହିବାନୁଯାୟୀ କର୍ତ୍ତୃପକ୍ଷ ନୋଟିସ୍ କରିଛନ୍ତି, ଯେଉଁ କର୍ମଚାରୀଙ୍କୁ କ୍ୱାର୍ଟର୍ସ ଆଲର୍ଟ ହୋଇଛି । ଯଦି ନୋଟିସ୍ ଅନୁଯାୟୀ କାର୍ଯ୍ୟକାରୀ ନହୁଏ, ତେବେ ଆମେ କର୍ତ୍ତୃପକ୍ଷଙ୍କୁ ଅଣଛାତ୍ରଙ୍କୁ ହଟାଇବା ଭଳି ସହାୟତା କରିବୁ । ଏତ କଲା ଭଡା ଲାଗିଥିବା କ୍ୱାର୍ଟର୍ସ କଥା । କ୍ୟାମ୍ପସରେ ଜୋରଜବରଦସ୍ତ ବସ୍ତି କରି କେଉଁ ଯୁଗରୁ ରହିଆସୁଥିବା ଲୋକମାନଙ୍କୁ କର୍ତ୍ତୃପକ୍ଷ କିପରି ଫାଙ୍କା କରିବେ ବାଟ ପାଉନାହାନ୍ତି । କାରଣ ସେମାନଙ୍କର ସେହିଠାରେ ଆଧାର ଓ ଫଟୋ ପରିଚୟପତ୍ର, ପ୍ୟାନ୍‌କାର୍ଡ ପ୍ରଭୃତି ରହିଛି । ସେମାନଙ୍କୁ ବସ୍ତି ଉଚ୍ଛେଦ ପାଇଁ କର୍ତ୍ତୃପକ୍ଷ ସ୍ୱତନ୍ତ୍ର କୌଶଳ ପ୍ରୟୋଗ କରିବା ପାଇଁ ଚିନ୍ତା କରୁଛନ୍ତି । ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଯେଉଁ ଲିଖିତ ଦାବି କରୁଛନ୍ତି, ବସ୍ତି କ୍ଷେତ୍ରରେ ତାହା ସମ୍ଭବ ନୁହେଁ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଛି ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ

# କଣ୍ଢେଇ ନାଚ, ଚିତ୍ରାଙ୍କନ ଓ ଝୋଟି ମୁରୁଜରେ ସଚେତନତା

କଟକ, (ସ୍ୱପ୍ର): ଏକ ସୁସ୍ଥ ଜୀବନଶୈଳୀ ବଞ୍ଚିବାକୁ ହେଲେ ମଣିଷକୁ ପ୍ରଥମେ ଆବଶ୍ୟକ ସନ୍ତୁଳିତ ଆହାର ଆବଶ୍ୟକ । ଏଥିରେ ସୂକ୍ଷ୍ମ ପୋଷକ ତ‰ ଏବଂ ସମସ୍ତ ପ୍ରକାର ଆବଶ୍ୟକ ଭିଟାମିନ୍ । ଏହି ଅବସରରେ କୃଷି ବିଭାଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କଣ୍ଢେଇ ନୃତ୍ୟ, ଲୋକନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ଚିତ୍ରାଙ୍କନ ଓ ଝୋଟି ମୁରୁଜ ଅଙ୍କନ ଜରିଆରେ ପୋଷଣ ଉପରେ ସଚେତନତା ସୃଷ୍ଟି



ରହିବା ବାଞ୍ଛନୀୟ । ସ୍ଥାନୀୟ ନରାଜ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୫ ଉପଲକ୍ଷେ ଆୟୋଜିତ ଏକ ଦିନିକିଆ ଜାତୀୟ କର୍ମଶାଳାରେ ମତ ପ୍ରକାଶ ପାଇଛି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର ଡାଏଟିସିଆନ୍ ଅନୁପମା ସାମଲ ପୋଷଣ ଓ ସ୍ୱାସ୍ଥ୍ୟକୁ ନେଇ ନିଜ ବକ୍ତବ୍ୟରେ ସନ୍ତୁଳିତ ଆହାର, ସୂକ୍ଷ୍ମ ପୋଷକତ‰ ଓ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ମନୁଷ୍ୟର ଆବଶ୍ୟକ ହେଉଥିବା ଭିଟାମିନ୍ ପରିପୂରକ ଉପରେ ଆଲୋକପାତ କରିଥିଲେ । ଏଥିସହ ଶିଶୁ ମେଦବହୁଳତା ଓ ଏହାର ହ୍ରାସ ଉପରେ ମଧ୍ୟ ଆଲୋଚନା କରିଥିଲେ । ବିଭାଗୀୟ ଡିନ୍ ପ୍ରଫେସର ଏସ୍. କୁମାର ସ୍ୱାମୀ ପୋଷଣକୁ କୃଷି, ଉତ୍ପାଦନ ଓ ସାମାଜିକ ସୁସ୍ଥତା ସହ ଯୋଡ଼ିଥିଲେ କରାଯାଇଥିଲା । କର୍ମଶାଳାଟିକୁ ସଫଳ କରିବାକୁ ସହକାରୀ ପ୍ରାଧ୍ୟାପକ ମିସ୍ ଚିନ୍ମୟୀ ପଟ୍ଟନାୟକ, ଡା. କୃଷ୍ଣମିଶ୍ର, ଡା. ରଞ୍ଜନା ଆଚାର୍ଯ୍ୟ ଓ ମିସ୍ ଅନ୍ୱେଷା ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ବୈଷୟିକ ଟିମ୍ ସଦସ୍ୟମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରୀତି ମହାନ୍ତି ଏକ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ । ଲୋକକଳା ମାଧ୍ୟମରେ ପୋଷଣ ସଚେତନତାର ଏହିପରି ସଫଳ ଉପସ୍ଥାପନ କରିଥିବାରୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, ବିଭାଗୀୟ ଡିନ୍ ଏସ୍. କୁମାର ସ୍ୱାମୀ ପ୍ରମୁଖ ଆୟୋଜକମାନଙ୍କର ପ୍ରଶଂସା କରିଥିଲେ ।

# ମାତୃ ଭବନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ

ଭୁବନେଶ୍ୱର, (ସବ୍ୟ) :କୋଲକାତା ରାମକୃଷ୍ଣ ସାରଦା ମିଶନ୍, ମାତୃ ଭବନ ପକ୍ଷରୁ ଇନଫୋସିସ୍ ଫାଉଣ୍ଡେସନର ସହାୟତାରେ ଟାଲିଗଂଜ ପ୍ରିନସ୍ ଆନୱାର ଶାହା ରୋଡ଼ସ୍ଥିତ ଶ୍ରୀ ରାମକୃଷ୍ଣ ପାଠଚକ୍ର ଇନ୍ଦ୍ର ଇନ୍ଦ୍ରାଣୀ ପାର୍କପରିସରେ ଶିଶୁ, ମହିଳା ଓ ଚକ୍ଷୁ ରୋଗର ଡାକ୍ତରମାନେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କରିଥିଲେ ।




# ଜିନ୍ଦଲ ଷ୍ଟେନଲେସର ଲକ୍ଷ୍ମୀ ମୁର୍ମୁଙ୍କୁ ଆଇଏସ୍ ଏଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫

ଭୁବନେଶ୍ୱର, (ସବ୍ୟ) : ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍ (ଆଇଏସଏ) ପକ୍ଷରୁ ଜିନ୍ଦଲ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ କନକ୍ଲେଭର ଷଷ୍ଠ ସଂସ୍କରଣ ଉଦଘାଟନୀ ଅଧିବେଶନରେ କେନ୍ଦ୍ରଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଲକ୍ଷ୍ମୀମୁର୍ମୁ ଗତ ସାତ ବର୍ଷ ଧରି ଭାରତର ସର୍ବବୃହତ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ କାମ କରୁଛନ୍ତି। ତାଙ୍କର ଦୃଢ଼ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁଁ ସେ ଏକ୍ସକାଭେଟର, ଜେସିବି, କ୍ରେନ ଏବଂ ଫୋର୍କ ଲିଫ୍ଟ ଭଳି ଭାରୀଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି । ଯେଉଁଥିରେ ଉତ୍ପାଦନ ଶିଳ୍ପରେ ମହିଳାମାନଙ୍କୁ ଏଭଳି ସୁଯୋଗବହୁତ କମ୍ ମିଳେ ।



# ବର୍ଣ୍ଣବୋଧ ପାଠଶାଳାରେ ଶିଶୁଙ୍କୁ ନେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟ) : ବୁଧବାର ଯଶୋଦା ମା ଫାଉଣ୍ଡେସନ ତରଫରୁ ସୀତାନାଥ ନଗରରେ ୫ ଟି ବର୍ଣ୍ଣବୋଧ ପାଠଶାଳାର ପିଲା ମାନଙ୍କୁ ନେଇ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖିକା, ଗାଳ୍ପିକା,କବୟିତ୍ରୀ ତଥା ସମାଜସେବୀ ଶ୍ରୀମତୀ ବନ୍ଦନା ପଣ୍ଡା ଯୋଗ ଦେଇ ଗୁରୁ ଦିବସର ମହନୀୟତା ସମ୍ପର୍କରେ ପିଲା ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଥମେ ଜନନାୟକ, ମହାନ୍ ଦାର୍ଶନିକ, ବିଶିଷ୍ଟ ଶିକ୍ଷାବିତ୍, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ପରେ ପିଲା ମାନେ ଗୁରୁ ଦିବସ ସମ୍ପର୍କରେ ଅଭିଭାଷଣ ଦେବା ସହ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ଆକର୍ଷିତ କରିଥିଲେ। ସାମାଜିକ କର୍ମୀ ତଥା କବି ପ୍ରତ୍ୟୁଷ ଭଞ୍ଜ ମଞ୍ଚ ପରିଚାଳନା କରିଥିବା ବେଳେ ଯଶୋଦା ମା ଫାଉଣ୍ଡେସନ ର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ନିବେଦିତା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ବର୍ଣ୍ଣବୋଧ ପାଠଶାଳାର ଗୁରୁମା ମାନଙ୍କୁ ଶାଢ଼ୀ ଉପହାର ଦେଇ ସମ୍ମାନୀତ କରାଯିବା ସହ ସବୁ ପିଲା ମାନଙ୍କୁ ସାଧାରଣ ଜ୍ଞାନ ବହି, କଲମ ଓ ଜଳଖିଆ ପ୍ୟାକେଟ ବଣ୍ଟନ କରାଯାଇଥିଲା।



# ଆଇପିଆର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟ) :- ଏମଏସଏମଇ-ଡିଏଫଓ, କଟକ ଏବଂ ସିଏସଆଇଆର-ଇନଷ୍ଟିଚ୍ୟୁଟଅଫମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମଏମଟି) ଦ୍ୱାରା ମିଳିତ ଭାବରେ ଭୁବନେଶ୍ୱର ସ୍ଥିତ ସିଏସଆଇଆର -ଆଇଏମଏମଟି ଅଡିଟୋରିୟମରେ ଏମଏସଏମଇ ଅଭିନବ ଯୋଜନା ଅଧୀନରେ ବୌଦ୍ଧିକ ସମ୍ପତ୍ତି ଅଧିକାର (ଆଇପିଆର) ଉପରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଏମଏସଏମଇ, ଷ୍ଟାର୍ଟଅପ୍, ଉଦ୍ୟୋଗୀ, ଛାତ୍ରଛାତ୍ରୀ, ଅଧ୍ୟାପକ, ଶିକ୍ଷାନୁଷ୍ଠାନ, ଗବେଷଣା ଏବଂ ଅନ୍ୟାନ୍ୟ ବୃତ୍ତିଗତଙ୍କୁ ନେଇ ପ୍ରାୟ ୮୦୦ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। । ଏହି ଉଦଘାଟନୀ ଅଧିବେଶନରେ ଉଭୟ ଆୟୋଜକ ଦଳ ରନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ। କଟକ ଏମଏସଏମଇ-ଡିଏଫଓର ଉପନିର୍ଦ୍ଦେଶିକା ଶ୍ରୀମତୀ ନୀତୀଶା ମାନ ସ୍ୱାଗତ ଭାଷଣ ଦେବା ସହିତ ଏମଏସଏମଇ ଅଭିନବ ଯୋଜନା ଏବଂ ଏହାର ବିଭିନ୍ନ ଉପାଦାନ ବିଷୟରେ ବୁଝାଇଥିଲେ । ଏମଏସଏମଇ-ଡିଏଫଓ, କଟକ, ଯୁଗ୍ମନିର୍ଦ୍ଦେଶକ ଏବଂ ଏଚଓଓଶ୍ରୀପି.କେଗୁପ୍ତା,ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରବା ସହିତ ଏମଏସଏମଇ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଏସଆଇଆର -ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ଡ. ଏଲ.ଡି. ବେଶ୍ରା ଏବଂ ଡ. ବିଭୁରଞ୍ଜନ ନାୟକ ଏମଏସଏମଇ, ଷ୍ଟାର୍ଟଅପ୍ ଏବଂ ଅନ୍ୟ ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ସିଏସଆଇଆର -ଆଇଏମଏମଟିର ବିଭିନ୍ନ କାର୍ଯ୍ୟ କଳାପ ଉପରେ ସେମାନଙ୍କର ମତାମତ ଏବଂ ପର୍ଯ୍ୟବେକ୍ଷଣ କରିଥିଲେ ଏବଂ ନବୋନ୍ମେଷ ଏବଂ ଆଇପିଆରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସିଏସଆଇଆର -ଆଇଏମଏମଟିର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ ଏହି ଦିନିକିଆ ସଚେତନତା କାର୍ଯ୍ୟକ୍ରମରେ ଉଦ୍ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ।

# ବାରିପଦାରେ ହାଇଟେକ୍‌ର ୩ ଦିନିଆ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର, (ସବ୍ୟ) : ବାରିପଦା ଠାରେ ଭାରତୀୟ ସେନା ବାଲେଶ୍ୱର ମୁଖ୍ୟାଳୟ ଓ ଜିଲ୍ଲା ପ୍ରଶାସନ ବାରିପଦା ସହଯୋଗରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ପରାମର୍ଶ ଶିବିର କନ୍‌ଭେଣ୍ଟ ରୋଡ୍, ଷ୍ଟେସନ୍ ବଜାର ଆଶୀର୍ବାଦ ଛକ ନିକଟସ୍ଥ ବିବାହ ମଣ୍ଡପ ଠାରେ ୩ ଦିନ ଧରି ଅୟୋଜିତ ହୋଇଛି । ଏହି ଶିବିରରେ ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ସହ ସ୍ୱତନ୍ତ୍ର ଭାବେ ଚକ୍ଷୁ ଓ ଦନ୍ତ ପରୀକ୍ଷା ନିମନ୍ତେ ମୋବାଇଲ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଥିଲା । ଶିବିରକୁ ମୁଖ୍ୟ ଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ଏବଂ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶିବିର ପରିଦର୍ଶନ କରି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ସିଇଓ ଶୁରେଶ କୁମାର ପାଣିଗ୍ରାହୀଙ୍କର ଏଭଳି ମହାନ୍ କାର୍ଯ୍ୟକୁ ନେଇ ପ୍ରଶଂସା କରିଥିଲେ । ୩ ଦିନ ବ୍ୟାପୀ ଏହି ଶିବିରରେ ୫୫୦୦ରୁ ଉର୍ଦ୍ଧ୍ୱ ଲୋକ ନିଜର ଚିକିତ୍ସା କରାଇଛନ୍ତି । ପୂର୍ବତନ ସୈନିକ, ବୀର ନାରୀ, ବୀର ମାତା, ବିଧବା ଏବଂ ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା । ସ୍ୱତନ୍ତ୍ର ଅତିଥି ଲେଫଟନାଣ୍ଟ ଜେନେରାଲ ପି.ଏସ୍. ଶେଖାୱତଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲାବେଳେ ଶତାଧିକ ସେନା ଅଧିକାରୀ ଓ ସେମାନଙ୍କର ସପରିବାରେ ସ୍ୱାସ୍ଥ୍ୟ ଚିକିତ୍ସା କରାଇଥିଲେ । ପରବର୍ତ୍ତୀ ସମୟରେ ଆଶାୟୀ ରୋଗୀମାନଙ୍କର ହାଇଟେକ୍ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବେ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ସିଇଓ ଶୁରେଶ କୁମାର ପାଣିଗ୍ରାହୀ ପ୍ରତିଶୃତି ଦେଇଛନ୍ତି ।

## ବିଦେଶୀ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇ ପାରନ୍ତି ଓଡ଼ିଶାର ୫ ଲକ୍ଷ ଛାତ୍ରଛାତ୍ରୀ

# ବେଦାନ୍ତର ପ୍ରସ୍ତାବିତ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସୁଯୋଗକୁ ହାତଛଡ଼ା କରିବା ଉଚିତ୍ ନୁହେଁ

ଭୁବନେଶ୍ୱର, (ସବ୍ୟ) : ବୁଧବାର ପ୍ରକାଶିତ ଏକ ନୂତନ ଶ୍ୱେତପତ୍ରରେ ୨୦୩୫ ସୁଦ୍ଧା ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଓଡିଶାରୁ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯିବାର ଆକଳନ କରାଯାଇଛି । ବିଶେଷଜ୍ଞଙ୍କ ମତରେ, ରାଜ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଉଚ୍ଚଶିକ୍ଷା ଭିତିଭୂମି ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ଏହି ଧାରା ଏକ ବଡ଼ ଆର୍ଥିକ ଏବଂ ବୌଦ୍ଧିକ କ୍ଷତି ଘଟାଇପାରେ । ଶିକ୍ଷାସନ୍ଧାନ ଏବଂ ଦୈତାରୀ ନାୟକ ପ୍ରତିଷ୍ଠାନ ଅଫ୍ ଡେଭଲପମେଂଟ ଷ୍ଟଡିଜ୍ ଦ୍ୱାରା ଜେଏନୟୁ ଓଡ଼ିଶା ଆଲୁମିନି ଆସୋସିଏସନ୍ ସହାୟତାରେ ପ୍ରକାଶିତ ଏହି ରିପୋର୍ଟ ଉଲ୍ଲେଖ କରାଯାଇଛି । ଏକ ଦୃଢ଼ ଶିକ୍ଷା ଭିତିଭୂମି ନିଶ୍ଚିତ ଭାବରେ ଓଡ଼ିଶାକୁ ଆର୍ଥିକ ଏବଂ ସାମାଜିକ ଅଭିବୃଦ୍ଧି ଆଡ଼କୁ ପ୍ରେରଣା ଦେବା ପାଇଁ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ, ଶିକ୍ଷାସନ୍ଧାନର ଅଧ୍ୟକ୍ଷ ପ୍ରଫେସର ଜତୀନ୍ଦ୍ର ନାଏକ କହିଛନ୍ତି । ପ୍ରାଥମିକ ଶିକ୍ଷାରେ ଉନ୍ନତି ସତ୍ତ୍ୱେ , ଉଚ୍ଚଶିକ୍ଷାରେ ଓଡ଼ିଶାର ମୋଟ ନାମଲେଖା ଅନୁପାତ (ଜିଇଆର) ମାତ୍ର ୨୨.୧% ଅଛି, ଯାହା ଜାତୀୟ ହାର ୨୮.୪% ଠାରୁ ବହୁତ କମ୍ ଏବଂ ଚଣ୍ଡିଗଡ଼ (୬୪.୮%), ପୁଡୁଚେରୀ (୬୧.୫%), ଦିଲ୍ଲୀ (୪୯%), ତାମିଲନାଡୁ (୪୭%), କେରଳ (୪୧.୩%), ରାଜସ୍ଥାନ (୨୮%), ମଧ୍ୟପ୍ରଦେଶ (୨୮%) ଭଳି ରାଜ୍ୟଠାରୁ ପଛରେ ଅଛି । ଉଚ୍ଚ-ଗୁଣବତା ସମ୍ପନ୍ନ, ବହୁବିଧ ଶିକ୍ଷାନୁଷ୍ଠାନର ଅଭାବ ଛାତ୍ରଛାତ୍ରୀମାନଙ୍କୁ ବେଙ୍ଗାଲୁରୁ, ପୁନେ ଏବଂ ଦିଲ୍ଲୀ ଭଳି ମହାନଗରଗୁଡ଼ିକ କ୍ରମାଗତ ଭାବରେ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରାସିହିତ କରିବା ସହିତ ପୁଞ୍ଜି ପ୍ରବାହ, ମସ୍ତିଷ୍କ ନିଷ୍କାସନ ଏବଂ ଘରେ କର୍ମଶକ୍ତି ଅଭାବକୁ ତ୍ୱରାନ୍ୱିତ କରୁଛି । ଶ୍ୱେତପତ୍ର ରାଜ୍ୟର ହୃଦୟରେ ଥିବା ପ୍ରସ୍ତାବିତ ବେଦାନ୍ତ ୱାଟରଫ୍ରଂଟ ଶିକ୍ଷା ନଗରୀକୁ ଏକ ରଣନୈତିକ ସମାଧାନ ଭାବରେ ଉଜ୍ଜ୍ୱଳ କରିଛି ଯାହା ଛାତ୍ରଛାତ୍ରୀମାନଙ୍କୁ ଘର ପାଖରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପ୍ରଦାନ କରି ପାରିବ । ପ୍ରାୟ ୧୫,୦୦୦ କୋଟି ଟଙ୍କାର ନିବେଶ ଏବଂ ୨,୦୦,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆତିଥ୍ୟ ଦେବାର କ୍ଷମତା ସହିତ, ଏହି ପଦକ୍ଷେପ ଭାରତର ବିଶ୍ୱ ଶିକ୍ଷା ପରିଦୃଶ୍ୟକୁ ପୁନଃଆକୃତି ଦେବାର ପ୍ରତିଶ୍ରୁତି ଦିଏ । ଶିକ୍ଷା ନଗରୀରେ ଏକ ବହୁବିଧ ବିଶ୍ୱବିଦ୍ୟାଳୟ, ବିଶ୍ୱସ୍ତରୀୟ ଗବେଷଣା ଏବଂ ବିକାଶ ଏବଂ ନବସୃଜନ କେନ୍ଦ୍ର, ଏକ ଅତ୍ୟାଧୁନିକ ହସ୍ପିଟାଲ ସହିତ ଏକ ପ୍ରମୁଖ ମେଡିକାଲ୍ ସ୍କୁଲ, ସମ୍ମିଳନୀ ସ୍ଥାନ, ଉନ୍ନତ ଔଷଧ ଗବେଷଣା ସୁବିଧା ଏବଂ ଏକ ଆଧୁନିକ ଷ୍ଟାଡିୟମ ସହିତ ଏକ ଅତ୍ୟାଧୁନିକ କ୍ରୀଡା କମ୍ପ୍ଲେକ୍ସ ରହିବ । ଜେଏନୟୁ ଓଡ଼ିଶାର ପୂର୍ବତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଡକଟର ମାନସ ନନ୍ଦ କହିଛନ୍ତି, ପୁରୀ ଏପରି ଏକ ବିଶ୍ୱବିଦ୍ୟାଳୟ ପାଇଁ ଏକ ଆଦର୍ଶ ସ୍ଥାନ ଭାବରେ ଉଭା ହୋଇଛି, ଯାହା ଏହାର ଆଧ୍ୟାତ୍ମିକ ଏବଂ ଭୌଗୋଳିକ ଗୁରୁତ୍ୱ ଏକ ପରିବର୍ତ୍ତନକାରୀ ପ୍ରତିଷ୍ଠାନ ପାଇଁ ଏହାର ଉପଯୁକ୍ତତାକୁ ଆହୁରି ବୃଦ୍ଧି କରେ । ବିଶେଷଜ୍ଞମାନେ ସୁପାରିଶ କରିଛନ୍ତି ଯେ ଦେଶରେ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ପ୍ରତିଷ୍ଠାନ ସୃଷ୍ଟି କରି, ଓଡ଼ିଶା ଏହି ପ୍ରତିଭାକୁ ବଜାୟ ରଖିବା, ଅନ୍ତର୍ଜାତୀୟ ଛାତ୍ରମାନଙ୍କୁ ଆକର୍ଷିତ କରିବା ଏବଂ ୨୦୩୫ ସୁଦ୍ଧା ଜ୍ଞାନ, ଗବେଷଣା ଏବଂ ନବସୃଜନର ଏକ ପ୍ରମୁଖ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠା କରିବାର ସୁଯୋଗ ପାଇବ । ଶ୍ୱେତପତ୍ରରେ ରାଜ୍ୟ ନେତୃତ୍ୱକୁ ଶିକ୍ଷା, ଗବେଷଣା, ଶିଳ୍ପ ଏବଂ ସାମାଜିକ ଅନ୍ତର୍ଭୁକ୍ତି ପାଇଁ ଏକ ପରିବର୍ତ୍ତନଶୀଳ କେନ୍ଦ୍ର ଭାବରେ ପରିକଳ୍ପିତ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ନିର୍ଣ୍ଣାୟକ କାର୍ଯ୍ୟ କରିବାକୁ ସୁପାରିଶ କରାଯାଇଛି ।




ଡକ୍ଟର ଈଶ୍ୱର ଚନ୍ଦ୍ର ନାୟକ, ପ୍ରତିଷ୍ଠାତା, ଦୈତାରୀ ନାଏକ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଭଲପମେଂଟ ଷ୍ଟଡିଜ୍ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଓଡ଼ିଶା, ସମାଜବିଜ୍ଞାନର ସହକାରୀ ପ୍ରଫେସର, ଯୋଗଦେଇ କହିଛନ୍ତି, ଓଡ଼ିଶା ଅପାର ସୁଯୋଗର ଦ୍ୱାରଦେଶରେ ଠିଆ ହୋଇଛି ଏବଂ ଆମର ଯୁବପିଢ଼ିଙ୍କୁ ନିଜକୁ ପ୍ରସ୍ତୁତ କରିବା ପାଇଁ ସର୍ବୋତମ ସୁଯୋଗ ଦିଆଯିବା ଆବଶ୍ୟକ ବେଦାନ୍ତର ପରିବର୍ତ୍ତନଶୀଳ ପ୍ରକଳ୍ପ ପୁରୀ-ଭୁବନେଶ୍ୱର କରିଡରରେ ସହରୀକରଣକୁ ପ୍ରୋତ୍ସାହିତ କରିବା ସହିତ ଶିକ୍ଷାଗତ, ପ୍ରଶାସନିକ, ଆତିଥ୍ୟ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।
ଏପରି ଏକ ପ୍ରକଳ୍ପ ଓଡ଼ିଶା ପାଇଁ କିପରି ସମାନ ଭାବରେ ଉତ୍ପ୍ରେରକ ହୋଇପାରେ । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଆଂଚଳିକ ଶିକ୍ଷା ସଂସ୍ଥାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ କହିଛନ୍ତି, ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ବିଶିଷ୍ଟ ବିଶ୍ୱବିଦ୍ୟାଳୟ-ନଗରରେ ନିବେଶ କରିବା ଦ୍ୱାରା ଓଡ଼ିଶାକୁ ଜ୍ଞାନ, ନବସୃଜନ ଏବଂ ସୃଜନଶୀଳତାର କେନ୍ଦ୍ରରେ ପରିଣତ କରିବାର ସମ୍ଭାବନା ରହିଛି । ଶ୍ୱେତପତ୍ର ନୀତି ନିର୍ଦ୍ଧାରକ, ସମାଜସେବୀ ଏବଂ ଘରୋଇ ଅଂଶୀଦାରମାନଙ୍କୁ ଏହି ସୁଯୋଗର ଦ୍ୱାରକୁ ହାତଛଡ଼ା କରିବାକୁ ଏବଂ ଓଡ଼ିଶାକୁ ଏକ ବିଶ୍ୱ ଶିକ୍ଷା ଗନ୍ତବ୍ୟସ୍ଥଳ ଭାବରେ ସ୍ଥାପନ କରିବାକୁ ଆହ୍ୱାନ କରୁଛି । ସଠିକ୍ ନିବେଶ ଏବଂ ନେତୃତ୍ୱ ସହିତ, ରାଜ୍ୟ ଏହାର ଯୁବପିଢ଼ିକୁ ବଜାୟ ରଖିପାରିବ, ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିପାରିବ ଏବଂ ଗବେଷଣା, ନବସୃଜନ ଏବଂ ଉଦ୍ୟୋଗରେ ଅଭିବୃଦ୍ଧିର ନୂତନ ଇଞ୍ଜିନଗୁଡ଼ିକୁ ଅନଲକ୍ କରିପାରିବ - ରାଜ୍ୟକୁ ଆଗାମୀ ପିଢ଼ି ପାଇଁ ଜ୍ଞାନ, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ଏକ ସ୍ପନ୍ଦନଶୀଳ କେନ୍ଦ୍ରରେ ପରିଣତ କରିପାରିବ ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କ ୩% ବଢ଼ିବ ଡିଏ



ନୂଆଦିଲ୍ଲୀ: କେନ୍ଦ୍ର ସରକାର ସାରା ଦେଶରେ ୧.୨ କୋଟିରୁ ଅଧିକ ସରକାରୀ କର୍ମଚାରୀ ଓ ପେନସନରଙ୍କୁ ଆଶ୍ୱସ୍ତ କରିଛନ୍ତି। ସରକାର କର୍ମଚାରୀଙ୍କୁ ମହଙ୍ଗା ଭତ୍ତା (ଡିୟରନେସ ଆଲାଉନ୍ସ) ଓ ମହଙ୍ଗା ରିହାତି(ଡିୟରନେସ୍ ଆଲାଉନ୍ସ) ୩% ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ବୃଦ୍ଧି ଜୁଲାଇ ୨୦୨୫ରୁ ଲାଗୁ କର୍ମଚାରୀଙ୍କ ବେତନରେ ଲାଗୁ ହେବ। ଏଣୁ ୩ ମାସର ବକେୟା ରାଶି କର୍ମଚାରୀଙ୍କୁ ଏରିୟରରେ ମିଳିବ।

ସରକାରଙ୍କ ଏହି ବେତନ ସଂଶୋଧନ ପରେ କର୍ମଚାରୀଙ୍କ ଡିଏ ୫୫%ରୁ ବଢ଼ି ୫୮% ହୋଇଯିବ। ଗତବର୍ଷ ମଧ୍ୟ ଅକ୍ଟୋବରରେ ସରକାର କର୍ମଚାରୀଙ୍କ ବେତନ ବୃଦ୍ଧି କରିଥିଲେ। ଏଥର ମଧ୍ୟ ଏହି ନିଷ୍ପତ୍ତି ଦୀପାବଳି ପୂର୍ବରୁ ନିଆଯିବ। ଏଣୁ ଏହାକୁ କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନରଙ୍କ ଲାଗି ଦୀପାବଳି ଉପହାର ମନେ କରାଯାଉଛି। ଲେବର ବ୍ୟୁରୋ ଅନୁସାରେ ଜୁଲାଇ ୨୦୨୪ରୁ ଜୁନ ୨୦୨୫ ମଧ୍ୟରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ହାରାହାରି ୧୪୩.୬ ରହିଛି। ଏହି ଆଧାରରେ କେନ୍ଦ୍ରୀୟ କର୍ମଚାରୀଙ୍କ ବେତନରେ ୩% ଡିଏ ବୃଦ୍ଧି ହୋଇଛି।

ଏହି ଡିଏ ବୃଦ୍ଧି ପରେ ଯେଉଁ କର୍ମଚାରୀଙ୍କ ବେତନ ୫୦,୦୦୦ ଟଙ୍କା ଥିଲା ସେମାନଙ୍କୁ ଅତିରିକ୍ତ ୧,୫୦୦ ଟଙ୍କା ମିଳିବ। ସେହିପରି ଯେଉଁମାନଙ୍କ ବେତନ ୩୦,୦୦୦ ସେମାନେ ୯୦୦ ଟଙ୍କାର ବେତନ ବୃଦ୍ଧି ପାଇବେ। ଏହି ଅଭିବୃଦ୍ଧି ସପ୍ତମ ବେତନ କମିଶନଙ୍କ ଶେଷ ବୃଦ୍ଧି ହେବ। କାରଣ ଏହି ବେତନ ଆୟୋଗଙ୍କ କାର୍ଯ୍ୟକାଳ ୩୧ ଡିସେମ୍ବର ୨୦୨୫ରେ ଶେଷ ହେବ। ଏହା ପରେ ଅଷ୍ଟମ ବେତନ ଆୟୋଗ ଲାଗୁ ହେବ। ତେବେ ଏହି ଆୟୋଗଙ୍କ ଟର୍ମସ୍ ଅଫ ରେଫରେନ୍ସ ଓ ସଦସ୍ୟଙ୍କ ନିଯୁକ୍ତି ଏପର୍ଯ୍ୟନ୍ତ ହୋଇ ନାହିଁ। ଏଣୁ ଏହି ଆୟୋଗଙ୍କ ସୁପାରିଶ ୨୦୨୭ ଶେଷ ଅଥବା ୨୦୨୮ ପ୍ରାରମ୍ଭରେ ଲାଗୁ ହେବ।

# ଭାରତର ସମ୍ବିଧାନକୁ ନେଇ ଗର୍ବ ଅନୁଭବ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ନେପାଳ ବର୍ତ୍ତମାନ ରାଜନୈତିକ ଏବଂ ସାମାଜିକ ସଙ୍କଟ ସହିତ ସଂଘର୍ଷ କରୁଛି। ସୋମବାର ଆରମ୍ଭ ହୋଇଥିବା ଜେନ୍-ଜି ବିପ୍ଳବ ତୃତୀୟ ଦିନରେ ଟିକେ ଥଣ୍ଡା ପଡ଼ିଥିଲେ ବି ଶେଷ ହୋଇନାହିଁ। ସେନା ରାସ୍ତାକୁ ଓହ୍ଲାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସୋମବାର ଆରମ୍ଭ ହୋଇଥିବା ଏହି ହିଂସା ମଙ୍ଗଳବାର ଆହୁରି ତୀବ୍ର ହୋଇଥିଲା। ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେବା ସହ ତାଙ୍କ ଦଳର ଅନେକ ନେତା ଇସ୍ତଫା ଦେଇ ସରକାରୀ ବାସଭବନ ଛାଡ଼ିଥିଲେ। ନେପାଳରେ ଏଭଳି ସରକାର ବିରୋଧୀ ପ୍ରଦର୍ଶନ ଚାଲିଥିବା ବେଳେ ଭାରତର ସମ୍ବିଧାନକୁ ନେଇ ଗର୍ବ ଅନୁଭବ କରିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର. ଗଭାଇ। ଆମେ ଆମର ସମ୍ବିଧାନ ପାଇଁ ଗର୍ବିତ। ସମସ୍ତେ ଦେଖୁଥିବେ ଯେ, ପଡୋଶୀ ଦେଶ ନେପାଳରେ କ'ଣ ଘଟୁଛି" ବୋଲି କହିଥିଲେ ପ୍ରଧାନ ବିଚାରପତି ବିଆର ଗବାଇ। ଏହା ଶୁଣି ଜଷ୍ଟିସ୍ ବିକ୍ରମ ନାଥ୍ କହିଥିଲେ, "ବାଂଲାଦେଶରେ ମଧ୍ୟ।" ବିଧାନସଭାଗୁଡ଼ିକ ଦ୍ୱାରା ଗୃହୀତ ବିଲ୍ଗୁଡ଼ିକର ସମାଧାନ ପାଇଁ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବେ କି ନାହିଁ, ସେ ନେଇ ଶୁଣାଣି ସମୟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏଭଳି କହିଥିଲେ।

ଏହା ଶୁଣି ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟ୍ଟା ମଧ୍ୟ ବିତର୍କରେ ଅଂଶଗ୍ରହଣ କରିଥିଲେ। ସମ୍ବିଧାନର ଶକ୍ତି ଉପରେ ଗୁରୁତ୍ୱାରୋପ କରି ସେ ଭାରତରେ ଘୋଷଣା କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ଉଲ୍ଲେଖ କରିଥିଲେ। ତୁଷାର ମେହେଟ୍ଟା କହିଥିଲେ, "ଯେତେବେଳେ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ, ଜନତା ତାଙ୍କୁ ଏପରି ଶିକ୍ଷା ଦେଇଥିଲେ ଯେ, କେବଳ



କଂଗ୍ରେସ କ୍ଷମତାରୁ ହଟିନଥିଲା, ବରଂ ଇନ୍ଦିରା ଗାନ୍ଧୀ ମଧ୍ୟ ତାଙ୍କର ଆସନ ହରାଇଥିଲେ। ଏହା ପରେ ଆଉ ଏକ ସରକାର ଆସିଲା, କିନ୍ତୁ ଯେତେବେଳେ ଏହା ଜନସାଧାରଣଙ୍କୁ ସମ୍ଭାଳି ପାରିଲା ନାହିଁ, ସେହି ଜନତା ଇନ୍ଦିରା ଗାନ୍ଧୀଙ୍କୁ ପୁଣି କ୍ଷମତାକୁ ଆଣିଥିଲେ। ଏହା ଆମ ସମ୍ବିଧାନର ଶକ୍ତି। ଏହା ଏକ ରାଜନୈତିକ ଯୁକ୍ତି ନୁହେଁ, ବରଂ ସତ୍ୟ।

ଉଲ୍ଲେଖଯୋଗ୍ୟ, ଗତ ଗୁରୁବାର ଅନୁଷ୍ଠିତ ବୈଠକରେ ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗ, ମନ୍ତ୍ରାଳୟର ଅଧିକାରୀ, ନେପାଳ ଟେଲିକମ୍ୟୁନିକେସନ୍ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଟେଲିକମ୍ ଅପରେଟର ଏବଂ ଇଣ୍ଟରନେଟ୍ ସେବା ପ୍ରଦାନକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସମସ୍ତ ଅଣପଞ୍ଜିକୃତ ପ୍ଲାଟଫର୍ମଗୁଡ଼ିକୁ ତୁରନ୍ତ ପ୍ରଭାବରୁ ନିଷିଦ୍ଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ, ନେପାଳରେ ୱାଇବର, ଟିକଟକ, ଭିଟକ ଏବଂ ନିମ୍ବୁଜ ଭଳି ପ୍ଲାଟଫର୍ମ ପଞ୍ଜିକୃତ ଅଛନ୍ତି । ଅନ୍ୟପଟେ ଫେସବୁକ, ହ୍ୱାଟ୍ସଆପ ଓ ଏକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ଏପର୍ଯ୍ୟନ୍ତ ପଞ୍ଜିକରଣ କରିନାହାନ୍ତି। ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ସ୍ପଷ୍ଟ କରିଥିଲା ଯେ, ଏହି ନିଷେଧ ସାରା ଦେଶରେ ଲାଗୁ ହେବ।

ଏହି ପ୍ରତିବନ୍ଧକ ଫେସବୁକ୍, ମେସେଞ୍ଜର, ଇନଷ୍ଟାଗ୍ରାମ, ୟୁଟ୍ୟୁବ୍, ହ୍ୱାଟସଆପ୍, ଟ୍ୱିଟର, ଲିଙ୍କଡିନ୍, ସ୍ନାପଚାଟ୍, ରେଡ୍ଡିଟ୍, ପିଣ୍ଟରେଷ୍ଟ, ସିଗନାଲ, ଥ୍ରେଡ୍ସ, ୱିଚାଟ୍, କ୍ୱାରା, ଟମ୍ବଲର ସମେତ ଅନ୍ୟାନ୍ୟ ପ୍ରମୁଖ ସୋସିଆଲ ମିଡିଆ ପାଇଁ ଲାଗୁ କରାଯାଇଥିଲା। ଏହା ପରେ ରାସ୍ତାକୁ ଓହ୍ଲାଇଥିଲେ ଜେନ୍-ଜି। ବିରୋଧ ପ୍ରଦର୍ଶନ ତୀବ୍ର ହେବା ସହ ପ୍ରତିବାଦକାରୀ ସଂସଦ ଭବନ ସମେତ ସମସ୍ତ ସରକାରୀ ବାସଭବନକୁ ଜାଳି ଦେଇଥିଲେ। ବିକ୍ଷୋଭକାରୀଙ୍କ ଏକ ଦଳ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଝଲନାଥ ଖାନଲଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ଖାନଲଙ୍କ ପତ୍ନୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ହୋଇଥିଲା।

## ରାହୁଲଙ୍କ ରାୟବରେଲୀ ଗସ୍ତକୁ ଯୋଗୀ ମନ୍ତ୍ରୀଙ୍କ ବିରୋଧ

ରାୟବରେଲୀ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବୁଧବାର ତାଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ରାୟବରେଲୀ ଗସ୍ତରେ ପହଞ୍ଚିଛନ୍ତି। ଏହା ତାଙ୍କର ଦୁଇ ଦିବସୀୟ ଗସ୍ତ କାର୍ଯ୍ୟକ୍ରମ। ତେବେ ତାଙ୍କର ଏହି ଗସ୍ତକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଦିନେଶ ପ୍ରତାପ ସିଂହ ସମର୍ଥକଙ୍କ ସହ ପହଞ୍ଚି ବିରୋଧ କରିଛନ୍ତି। ରାହୁଲ ଗାନ୍ଧିଙ୍କ ରାସ୍ତାକୁ ଅବରୋଧ କରି ଯୋଗୀଙ୍କ ମନ୍ତ୍ରୀ ସଡ଼କ ଉପରେ ବସି ଯାଇଥିଲେ। ତେବେ ତାଙ୍କୁ ବୁଝାସୁଝା କରିବା ପରେ ରାହୁଲଙ୍କ ଗାଡି ଆଗକୁ ଗଡିଥିଲା।

ରାହୁଲ ଗାନ୍ଧିଙ୍କ ରାସ୍ତାରେ ରାଜ୍ୟ ମନ୍ତ୍ରୀଙ୍କ ଏପରି ପ୍ରଦର୍ଶନ ପୋଲିସ ଓ ପ୍ରଶାସନକୁ କିଛି ସମୟ ପର୍ଯ୍ୟନ୍ତ ଅକଳରେ ପକାଇଥିଲା। ଫଳରେ ରାହୁଲଙ୍କ ଯାତ୍ରା ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ରାସ୍ତାରେ ଅଟକି ରହିଥିଲା। ରାହୁଲ ଲକ୍ଷ୍ନୌରୁ ରାୟବରେଲୀ ଆସିବା ବେଳେ ହରଚନ୍ଦପୁର କ୍ଷେତ୍ରର ଗୁଲୁପୁର ନିକଟରେ ଦିନେଶ ପ୍ରତାପ ଓ ତାଙ୍କ ସମର୍ଥକମାନେ ରାସ୍ତା ଅବରୋଧ କରିଥିଲେ। ଦିନେଶ ପ୍ରତାପ ସିଂହ ଓ କାର୍ଯ୍ୟକର୍ତ୍ତା ଲକ୍ଷ୍ନୌ-ପ୍ରୟାଗରାଜ ହାଇୱେକୁ ଅବରୋଧ କରିଥିଲେ।

ରାହୁଲଙ୍କ ଗାଡି ପଛକୁ ଫେରିନଥିଲା। ଏଣୁ ବିଜେପି କାର୍ଯ୍ୟକର୍ତ୍ତାମାନେ ଉତକ୍ଷିପ୍ତ ହୋଇ ପଡିଥିଲେ। ତେବେ ମନ୍ତ୍ରୀ କାର୍ଯ୍ୟକର୍ତ୍ତାଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଦିନେଶ ସିଂହ କହିଥିଲେ ଯେ ରାହୁଲ ଗାନ୍ଧିଙ୍କୁ କ୍ଷମା ଯାଚନା କରିବା ଉଚିତ। ବିହାରରେ ରାହୁଲ ଉପସ୍ଥିତ ଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ମାଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରାଯାଇଥିଲା। ମନ୍ତ୍ରୀ କହିଥିଲେ ଯେ ଏହା ସମାଜ ନିମନ୍ତେ କୌଣସି ପ୍ରକାର ଉଚିତ ନୁହେଁ। ରାଜ୍ୟ ସରକାରଙ୍କ ମନ୍ତ୍ରୀଙ୍କ ବିରୋଧ ଯୋଗୁ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ତେବେ ପରେ ପ୍ରଦର୍ଶନକାରୀ ରାସ୍ତା ଅବରୋଧ ଆନ୍ଦୋଳନରୁ ଓହରି ଯାଇଥିଲେ। ରାହୁଲ ଗାନ୍ଧି ୨ ଦିବସୀୟ ନିର୍ବାଚନମଣ୍ଡଳି ଗସ୍ତରେ ଆସିଛନ୍ତି। ଏଥି ପାଇଁ ସେ ଲକ୍ଷ୍ନୌ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ରାଜ୍ୟ କଂଗ୍ରେସ ପକ୍ଷରୁ ରାହୁଲଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଠାରୁ ରାହୁଲ ସଡ଼କ ମାର୍ଗରେ ରାୟବରେଲୀ ଗସ୍ତରେ ଯାଇଛନ୍ତି।

# ସେନା ନିୟନ୍ତ୍ରଣରେ ନେପାଳ

ନୂଆଦିଲ୍ଲୀ : ଦୁଇ ଦିନ ଧରି ସାଂଘାତିକ ପୋଡ଼ାଜଳା ଓ ଭଙ୍ଗାରୁଜା ପରେ ନେପାଳ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ରାଜଧାନୀ କାଠମାଣ୍ଡୁ ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରେ ଏବେ ଅପେକ୍ଷାକୃତ ଶାନ୍ତି ପ୍ରତିଷ୍ଠା ହୋଇଛି। ଆଜି କୌଣସି ବଡ଼ଧରଣର ହିଂସାକାଣ୍ଡ ଏଯାଏ ଦେଖାଯାଇ ନାହିଁ। ଜେନ ଜେଡ ବିକ୍ଷୋଭକାରୀଙ୍କ ଚାପରେ ପ୍ରଧାନମନ୍ତ୍ରୀ ପଦରୁ କେପି ଶର୍ମା ଓଲି ଇସ୍ତଫା ଦେଇ ସାରିଛନ୍ତି। ଏଥିସହ ଦେଶ ଛାଡ଼ି ଚାଲି ଯାଇଛନ୍ତି। ନେପାଳରେ ଶାସନର ପରିବର୍ତ୍ତନ ହୋଇ ସାରିଛି।

ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇଥିବାରୁ ଏବେ ପୂରା ନେପାଳ ସେନା ନିୟନ୍ତ୍ରଣରେ ରହିଛି। ସେନା ବାହିନୀ ସହରରେ ବୁଲି ଲୋକଙ୍କୁ ଶାନ୍ତି ବଜାୟୀ ରଖିବାକୁ କହିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ କଟକଣା ଲାଗି ଥିବା ବେଳେ ସନ୍ଧ୍ୟା ୬ଟାରୁ ଆସନ୍ତାକାଲି ସକାଳ ଯାଏ ପୂରା ନେପାଳରେ କର୍ଫ୍ୟୁ ଲାଗୁ କରାଯିବ। ଲୋକଙ୍କୁ ଘରୁ ବାହାରିବାକୁ ବାରଣ କରାଯାଇଛି।



ନେପାଳ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ବେଳେ ଦେଶର ଜେନ ଜେଡ ଆନ୍ଦୋଳନକାରୀମାନେ ଏକାଧିକ ରାଜନୀତିକ ଓ ସାମାଜିକ ଦାବି ଉପସ୍ଥାପନ କରିଛନ୍ତି। ସରକାରୀ ନୀତିରେ ବ୍ୟାପକ ସଂସ୍କାର ସହ ଗତ ୩ ଦଶନ୍ଧି ଧରି ରାଜନେତାମାନେ କରିଥିବା ସମ୍ପତ୍ତି ଲୁଟର ନିରପେକ୍ଷ ତଦନ୍ତ ପାଇଁ ସେମାନେ କହିଛନ୍ତି।

ଜେନ ଜେଡ ବିକ୍ଷୋଭକାରୀଙ୍କ ପକ୍ଷରୁ କୁହାଯାଇଛି ଯେ ଶାସନ ପରିବର୍ତ୍ତନ ଆନ୍ଦୋଳନ ବେଳେ ଜୀବନ ହରାଇଥିବା ଲୋକଙ୍କୁ ବିଧିବଦ୍ଧ ଭାବେ ସହିଦର ମାନ୍ୟତା ଦିଆଯାଉ। ସେମାନଙ୍କ ପରିବାର ଲୋକଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରିଲିଫ ମିଳୁ। ବେକାରୀ, ପଳାୟନ ରୋକିବା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ମଧ୍ୟ ବିକ୍ଷୋଭର ଆୟୋଜନକାରୀମାନେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

ଜେନ ଜେଡ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଏହି ବିପ୍ଳବ କୌଣସି ଦଳ କିମ୍ବା ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ। ବରଂ ଏହା ପୂରା ପିଢ଼ି ଓ ଦେଶର ଭବିଷ୍ୟତ ପାଇଁ। ଶାନ୍ତି ଅପରିହାର୍ଯ୍ୟ। କିନ୍ତୁ ଏହା ଗୋଟିଏ ନୂଆ ରାଜନୀତିକ ବ୍ୟବସ୍ଥା ଦ୍ୱରା ହିଁ ସମ୍ଭବ।" ବିକ୍ଷୋଭକାରୀ ଆଶା କରିଛନ୍ତି ଯେ ରାଷ୍ଟ୍ରପତି ଓ ନେପାଳ ଆର୍ମି ସେମାନଙ୍କ ପ୍ରସ୍ତାବଗୁଡ଼ିକୁ ସକାରାତ୍ମକ ଭାବେ ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରିବେ।

### ପ୍ରମୁଖ ଦାବି

୧- ତୁରନ୍ତ ସଂସଦ ଭଙ୍ଗ କରାଯାଉ। କାରଣ ବର୍ତ୍ତମାନର ଲୋକପ୍ରତିନିଧି ଲୋକଙ୍କ ଆସ୍ଥା ହରାଇଛନ୍ତି।
୨- ଦେଶର ସମ୍ବିଧାନକୁ ସଂଶୋଧନ କରାଯାଉ କିମ୍ବା ପୁଣି ଏହାକୁ ସାଧାରଣ ଲୋକ, ବିଶେଷଜ୍ଞ ଓ ଯୁବଗୋଷ୍ଠୀଙ୍କ ପରାମର୍ଶକ୍ରମେ ଲେଖାଯାଉ।
୩- କିଛି ସମୟର ବ୍ୟବଧାନ ପରେ ଦେଶରେ ନିର୍ବାଚନ ଆୟୋଜନ ହେଉ।
୪- ସିଧାସଳଖ ନିର୍ବାଚିତ କାର୍ଯ୍ୟନିର୍ବାହୀ ନେତୃତ୍ୱର ପ୍ରତିଷ୍ଠା କରାଯାଉ।
୫- ଗତ ୩ ଦଶନ୍ଧି ମଧ୍ୟରେ ଲୁଟ କରାଯାଇଥିବା ସମସ୍ତ ସମ୍ପତ୍ତିର ଯାଞ୍ଚ ହେଉ।

## ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ନିଜ ଇଟାଲୀ ସମକକ୍ଷ ଜର୍ଜିଆ ମେଲୋନୀଙ୍କ ସହ କଥାବର୍ତ୍ତା କରିଛନ୍ତି । ଭାରତ ଓ ୟୁରୋପୀୟ ୟୁନିୟନ ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ବୁଝାମଣା ଉପରେ ଚର୍ଚ୍ଚା କରିଛନ୍ତି । ଏହାସହ ୟୁକ୍ରେନ ସଂଘର୍ଷକୁ ଶେଷ କରିବା ଉପାୟ ସହ ଭାରତ-ମଧ୍ୟପୂର୍ବ-ୟୁରୋପ ଆର୍ଥିକ କରିଡରର କ୍ରିୟାନ୍ୱୟନ ଉପରେ ଆଲୋଚନା କରିଛନ୍ତି ।



ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଜର୍ଜିଓ ମେଲୋନୀଙ୍କ ସହ ଭଲ ଆଲୋଚନା ହୋଇଛି । ଆମେ ଭାରତ-ଇଟାଲୀ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ଦୋହରାଇଛୁ । ଏହାସହ ୟୁକ୍ରେନ ବିବାଦ ସମାପ୍ତ କରିବାରେ ମିଳିତ ଆଗ୍ରହ ପ୍ରକାଶ କରିଛୁ । ଭାରତ-ୟୁରୋପୀୟ ସଂଘ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ଉପରେ ଆଧାରିତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢାଇବା ଏବଂ IMEEC ପଦକ୍ଷେପ ଅଧୀନରେ ଯୋଗାଯୋଗକୁ ପ୍ରୋତ୍ସାହିତ କରିବାରେ ଇଟାଲୀର ସକ୍ରିୟ ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ମେଲୋନୀଙ୍କୁ ଧନ୍ୟବାଦ ଜଣାଇଛି ।

ଭାରତ ଓ ୟୁରୋପୀୟ ସଂଘ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ବୁଝାମଣା (ଏଫଟିଏ)କୁ ଚୂଡ଼ାନ୍ତ ରୂପ ଦେବା ଉପରେ ବିଚାର କରୁଛନ୍ତି । ଉଭୟ ପକ୍ଷ ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ୧୩ତମ ପର୍ଯ୍ୟାୟ ଆଲୋଚନା ହେବ । ଭାରତ ଓ ୟୁରୋପୀୟ ସଂଘ ଆଠ ବର୍ଷରୁ ଅଧିକ ସମୟ ବ୍ୟବଧାନ ପରେ ୨୦୨୨ ଜୁନରେ ଏଫଟିଏ ପାଇଁ ଆଲୋଚନା ଆରମ୍ଭ କରିଥିଲେ । IMEEC ଯୋଜନାକୁ ୨୦୨୩ରେ ଦିଲ୍ଲୀରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀ ବେଳେ ଚୂଡ଼ାନ୍ତ ରୂପ ଦିଆଯାଇଥିଲା ।

## କ୍ୟାବିନେଟ୍ ଅନୁମୋଦନ: ବିହାର ପାଇଁ ୪,୪୪୭.୩୮ କୋଟି ମଞ୍ଜୁର

ନୂଆଦିଲ୍ଲୀ,:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି, ବିହାରରେ ବକ୍ସର-ଭାଗଲପୁର ହାଇ-ସ୍ପିଡ୍ କରିଡର ଅନ୍ତର୍ଗତ ୪-ଲେନ୍ ଗ୍ରୀନଫିଲ୍ଡ ଆକ୍ସେସ-ନିୟନ୍ତ୍ରିତ ମୋକାମା-ମୁଙ୍ଗର ସେକ୍ସନ ନିର୍ମାଣକୁ ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚଏଏମ୍) ରେ ମଞ୍ଜୁରୀ ଦେଇଛିଛ ପ୍ରକଳ୍ପର ମୋଟ ଲମ୍ବ ୮୨.୪ କିଲୋମିଟର ହେବା ସହ, ଅନୁମାନିତ ବ୍ୟୟ ୪,୪୪୭.୩୮ କୋଟି ଟଙ୍କା ହେବ । ଏହି ଅଂଶଟି ମୋକାମା, ବାରହିୟା, ଲଖିସରାଇ, ଜମାଲପୁର, ମୁଙ୍ଗେର ଭଳି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସହର ଦେଇ ଗତି କରିବ କିମ୍ବା ସଂଯୋଗ ପ୍ରଦାନ କରିବ, ଯେପରି ଅନୁବନ୍ଧ-୧ ରେ ପ୍ରଦତ୍ତ ମାନଚିତ୍ରରେ ଦର୍ଶାଯାଇଛି ।

ପୂର୍ବ ବିହାରର ମୁଙ୍ଗେର-ଜମାଲପୁର-ଭାଗଲପୁର ଅଞ୍ଚଳ ଏବେ ଦ୍ରୁତଗତିରେ ଏକ ପ୍ରମୁଖ ଶିଳ୍ପ କ୍ଷେତ୍ର ଭାବରେ ଉଦୟମାନ ହେଉଛି । ଏହି ବନ୍ଧୁକ କାରଖାନା ସହ, ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବିତ ଅସ୍ତ୍ର କାରଖାନା, ଜମାଲପୁରରେ ଥିବା ଲୋକୋମୋଟିଭ୍ କାରଖାନା, ମୁଙ୍ଗେରରେ ଆଇଟିସି ଭଳି ଖାଦ୍ୟ ପ୍ରକ୍ରିୟାକରଣ ଇଉନିଟ୍ ସହିତ ଲଜିଷ୍ଟିକ୍ସ ଏବଂ ଭଣ୍ଡାରଣ କେନ୍ଦ୍ରଗୁଡ଼ିକ ଏହି କ୍ଷେତ୍ରର ଆର୍ଥିକ ଶକ୍ତିକୁ ବଢ଼ାଇଛି । ଭାଗଲପୁରୀ ରେଶମ ଓ ପ୍ରସ୍ତାବିତ ବୟନଶିଳ୍ପ ଇକୋ-ସିଷ୍ଟମ ଫଳରେ ଭାଗଲପୁର ଏକ ପ୍ରମୁଖ ବୟନଶିଳ୍ପ ଏବଂ ଲଜିଷ୍ଟିକ୍ସ ହବ୍ ଭାବରେ ଆଗକୁ ଆସୁଛି । ବାରହିଆ ମଧ୍ୟ ଖାଦ୍ୟ ପ୍ୟାକେଜିଂ, ପ୍ରକ୍ରିୟାକରଣ ଏବଂ କୃଷି-ଗୋଦାମ କେନ୍ଦ୍ର ଭାବରେ ଉଦୟମାନ ।

ଏହି ଅଞ୍ଚଳରେ ବଢୁଥିବା ଆର୍ଥିକ କାର୍ଯ୍ୟକଳାପ ଆଗାମୀଦିନରେ ମୋକାମା-ମୁଙ୍ଗେର ସେକ୍ସନରେ ମାଲ ପରିବହନ ଏବଂ ଯାତାୟାତକୁ ଆହୁରି ବିସ୍ତାର କରିବ ବୋଲି ଆଶା କରାଯାଉଛ । ଟୋଲ୍-ଟିକସ ବ୍ୟବସ୍ଥା ସହିତ ୪-ଲେନ୍ ପ୍ରବେଶ ନିୟନ୍ତ୍ରିତ କରିଡରଟି ୧୦୦ କି.ମି./ଘଣ୍ଟା ଡିଜାଇନ୍ ଗତିରେ ପ୍ରସ୍ତୁତ ହୋଇ, ହାରାହାରି ୮୦ କି.ମି./ଘଣ୍ଟା ଯାନବାହନ ଗତିକୁ ସମର୍ଥନ କରିବ । ଏହା ଫଳରେ ଯାତ୍ରା ସମୟ ପ୍ରାୟ ୧.୫ ଘଣ୍ଟା କମିବା ସହ, ଯାତ୍ରୀ ଏବଂ ମାଲବାହୀ ଯାନ ଉଭୟ ପାଇଁ ନିରାପଦ, ଦ୍ରୁତ ଓ ସୁଗମ ସଂଯୋଗ ଉପଲବ୍ଧ ହେବ ।

# ରୁଷ ଡ୍ରୋନ୍‌କୁ ଖସାଇଲା ପୋଲାଣ୍ଡ

ନୂଆଦିଲ୍ଲୀ: ପ୍ରଥମଥର ପାଇଁ ରୁଷ ବିରୋଧରେ ସାମାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୋଲାଣ୍ଡ। ରୁଷର ଏକାଧିକ ଡ୍ରୋନକୁ ଗୁଳି କରି ଖସାଇ ଦେଇଛି ୟୁକ୍ରେନର ପଡ଼ୋଶୀ ପୋଲାଣ୍ଡ। ବୁଧବାର ଭୋର ସମୟରେ ରୁଷର ଏକାଧିକ ଡ୍ରୋନ ୟୁକ୍ରେନରେ ହମଲା ପାଇଁ ପୋଲାଣ୍ଡ ଆକାଶ ପଥରେ ପ୍ରବେଶ କରିଥିଲେ। କିନ୍ତୁ ସେଗୁଡ଼ିକୁ ପୋଲାଣ୍ଡ ମାରି ଖସାଇ ଦେବାକୁ ସକ୍ଷମ ହୋଇଛି। ପୋଲାଣ୍ଡ ପକ୍ଷରୁ ଏନେଇ ସୂଚନା ଦିଆଯିବା ସହ ରୁଷ ସହ ତିକ୍ତତା ବଢ଼ିବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି।

ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କଙ୍କ କହିବା କଥା ଏକାଧିକ ଥର ଆକାଶ ପଥ ନିୟମକୁ ଉଲ୍ଲଙ୍ଘନ କରାଯିବାରୁ ଏପରି ସାମରିକ ପଦକ୍ଷେପ ନିଆଯାଇଛି। ରୁଷ ଡ୍ରୋନଗୁଡ଼ିକ ବିରୋଧରେ ଯୁଦ୍ଧାସ୍ତ୍ର ବ୍ୟବହାର ହୋଇଥିବା ସେ ନିଶ୍ଚିତ କରିଛନ୍ତି। ଏଥିସହ ନାଟୋ ମେଣ୍ଟର ମହାସଚିବଙ୍କୁ ମଧ୍ୟ ଘଟଣା ସମ୍ପର୍କର ଅବଗତ କରାଯାଇଥିବା ଟସ୍କ ସୂଚନା ଦେଇଛନ୍ତି।

ସେ କହିଛନ୍ତି, "ମୁଁ ନାଟୋ ମହାସଚିବଙ୍କୁ ବର୍ତ୍ତମାନର ସ୍ଥିତି ଓ ଆକାଶ ପଥ ନିୟମ ଉଲ୍ଲଙ୍ଘନ ପାଇଁ ଆମେ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଛି।" ପୋଲାଣ୍ଡ ସଶସ୍ତ୍ର ବଳ ପକ୍ଷରୁ ଏପରି ଅନୁପ୍ରବେଶକୁ ଆକ୍ରମଣାତ୍ମକ କାର୍ଯ୍ୟ ଓ ଏହା ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ଭଳି ପଦକ୍ଷେପ ବୋଲି କୁହାଯାଇଛି। ଏଥିସହ ପୋଲାଣ୍ଡ ପକ୍ଷରୁ ରୁଷର କୂଟନୀତିଜ୍ଞଙ୍କୁ ସମନ କରାଯାଇଛି।

ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ପୂରା ଅଞ୍ଚଳରେ ନାଟୋ ଯୁଦ୍ଧ ବିମାନଗୁଡ଼ିକୁ ସକ୍ରିୟ କରାଯାଇଥିବା ପୋଲାଣ୍ଡ ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି। ଯୁଦ୍ଧ ବିମାନଗୁଡ଼ିକ ଗର୍ଜନ କରି ପଇଁତର ମାରୁଛନ୍ତି ଓ ଏୟାର ଡିଫେନ୍ସ ସିଷ୍ଟମଗୁଡ଼ିକ ହାଇଆଲର୍ଟରେ ରହିଛନ୍ତି। ପୋଲାଣ୍ଡର ପୂର୍ବ ପ୍ରଦେଶର ପୋଡ୍ଲାସ୍କି, ମାଜୋୱିସ୍କି ଓ ଲୁବଲିନରେ ଡ୍ରୋନ ଅନୁପ୍ରବେଶ କରିଥିଲା। ତେଣୁ ସେହି ଅଞ୍ଚଳରେ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ଟେରିଟୋରିଆଲ ଡିଫେନ୍ସ ୟୁନିଟକୁ ମୁତୟନ କରାଯାଇଛି ଓ ଧ୍ୱଂସ ହୋଇଥିବା ଗୋଟିଏ ଡ୍ରୋନକୁ ମଧ୍ୟ ଜବତ କରାଯାଇଛି।

ରୁଷ ଓ ୟୁକ୍ରେନ ମଧ୍ୟରେ ୩ ବର୍ଷ ହେଲା ଯୁଦ୍ଧ ଚାଲିଥିଲେ ହେଁ ପଡ଼ୋଶୀ ପୋଲାଣ୍ଡ କେବେ ହେଲେ ବି ମସ୍କୋ ବିରୋଧରେ ସାମାରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ୟୁକ୍ରେନକୁ ପୋଲାଣ୍ଡ ପରୋକ୍ଷରେ ଲଜିଷ୍ଟିକ ସମର୍ଥନ ଦେଇଥିଲେ ହେଁ କେବେ ହେଲେ ରୁଷ ବିରୋଧରେ ଅସ୍ତ୍ର ପ୍ରୟୋଗ କରି ନଥିଲା। କିନ୍ତୁ ଏବେ ନିଜ ସୀମାରେ ପୋଲାଣ୍ଡ ପକ୍ଷରୁ ରୁଷ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପୋଲାଣ୍ଡ ନାଟୋ ଦେଶର ସଦସ୍ୟ ହୋଇଥିବାରୁ ରୁଷର ଯେକୌଣସି ପଦକ୍ଷେପ ସ୍ଥିତିକୁ ଭୟଙ୍କର କରିବାର ଆଶଙ୍କା ରହିଛି।

ଆମେରିକା ଓ ନାଟୋ ଅଧିକାରୀମାନେ କହିଛନ୍ତି ଯେ ଏୟାରସ୍ପେଶ ଉଲ୍ଲଙ୍ଘନ କରି ରୁଷ ଜାଣିଶୁଣି ଉତ୍ତେଜନା ସୃଷ୍ଟି କରିବାକୁ ଚାହୁଁଛି। ଏପରି ଉଲ୍ଲଙ୍ଘନ ଯୁଦ୍ଧ ସହ ସମାନ। ତେବେ ଏନେଇ ରୁଷ ପକ୍ଷରୁ କୌଣସି ପ୍ରକାରର ପ୍ରତିକ୍ରିୟା ଦିଆଯାଇ ନାହିଁ।

# ୧୫ ସାଂସଦ କରିଛନ୍ତି କ୍ରସ ଭୋଟିଂ

ନୂଆଦିଲ୍ଲୀ :ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ସି.ପି. ରାଧାକୃଷ୍ଣନଙ୍କ ବିଜୟ ସୁନିଶ୍ଚିତ ଥିଲା। ତେବେ ଇଣ୍ଡି ମେଣ୍ଟ ପ୍ରାର୍ଥୀଙ୍କୁ ଅସଲୀ ଝଟକା ନିଜ ଭୋଟ ବ୍ୟାଙ୍କରୁ ଲାଗିଛି। ବିରୋଧୀ ଦଳଙ୍କ ପ୍ରାର୍ଥୀ ବି.ସୁଦର୍ଶନ ରେଡ୍ଡୀଙ୍କୁ ମାତ୍ର ୩୦୦ଟି ଭୋଟ ମିଳିଛି। ତେବେ ବିରୋଧୀ ଦଳ ୩୧୫ ଭୋଟ ଆକଳନ କରିଥିଲେ। ଇଂରାଜୀ ସମ୍ବାଦପତ୍ର 'ଦି ଇକୋନମିକ୍ସ ଟାଇମ୍ସ' ମୁତାବକ ବି.ସୁଦର୍ଶନ ରେଡ୍ଡୀଙ୍କୁ ୩୧୫ରୁ ୩୨୪ଟି ଭୋଟ ମିଳିବ ବୋଲି ବିରୋଧୀ ଦଳଙ୍କର ଆକଳନଥିଲା।

ତେବେ ଭୋଟ ଗଣତି ଫଳାଫଳରୁ ବିରୋଧୀ ଦଳଙ୍କ ପଟରୁ ୧୫ଟି ଭୋଟ ଏନଡିଏ ଆଡକୁ ଯାଇଥିବା ଜଣାପଡିଛି। ତେବେ କିଛି ଭୋଟକୁ ଗଣନା ବେଳେ ଜାଣିଶୁଣି ଅବୈଧ ଘୋଷଣା କରାଯାଇଥିବାର ଅଭିଯୋଗ ହୋଇଛି। ଅନ୍ୟପଟେ ଫଳାଫଳ ଆସିବା ପରେ ବିରୋଧୀ ଦଳରେ ଏବେ 'ବିଶ୍ୱାସଘାତକ'ଙ୍କୁ ଖୋଜିବା ଆରମ୍ଭ ହୋଇଯାଇଛି। ଏଥିରେ ଆମ ଆଦମୀ ପାର୍ଟି, ଶିବସେନା (ୟୁବିଟି) ତଥା ଏନସିପି (ଶରଦ) ପାର୍ଟି ଉପରେ ସବୁଠୁ ଅଧିକ ଅଙ୍ଗୁଳି ଉଠୁଛି। ଏହା ଛଡା ରାଜସ୍ଥାନର ଜଣେ ସାଂସଦ ଓ ତାମିଲନାଡୁରୁ ମିଳିଥିବା ଭୋଟ ଉପରେ ମଧ୍ୟ ସନ୍ଦେହ କରାଯାଉଛି।




ଉପରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ହ୍ୱିପ୍ ଜାରି ହୋଇ ନଥାଏ। ଏଣୁ ସାଂସଦଙ୍କ ନିମନ୍ତେ କ୍ରସ ଭୋଟିଂ ସହଜ ହୋଇଛି।

ଭୋଟଦାନ ପରେ ପରେ କଂଗ୍ରେସ ସାଂସଦ ଜୟରାମ ରମେଶ ଏକ୍ସ ରେ ଲେଖିଥିଲେ ଯେ ବିରୋଧୀ ଦଳର ୧୦୦% ଉପସ୍ଥିତି ରହିଛି ଓ ୩୧୫ଟି ଭୋଟ ପଡିବ। ତେବେ ଫଳାଫଳ ଆସିବାର ଘଣ୍ଟାକ ମଧ୍ୟରେ ବିରୋଧୀଙ୍କ ମେଳି ଭୁଶୁଡିପଡିଥିବା ଦେଖାଯାଇଛି। ବିରୋଧୀ ଦଳ ଭାବୁଥିଲେ ଏହି ନିର୍ବାଚନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବିରୋଧୀଙ୍କ ଏକତାକୁ ପ୍ରଦର୍ଶନ କରିବ। କିନ୍ତୁ ଫଳାଫଳ ଓଲଟା ହୋଇଛି।

ଏହି ନିର୍ବାଚନରେ ମୋଟ ୭୮୧ ଭୋଟର ଥିଲେ। ଏମାନଙ୍କ ମଧ୍ୟରୁ ୭୬୭ ଭୋଟର ଭୋଟ ଦାନ କରିଛନ୍ତି। ଭୋଟ ଗଣନାରେ ୭୫୨ ବୈଧ ଓ ୧୫ଟି ଭୋଟ ଅବୈଧ ମିଳିଥିଲା। ଏହି ପରିଭାବେ କୌଣସି ପ୍ରାର୍ଥୀଙ୍କ ବିଜୟ ନିମନ୍ତେ ୩୭୭ଟି ଭୋଟର ଆବଶ୍ୟକତା ଥିଲା। ବିରୋଧୀ ଦଳଙ୍କ ପ୍ରାର୍ଥୀ ବି.ସୁଦର୍ଶନ ରେଡ୍ଡୀଙ୍କୁ କେବଳ ୩୦୦ଟି ପ୍ରଥମ ପସନ୍ଦ ଭୋଟ ମିଳିଛି।

## ମୁହଁ ଖୋଲିଲେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରଠାରୁ ଚୁପ ରହିଥିଲେ ଜଗଦୀପ ଧନଖଡ଼। ସେ ଏବେ ମୁହଁ ଖୋଲିଛନ୍ତି ଓ ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଧନଖଡ଼ କହିଛନ୍ତି ଯେ ସି.ପି.ରାଧାକୃଷ୍ଣନଙ୍କ 'ବିଶାଳ ଅନୁଭବ' କାରଣରୁ ଉପରାଷ୍ଟ୍ରପତି ପଦବୀ ଆହୁରି ଗୌରବାନ୍ୱିତ ହେବ। ଜୁଲାଇ ୨୧ ତାରିଖରେ ପଦରୁ ଇସ୍ତଫା ଦେବା ପରଠାରୁ ଧନଖଡ଼ଙ୍କ ଏହା ପ୍ରଥମ ସାର୍ବଜନିକ ବୟାନ।



ରାଧାକୃଷ୍ଣନଙ୍କୁ ଲେଖିଥିବା ପତ୍ରରେ ଧନଖଡ଼ କହିଛନ୍ତି ଯେ 'ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ତଥା ୬ଭାଗ ମାନବତାର ଘର ମନେ କରାଯାଉଥିବା ଭାରତର ଉପରାଷ୍ଟ୍ରପତି ଭାବେ ଆପଣଙ୍କ ନିର୍ବାଚନରେ ହାର୍ଦ୍ଦିକ ବଧାଇ'। ରାଧାକୃଷ୍ଣନଙ୍କୁ ଲେଖିଥିବା ପତ୍ରରେ ଧନଖଡ଼ କହିଛନ୍ତି ଯେ 'ଏହି ପ୍ରତିଷ୍ଠିତ ପଦକୁ ଆପଣଙ୍କ ପଦୋନ୍ନତୀ ଆମ ରାଷ୍ଟ୍ରର ପ୍ରତିନିଧିଙ୍କ ବିଶ୍ୱାସ ଓ ଭରସାକୁ ଦର୍ଶାଉଛି।' ସେ ଏହା ବି ଲେଖିଛନ୍ତି ଯେ ସାର୍ବଜନିକ ଜୀବନରେ ରାଧାକୃଷ୍ଣନଙ୍କ 'ବିଶାଳ ଅନୁଭବ'କୁ ଦେଖି ତାଙ୍କ ନେତୃତ୍ୱରେ ଏହି ପଦବୀ ନିଶ୍ଚିତ ରୂପେ ଆହୁରିଅଧିକ ସମ୍ମାନ ଓ ଗୌରବ ପ୍ରାପ୍ତ କରିବ।

ଜଗଦୀପ ଧନଖଡ଼ ଜୁଲାଇ ୨୧ ତାରିଖରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅଚାନକ ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କର ଏପରି ଆତର୍କିତ ପଦକ୍ଷେପ ଭାରତୀୟ ରାଜନୀତିକୁ ଦୋହଲାଇ ଦେଇଥିଲା। ତାଙ୍କର ଏପରି ଇସ୍ତଫାରେ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଇସ୍ତଫା ଦେବା ପରଠାରୁ ଧନଖଡ଼ ସମ୍ପୂର୍ଣ୍ଣ ନିରବ ଥିଲେ। ଏଣୁ ବିରୋଧୀ ଦଳ ତାଙ୍କ ନୂଆ ଠିକଣା ଓ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ କରିଥିଲେ। ସେ ଦୀର୍ଘ ସମୟ ଧରି ନିରବ ରହିବା ଘଟଣାରୁ ଅନେକ ପ୍ରକାରର ଆକଳନ କରାଯାଉଥିଲା। ଏବେ ତାଙ୍କ ପ୍ରତିକ୍ରିୟା ଆସିବା ପରେ ଏହା ଉପରେ ବିରାମ ଲାଗିଛି।

# ପାକ୍ ମନ୍ତ୍ରୀଙ୍କ ସହ ସୂର୍ଯ୍ୟ କୁମାରଙ୍କ ଭାବ ବିନିମୟ




ଆବୁଧାବୀ, ୧୦।୯ (ଏଜେନ୍ସି) : ଏସିଆ କପ୍ ଆରମ୍ଭ ହୋଇସାରିଛି । ଏହାର ଅବ୍ୟବହିତ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀର ଘଟଣା ପଡ଼ିଆ ଅପେକ୍ଷା ସୋସିଆଲ୍ ମିଡିଆରେ ଅଧିକ ଚର୍ଚ୍ଚା ସୃଷ୍ଟି କରିଛି । କାରଣ ଭାରତୀୟ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ପାକିସ୍ତାନ ଗୃହ ମନ୍ତ୍ରୀ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ଼ ସଭାପତି ମେହସିନ ନକଭିଙ୍କ ସହ ହାତ ମିଳାଇଥିଲେ । ନକ୍‌ଭି ହେଉଛନ୍ତି ସେହି ବ୍ୟକ୍ତି ଯିଏକି ଭାରତକୁ ବାରମ୍ବାର ପରମାଣୁ ଆକ୍ରମଣ ଧମକ ଦେଉଛନ୍ତି । ଏହି କାରଣରୁ ତାଙ୍କ ସହ ସୂର୍ଯ୍ୟ କୁମାର ହାତ ମିଳାଇବା ଭିଡିଓ ସାମ୍ନାକୁ ଆସିବା ମାତ୍ରେ ଲୋକେ ରାଗିଯାଇଛନ୍ତି ।

ଏସିଆ କପ୍‌ର ଅଫିସିଆଲ୍ ସାମ୍ବାଦିକ ସମ୍ମିଳନୀ ଆବୁଧାବୀରେ ହୋଇଥିଲା । ସମସ୍ତ ଦଳର ଅଧିନାୟକ ଏଥିରେ ଯୋଗ ଦେଇଥିଲେ । ଏସିଆ କ୍ରିକେଟ୍ କାଉନ୍‌ସିଲ୍ ସଭାପତି ମେହସିନ ନକ୍‌ଭି ମଧ୍ୟ ମଞ୍ଚକୁ ଆସିଥିଲେ । ଏହି ସମୟରେ ନକ୍‌ଭି ସୂର୍ଯ୍ୟ କୁମାର ଯାଦବଙ୍କୁ ସ୍ୱାଗତ କରିଥିଲେ । ଉଭୟ ହାତ ମିଳାଇଥିଲେ । ଏହି ମୁହୂର୍ତ୍ତ କ୍ୟାମେରାରେ ରେକର୍ଡ଼ ହୋଇଥିଲା । କିଛି ମିନିଟ୍ ମଧ୍ୟରେ ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଥିଲା । ଭାରତୀୟ ପ୍ରଶଂସକ ସୋସିଆଲ୍ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହାକୁ କ୍ରିକେଟ କୂଟନୀତି କହି ସମାଲୋଚନା କରିଛନ୍ତି । ମେହସିନ୍ ନକ୍‌ଭି ପାକିସ୍ତାନର ଗୃହ ମନ୍ତ୍ରୀ ଏବଂ ପିସିବି ସଭାପତି । ସେ ତାଙ୍କର ଭାରତ ବିରୋଧୀ ବୟାନ ପାଇଁ ବିଖ୍ୟାତ । ସେ ଅପରେସନ ସିନ୍ଦୂର ପରେ ମଧ୍ୟ ଭାରତ ବିରୋଧରେ ଜ୍ୱଳନ୍ତ ମନ୍ତବ୍ୟ ଦେଇଥିଲେ । ମଞ୍ଚରେ ଭାରତୀୟ ଅଧିନାୟକଙ୍କ ସହ ହାତ ମିଳାଇବା ପ୍ରଶଂସକଙ୍କୁ ବିରକ୍ତ କରିଥିଲା । ଅନେକ ପ୍ରଶଂସକ ଲେଖିଛନ୍ତି ଯେ ଆମେ ପହଲଗାମ ଆତଙ୍କୀ ଆକ୍ରମଣର ପୀଡ଼ିତ ପରିବାରକୁ କ୍ଷମା ମାଗିବା ଉଚିତ । ଯେତେବେଳେ ଆମ ସୈନିକମାନେ ସହୀଦ୍ ହେଉଛନ୍ତି, ଆମର ଖେଳାଳିମାନେ ପାକିସ୍ତାନୀ ନେତାଙ୍କ ସହ ହାତ ମିଳାଉଛନ୍ତି । କ୍ରିକେଟ କୂଟନୀତି ଅପେକ୍ଷା ଦେଶର ମର୍ଯ୍ୟାଦାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସୋସିଆଲ୍ ମିଡିଆରେ ଅପିଲ୍ କରାଯାଇଛି ।

# ଏସିଆ କପରେ ଭାରତର ଦମଦାର ଆରମ୍ଭ

ଦୁବାଇ, ୧୦।୯ (ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳ ଏସିଆ କପ୍ ରେ ନିଜର ଦମଦାର ଅଭିଯାନ ଆରମ୍ଭ କରିଛି । ସଂପୂର୍ଣ୍ଣ ଏକତରଫା ମୁକାବିଲାରେ ଭାରତ ୟୁଏଇକୁ ୯ ୱିକେଟ୍‌ରେ ହରାଇଛି । ୟୁଏଇ ଦ୍ୱାରା ଧାର୍ଯ୍ୟ ୫୮ ରନର ବିଜୟ ଲକ୍ଷ୍ୟକୁ ଭାରତ ୧ ୱିକେଟ୍ ହରାଇ ମାତ୍ର ୪.୩ ଓଭରରେ ହାସଲ କରି ନେଇଛି । ଅଭିଷେକ ଶର୍ମା ୩୦ ରନ କରିଥିବା ବେଳେ ଶୁଭମନ ଗିଲ୍ ୨୦ ରନ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭ ରନ କରି ଅପରାଜିତ ଥିଲେ । ଭାରତୀୟ ବିଜୟରେ କୁଲଦୀପ ଯାଦବ ଓ ଶିବମ ଦୁବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

୫୮ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ କ୍ରିଜକୁ ଓହ୍ଲାଇଥିବା ଦୁଇ ଓପନର ଅଭିଷେକ ଓ ଶୁଭମନ ଗିଲ୍ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ । ପ୍ରଥମ ବଲରୁ ହିଁ ଅଭିଷେକ ଛକା ମାରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଅଭିଷେକ ଓ ଗିଲ୍ ପ୍ରଥମ ୱିକେଟ୍ ପାଇଁ ୪୮ ରନ ଯୋଡ଼ିଥିଲେ । ଅଭିଷେକ ୧୬ ବଲ୍‌ରୁ ୨ ଚୌକା ଓ ୩ ଛକା ସହ ୩୦ ରନ କରିଥିଲେ । ଗିଲ୍ ୯ ବଲରୁ ୨୦ ରନ ଓ ସୂର୍ଯ୍ୟକୁମାର ଯାଦବ ୭ ରନ କରି ଅପରାଜିତ ଥିଲେ ।

**ୟୁଏଇ ବ୍ୟାଟିଂ**

ଏହା ପୂର୍ବରୁ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ । ପିଚ୍‌କୁ ଦେଖି ଭାରତ ଅର୍ଶଦୀପ ସିଂଙ୍କୁ ବସାଇ କୁଲଦୀପ ଯାଦବଙ୍କୁ ଖେଳାଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ପ୍ରଥମ ୱିକେଟ୍‌ରେ ୨୬ ରନ କରିଥିଲା । ଅଲିଶାନ ଶରାଫୁ ୧୭ ବଲରୁ ୨୨ ରନର ଚମତ୍କାର ବ୍ୟାଟିଂ କରିଥିଲେ । ତାଙ୍କୁ ବୋଲ୍ଡ କରିଥିଲେ ଯଶପ୍ରୀତ ବୁମରା । ଏହାପରେ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା ଦଳ । ଅଧିନାୟକ ମହମ୍ମଦ ୱାସିମ ୧୯ ରନ କରିଥିଲେ । ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଅନ୍ୟ ୯ ବ୍ୟାଟର ୫ ରନ ସ୍କୋର ପର୍ଯ୍ୟନ୍ତ ବି ପହଞ୍ଚି ପାରି ନ ଥିଲେ । କୁଲଦୀପ ଯାଦବ ଓ ଶିବମ ଦୁବେ ଚମତ୍କାର ବୋଲିଂ କରି ୟୁଏଇର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିବା ସହ ହାତ ଖୋଲିବାକୁ ସୁଯୋଗ ଦେଇ ନଥିଲେ । ଶେଷରେ ୧୩.୧ ଓଭରରେ ୟୁଏଇ ୫୭ ରନରେ ଅଲଆଉଟ୍ ହୋଇଛି । ବୋଲିଂରେ କୁଲଦୀପ ଯାଦବ ମାତ୍ର ୭ ରନ ଦେଇ ୪ ୱିକେଟ୍ ନେଇଛନ୍ତି । ଶିବମ ଦୁବେ ୨ ଓଭରରେ ୪ ରନ ଦେଇ ୩ଟି ସଫଳତା ପାଇଛନ୍ତି । ବୁମରା, ଅକ୍ଷର ଓ ବରୁଣ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି ।




# ହଂକଂ ଓପନ : ହାରିଲେ ସିନ୍ଧୁ

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି) : ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ହଂକଂ ଓପନ ସୁପର-୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ୩୨ ପର୍ଯ୍ୟାୟ ହର୍ଡଲ୍ସ ଅତିକ୍ରମ କରିପାରି ନାହାନ୍ତି । ଗତମାସ ବିଡବ୍ଲୁଏଫ୍ ବିଶ୍ୱ ଚାମ୍ପିଅନସିପ୍ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଯାଇଥିବା ସିନ୍ଧୁ ହଂକଂ ଓପନରେ ନିରାଶ କରିଛନ୍ତି । ମହିଳା ସିଙ୍ଗଲ୍ସ ରାଉଣ୍ଡ ୩୨ ମ୍ୟାଚ୍‌ରେ ସିନ୍ଧୁ ୨୧-୧୫, ୧୬-୨୧, ୧୯-୨୧ ଗେମ୍‌ରେ ଡେନ୍‌ମାର୍କର ଲାଇନ୍ ଖ୍ରୀଷ୍ଟୋଫର ସେନ୍‌ଙ୍କ ନିକଟରୁ ପରାଜିତ ହୋଇଛନ୍ତି । ପାଖାପାଖି ୧ଘଣ୍ଟା ଧରି ତୀବ୍ର ସଂଘର୍ଷ ଦେଖିବାକୁ ମିଳିଥିଲା । ପ୍ରଥମ ଥର ପାଇଁ ୨୫ ବର୍ଷୀୟା ଲାଇନ୍‌ଙ୍କଠାରୁ ସିନ୍ଧୁ ପରାଜିତ ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ୬ଥର ମ୍ୟାଚ୍ ଖେଳାଯାଇଛି । ୫ ଥର ସିନ୍ଧୁ ବିଜୟୀ ହୋଇଥିଲେ । ହଂକଂ ଓପନ୍‌ରେ ଏହି ଅଣସିଡେଡ୍ ଡେନ୍‌ମାର୍କର ଲାଇନ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇ ଆଗକୁ ବଢ଼ିଛନ୍ତି ।

ଦୁଇ ଓଡ଼ିଆ ଭଉଣୀ ରତ୍ନପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ହାରିଯାଇଛନ୍ତି । ପଣ୍ଡା ଭଉଣୀ ୧୭-୨୧, ୯-୨୧ ଗେମ୍‌ରେ ହଂକଂର ଓଇ କି ଭାନେସା ପାଙ୍ଗ ଏବଂ ସମ୍ ୟାଉ ୱଙ୍ଗଙ୍କ ନିକଟରୁ ମାତ୍ର ୨୮ ମିନିଟ୍ ମଧ୍ୟରେ ହାରିଯାଇଛନ୍ତି । ମିକ୍ସଡ୍ ଡବଲ୍ସରେ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଛି ଭାରତର ଧ୍ରୁବ କପିଲା ଓ ତନିସା କ୍ରାଷ୍ଟୋଙ୍କ ଯୋଡ଼ି ୧୬-୨୧, ୧୧-୨୧ ଗେମ୍‌ରେ ଚାଇନିଜ୍ ତାଇପେଇର ଚେନ ଚେଙ୍ଗ କୁଆନ ଓ ସୁ ୟିନ୍ ହୁଇଙ୍କ ନିକଟରୁ ମାତ୍ର ୩୧ ମିନିଟ୍ ମଧ୍ୟରେ ହାରିଯାଇଛନ୍ତି ।




# ୟୁଥ୍ ନ୍ୟାସନାଲ ପାରା ବ୍ୟାଡ୍‌ମିଣ୍ଟନ: ଓଡ଼ିଶାକୁ ୯ ପଦକ

ଭୁବନେଶ୍ୱର, ୧୦।୯ (ସବ୍ୟୁ) : ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ଦ୍ୱିତୀୟ ଜୁନିଅର ୟୁଥ୍ ନ୍ୟାସନାଲ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୯ ପଦକ ସଫଳତା ମିଳିଛି । ଏଥିରେ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ରହିଛି । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ଓଡ଼ିଶାର ସୌମ୍ୟରଞ୍ଜନ ମହାକୁଡ଼ ୧୭ ବର୍ଷରୁ କମ୍ ଏସଏଲ୍-୩ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ୧୯ ବର୍ଷରୁ କମ୍ ବର୍ଗରେ ସୌମ୍ୟରଞ୍ଜନ ବ୍ରୋଞ୍ଜ ପଦକ ହାତେଇଛନ୍ତି । ବିଭାସିନ୍ଧୁ ବାରିକ ୧୯ ବର୍ଷରୁ କମ୍ ଏସ୍‌ଏଲ୍-୩ ସିଙ୍ଗଲ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି ତଥା ହରିୟାଣାର କାର୍ତ୍ତିକ ସୁହାଗଙ୍କୁ ସାଥୀ କରି ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି । ୟୁଥ୍ ଏସ୍‌ଏଲ୍-୩ରେ ଆକାଶ ରଞ୍ଜନ ମୁଣ୍ଡା ସେମିଫାଇନାଲରେ ପରାଜିତ ହୋଇଥିବାରୁ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ୟୁଥ୍ ଡବଲ୍ସରେ ବିଭାସିନ୍ଧୁ ବାରିକ ବ୍ରୋଞ୍ଜ ଜିତିଛନ୍ତି । ୧୯ ବର୍ଷରୁ କମ୍ ଡବଲ୍ସ ଏସ୍‌ୟୁ-୫ରେ ଓଡ଼ିଶାର ଅଜୟ କୁମାର ପ୍ରଧାନ ଏବଂ ଆନ୍ଧ୍ରର ପାୟଲ ଗଣେଶ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ରାଣୀ ଗରଡିଆ ୟୁଥ୍ ଏସ୍‌ୟୁ-୫ ବର୍ଗର ସିଙ୍ଗଲ୍ସରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ।




ଓଡ଼ିଶା ପ୍ରତିନିଧିଙ୍କ ଉଚ୍ଚକୋଟିର ପ୍ରଦର୍ଶନ ସଫଳତା ପାଇଁ ସମସ୍ତ ଖେଳାଳି, କୋଚ୍ ଓ ସପୋର୍ଟିଂ ଷ୍ଟାଫ୍‌ଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

# ଜରିମାନା ଦେବେ ପୃଥ୍ୱୀ ଶ’

ମୁମ୍ବାଇ, ୧୦।୯ (ଏଜେନ୍ସି) : କ୍ରିକେଟର ପୃଥ୍ୱୀ ଶ’ଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ନିଜର ଅସଂଜତ ଆଚରଣ ଯୋଗୁ ଅଯଥା ହଟହଟା ହେବା ସହ ନିଜ କ୍ରିକେଟ କ୍ୟାରିଅର୍‌କୁ ଶେଷ ପର୍ଯ୍ୟାୟକୁ ଟାଣିଆଣିଛନ୍ତି । ମୁମ୍ବାଇର ଦିନଦୋଶୀ ସେସନ କୋର୍ଟ ତାଙ୍କ ଉପରେ ୧୦୦ ଟଙ୍କା ଜରିମାନା ଲଗାଇଛନ୍ତି । ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର ସ୍ୱପ୍ନା ଗିଲ୍‌ଙ୍କ ଦ୍ୱାରା ଦାୟର ହୋଇଥିବା ଆବେଦନ ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କୋର୍ଟ ପୂର୍ବରୁ ଶ’ଙ୍କୁ ଉତ୍ତର ଦାଖଲ କରିବାର ଶେଷ ସୁଯୋଗ ଦେଇଥିଲେ । କିନ୍ତୁ ତାଙ୍କ ପକ୍ଷରୁ କୌଣସି ଉତ୍ତର ମିଳି ନଥିଲା । ସମ୍ପୂର୍ଣ୍ଣ ମାମଲା ୨୦୨୩ ଫେବୃଆରୀର ।

ମୁମ୍ବାଇର ଅନ୍ଧେରୀ ଅଞ୍ଚଳରେ ଏକ ପବ୍‌ରେ ପୃଥ୍ୱୀ ଶ’ ଏବଂ ସ୍ୱପ୍ନା ଗିଲ୍‌ଙ୍କ ମଧ୍ୟରେ ବିବାଦ ହୋଇଥିଲା । ସ୍ୱପ୍ନା ଅଭିଯୋଗ କରିଛନ୍ତି ଯେ ତାଙ୍କର ଜଣେ ବନ୍ଧୁ ଶ’ଙ୍କୁ ସେଲ୍‌ଫି ନେବାକୁ କହିଥିଲେ । ଯାହାକୁ ଶ’ ମନାକରି ଫୋନ୍ ଛଡ଼ାଇ ନେଇ ଫିଙ୍ଗି ଦେଇଥିଲେ । ଏହାପରେ ସ୍ୱପ୍ନା ଗିଲ୍ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ । ଶ’ ଏବଂ ତାଙ୍କ ବନ୍ଧୁମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ସ୍ୱପ୍ନା କହିଛନ୍ତି, ଘଟଣା ପରେ ସେ ପୋଲିସ ଏଫ୍‌ଆଇଆର୍ ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ପୋଲିସ ମାମଲା ରୁଜୁ କରି ନଥିଲା । ଏହାପରେ ସେ ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟରେ ଏକ ଆବେଦନ ଦାୟର କରିଥିଲେ । ଏପ୍ରିଲ୍ ୨୦୨୩ରେ ମାଜିଷ୍ଟ୍ରେଟ୍ କୋର୍ଟ ସ୍ୱୀକାର କରିଥିଲେ ଯେ ଏଫ୍‌ଆଇଆର୍ ଦାୟର କରିବାରେ ବିଳମ୍ବ ହୋଇଥିଲା । କିନ୍ତୁ ଅଭିଯୋଗଗୁଡ଼ିକ ଗମ୍ଭୀର । ତେଣୁ ମାମଲାର ତଦନ୍ତ ଆବଶ୍ୟକ । ଶାନ୍ତାକ୍ରୁଜ୍ ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତ୍ତମାନ ସେସନ୍‌ସ କୋର୍ଟ ପୃଥ୍ୱୀଙ୍କ ବିରୋଧରେ ଶୁଣାଣି କରି ଜରିମାନା ଲଗାଇବା ସହ ପରବର୍ତ୍ତୀ ଶୁଣାଣିରେ ପୋଲିସ ତଦନ୍ତ ରିପୋର୍ଟ ଅନୁଯାୟୀ ଘୋଷଣା ହେବ ।

## ମହିଳା ଏସିଆ କପ ସୁପର ୪ ପର୍ଯ୍ୟାୟ

# କୋରିଆକୁ ଧରାଶାୟୀ କଲା ଭାରତ



ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି) : ମହିଳା ଏସିଆ କପର ସୁପର ୪ ପର୍ଯ୍ୟାୟରେ ଭାରତର ଧମାକାଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏହି ମ୍ୟାଚ୍‌ରେ ଭାରତ ୪-୨ ଗୋଲରେ କୋରିଆକୁ ହରାଇଛି । ବୈଷ୍ଣବୀ ଭିଥାଲ ଫାଲ୍‌କେ, ସଂଗୀତା କୁମାରୀ, ଲାଲ୍‌ରେମ୍‌ସିଆମି ଓ ଋତୁଜା ଦାଦାସୋ ପିସାଲ ଗୋଲ୍ କରିଥିଲେ । ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ଭାରତକୁ ପ୍ରଥମ ଗୋଲ ସଫଳତା ମିଳିଥିଲା । ବୈଷ୍ଣବୀ ଭିଥାଲ ଫାଲ୍‌କେ ଗୋଲ୍ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ଏହା ପରେପରେ ପ୍ରଥମ କ୍ୱାର୍ଟର ଶେଷ ହେବା ମଧ୍ୟରେ ଭାରତକୁ ୬ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା । ତଥାପି ଗୋଲ୍ ଦେବାକୁ ସଫଳ ହୋଇ ନଥିଲେ ଭାରତୀୟ ଖେଳାଳି । ଦ୍ୱିତୀୟ କ୍ୱାର୍ଟର ମଧ୍ୟ ଗୋଲ୍ ଶୂନ୍ୟ ରହିଥିଲା । ତେଣୁ ପ୍ରଥମାର୍ଦ୍ଧ ଖେଳ ୧-୦ ସ୍ଥିତିରେ ଶେଷ ହୋଇଥିଲା । ମ୍ୟାଚ୍‌ର ୩୨ତମ ମିନିଟ୍‌ରେ ସଂଗୀତା କୁମାରୀ ଗୋଲ୍ ଦେବାରୁ ବ୍ୟବଧାନ ୨-୦ ହୋଇଥିଲା । ତେବେ ଏହି ଗୋଲ୍‌ର ମାତ୍ର ୪୪ ସେକେଣ୍ଡ ମଧ୍ୟରେ କୋରିଆ ଗୋଲ୍ ସୁଝାଇଥିଲା । ୩୩ ମିନିଟ୍‌ରେ କିମ୍ ୟୁଜିନ୍ ଗୋଲ୍ କରିଥିଲେ । ତେବେ ୩୯ତମ ମିନିଟ୍‌ରେ ଲାଲ୍‌ରେମସିଆମିଙ୍କ ଗୋଲ୍ ଭାରତୀୟ ଶିବିରରେ ଖୁସି ଖେଳାଇ ଦେଇଥିଲା । ୫୨ତମ ମିନିଟ୍‌ରେ କୋରିଆର କିମ୍ ୟୁଜିନ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରି ବ୍ୟବଧାନକୁ ୩-୨ କରିଥିଲେ । ୫୯ତମ ମିନିଟ୍‌ରେ ଋତୁଜା ଦାଦାସୋ ପିସାଲ ଗୋଲ୍ ଦେବାରୁ ଭାରତ ୪-୨ ବ୍ୟବଧାନରେ ବିଜୟଲାଭ କରିଛି ।

# ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍ : ପଦକ ନିଶ୍ଚିତ କଲେ ନୁପୁର

ଲିଭରପୁଲ, ୧୦।୯ (ଏଜେନ୍ସି) : ବିଶ୍ୱ ବକ୍ସିଂ କପ୍ ଆସ୍ତାନା ସ୍ୱର୍ଣ୍ଣ ପଦକ ବିଜୟିନୀ ନୁପୁର ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ପଦକ ନିଶ୍ଚିତ କରିଛନ୍ତି । ସେ ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ପଦକ ଜିତିବେ । ବୁଧବାର ଲିଭରପୁଲ୍‌ରେ ଅନୁଷ୍ଠିତ ମହିଳା ୮୦ କିଗ୍ରାରୁ ଊର୍ଦ୍ଧ୍ୱ ବର୍ଗର କ୍ୱାର୍ଟର ଫାଇନାଲ୍‌ରେ ନୁପୁର ୪:୧ ବ୍ୟବଧାନରେ ଉଜ୍‌ବେକିସ୍ତାନର ଓଲ୍ଟିନୋଏ ସୋଟିମ ବୋଏଭାଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି । ନୁପୁର ପୂର୍ବରୁ ବିଶ୍ୱ ୟୁଥ୍ ବକ୍ସିଂରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଥିଲେ ।

ଭାରତର ମିନାକ୍ଷୀ ମହିଳା ୪୮ କିଗ୍ରା ବର୍ଗରେ ଚୀନ୍‌ର ୱାଙ୍ଗ କୁଇପିଙ୍ଗ ୫:୦, ଯଦୁମଣି ସିଂ ମନଦେଙ୍ଗବାମ ପୁରୁଷ ୫୦ କିଗ୍ରା ବର୍ଗରେ ଇଂଲଣ୍ଡର ରେସି ରିଡ୍‌ସଙ୍କୁ ୫:୦ ଏବଂ ଅବିନାଶ ଜାମୱାଲ ପୁରୁଷ ୬୫ କିଗ୍ରା ବର୍ଗରେ ଡୋମିନିକ୍ ରିପବ୍ଲିକ୍‌ର ପିଟର ୟୋନୋୱା ଫର୍ଣ୍ଣାଣ୍ଡୋ ଡି ଜିସସ୍‌ଙ୍କୁ ହରାଇଥିଲେ । ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ୨୦ ଜଣିଆ ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତାରେ ଭାରତ ବହୁ ସଂଖ୍ୟାରେ ପଦକ ଜିତିବାର ଆଶା ରହିଛି । ପ୍ରବଳ ପଦକ ଦାବିଦାର ବିଶ୍ୱ ଚାମ୍ପିଅନ୍ ନିଖତ ଜରିନ ମହିଳା ୫୧ କିଗ୍ରା, ଜାସ୍ମିନ ଲାମ୍ବୋରିଆ ମହିଳା ୫୭ କିଗ୍ରା, ପୂଜାରାଣୀ ମହିଳା ୮୦ କିଗ୍ରା ଏବଂ ଜାମଲ ପୁରୁଷ ୬୫ କିଗ୍ରା ବର୍ଗରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବେ ।




# ବ୍ୟାଡ଼ମିଣ୍ଟନରେ ସତ୍ୟବାଦୀର ଗୌରବ ତୁଳସୀ, ଦିବ୍ୟଜ୍ୟୋତି





ସାକ୍ଷୀଗୋପାଳ, (ସବ୍ୟୁ): ଜବାହର ବିଦ୍ୟାପୀଠ, ପିପିଲି ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀର ଦଶମ ଶ୍ରେଣୀର ଛାତ୍ରୀ ତୁଳସୀ ନାୟକ ଓ ନବମ ଶ୍ରେଣୀର ଛାତ୍ରୀ ଦିବ୍ୟଜ୍ୟୋତି ଦାସ ମିଳିତ ଭାବେ ଉକ୍ତ ପ୍ରତିଯୋଗିତାର ବାଳିକା ବିଭାଗରେ ବିଜୟୀ ହୋଇ ବ୍ଲକ ପାଇଁ ଗୌରବ ଆଣିଦେବାରେ ସକ୍ଷମ ହୋଇଛନ୍ତି । ଏଥିସହିତ ଉଭୟ ଛାତ୍ରୀ ପୁରୀ ଜିଲ୍ଲାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଅନ୍ୟପକ୍ଷରେ ନବମ ଶ୍ରେଣୀର ଛାତ୍ର ସୌମ୍ୟରଞ୍ଜନ ବାରିକ ଓ କିରଣ ପ୍ରସାଦ ପାଣି ଅନୁଷ୍ଠିତ ବାଳକ ବିଭାଗ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର ବାଳକ ବିଭାଗର ଅନ୍ତିମ ପ୍ରତିଯୋଗିତାରେ ଖୁବ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇ ଜିଲ୍ଲାରେ ଦିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ଅଧକ୍ଷ ବିଶ୍ୱନାଥ ପାଢ଼ୀ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# କେଟି ମେମୋରିଆଲ ଟୁର୍ଣ୍ଣାମେଣ୍ଟରେ ତେନ୍ଦୁଲକରଙ୍କ ଚମକ

ମୁମ୍ବାଇ, ୧୦।୯ (ଏଜେନ୍ସି) : ଦୀର୍ଘ ୭ମାସର ବ୍ୟବଧାନ ପରେ ଘରୋଇ କ୍ରିକେଟ୍‌ରୁ ଜମାଣିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅର୍ଜୁନ ତେନ୍ଦୁଲକର । କର୍ଣ୍ଣାଟକରେ ଚାଲିଥିବା କେଟି ମେମୋରିଆଲ ଟୁର୍ଣ୍ଣାମେଣ୍ଟରେ ଅର୍ଜୁନ ୫ ୱିକେଟ ଅକ୍ତିଆର କରି ଫର୍ମକୁ ଫେରିଛନ୍ତି । ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଅର୍ଜୁନ ତେନ୍ଦୁଲକରଙ୍କ ପାଇଁ ଏହା ଶୁଭ ସଙ୍କେତ ହୋଇଛି । ବାମହାତୀ ଦ୍ରୁତ ବୋଲର ଅର୍ଜୁନଙ୍କର ନିକଟରେ ସାନିଆ ଚାଦୋକଙ୍କ ସହ ନିର୍ବନ୍ଧ ହୋଇଥିଲା । ସାନିଆ ହେଉଛନ୍ତି ମୁମ୍ବାଇର ପ୍ରତିଷ୍ଠିତ ଶିଳ୍ପପତି ରବି ଘାଇଙ୍କ ନାତୁଣୀ । କେଟି ମେମୋରିଆଲ ଟୁର୍ଣ୍ଣାମେଣ୍ଟରେ ଅର୍ଜୁନ ଏକାକୀ ୫ ୱିକେଟ ଦଖଲ କରି ପ୍ରତିପକ୍ଷ ଦଳକୁ ଧରାଶାୟୀ କରିଥିଲେ ।




ଗତ ଅଗଷ୍ଟ ୧୩ ତାରିଖରେ ଅର୍ଜୁନ ତେନ୍ଦୁଲକର ଓ ସାନିଆ ଚାଦୋକଙ୍କ ନିର୍ବନ୍ଧ ହୋଇଥିଲା । ସାନିଆଙ୍କ ପରିବାର ହୋଟେଲ ଚଳାନ୍ତି । ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଆଇସକ୍ରିମ୍ ବ୍ୟବସାୟ ତାଙ୍କର ପ୍ରମୁଖ ସାଧନ । ନିର୍ବନ୍ଧ ପରେ ଅର୍ଜୁନଙ୍କ ଭାଗ୍ୟ ଚମକିଛି । ପ୍ରତ୍ୟାବର୍ତ୍ତନ ପରେ ପ୍ରଥମ ମ୍ୟାଚ୍‌ରେ ହିଁ ଅର୍ଜୁନ ତାଙ୍କ ପ୍ରତିଭା ଦେଖାଇଛନ୍ତି । ଅର୍ଜୁନ ଏପର୍ଯ୍ୟନ୍ତ ୧୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୩୭ ୱିକେଟ ନେଇଛନ୍ତି । ଏହା ବ୍ୟତୀତ ସେ ଲିଷ୍ଟ-ଏ’ରେ ୧୮ଟି ମ୍ୟାଚ୍ ଖେଳି ୨୫ ୱିକେଟ ନେଇଛନ୍ତି । ଟି-୨୦ରେ ସେ ୨୭ ୱିକେଟ ଅକ୍ତିଆର କରିଛନ୍ତି । ଏତଦ୍‌ବ୍ୟତୀତ ସେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ମଧ୍ୟ ଶତକ ହାସଲ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି